بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 4

ବାର୍ଷିକ ଦେୟ: ୫୦୦/-

ସାପ୍ତାହିକ

# ବଦର

The Weekly କାଦିଆନ

BADAR Qadian

ODIA

www.akhbarbadarqadian.in

ସଂଖ୍ୟା 1-2

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

3-10 ଜାନୁଆରୀ 2019   3-10 ସୁଲାହ୍ 1398 ହି.ଶ   26 ରବିଉଲ୍ ସାନି / 3 ଜମାଦିଲ୍ ଅୱ୍ୱଲ୍ 1440 ହି.କ


## ଅଲ୍ଲାଃତାଲାଙ୍କ ବାଣୀ

رَبَّنَا لَا تُزِغۡ قُلُوۡبَنَا بَعۡدَ اِذۡ هَدَیۡتَنَا

وَهَبۡ لَنَا مِنۡ لَّدُنۡكَ رَحۡمَةً

اِنَّكَ اَنۡتَ الۡوَهَّابُ

(سورۃ آل عمران:9)

**ଅନୁବାଦ** – ହେ ଆମମାନଙ୍କ ପାଳନକର୍ତା ! ତୁମ୍ଭେ ଆମମାନଙ୍କୁ ସତ୍‌ପଥଗାମୀ କରାଇବା ପରେ ଆମମାନଙ୍କ ହୃଦୟକୁ କୁଟୀଳ କରନାହିଁ ! ଏବଂ ତୁମ୍ଭ ନିକଟରୁ ଆମ୍ଭମାନଙ୍କୁ କରୁଣା ପ୍ରଦାନ କର ! ବାସ୍ତବରେ ତୁମ୍ଭେ ହିଁ ମହାନ୍ ଦାତା । (ଆଲେ ଇମ୍‌ରାନ୍:୯)

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ]କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

**ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ୍ ବାରିକ୍‌ଲନା ଫି'ଉମ୍‌ରିହି ୱ୍ ଅମ୍‌ରିହି ॥**

**ସୟଦ୍‌ନା ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ କହିଲେ:- କଶ୍‌ତିନୁହ୍‌ରେ ''ହମାରି ତାଲିମ୍'' (ଆମ ଶିକ୍ଷା) ବିଷୟରେ ଯେଉଁ ଅଂଶ ରହିଛି ତାହା ପ୍ରତ୍ୟେକ ଅହେମଦୀଙ୍କୁ ନିଶ୍ଚିତ ରୂପେ ପଢ଼ିବା ଆବଶ୍ୟକ ବରଂ ସମ୍ପୂର୍ଣ୍ଣ କଶ୍‌ତିନୁହ୍ (ପୁସ୍ତକଟି) ହିଁ ପଢ଼ିବା ଉଚିତ୍ ।**

ପବିତ୍ର କୋରାନ୍‌ରେ କେଉଁଠାରେ ଲେଖାଅଛି ଯେ ଧର୍ମପାଇଁ ଜୋର୍ ଜବରଦସ୍ତି କରାଯାଉ ବୋଲି ବରଂ ଅଲ୍ଲାଃତାଲା ପବିତ୍ର କୋରାନ୍‌ରେ କହୁଛନ୍ତି କି *ଲା ଇକ୍‌ରାହା ଫିଦ୍‌ଦୀନ୍* ଅର୍ଥାତ୍ ଧର୍ମ ସଂକ୍ରାନ୍ତରେ କୌଣସି ବାଧବାଧକତା ନାହିଁ

ଆଁ ହଜ୍‌ରତ୍ ସ:ଆ:ସଙ୍କ ସମୟରେ ଯେଉଁ ସମସ୍ତ ଯୁଦ୍ଧ କରାଯାଇଥିଲା ସେ ଯୁଦ୍ଧ ଗୁଡିକ ଧର୍ମକୁ ଜୋର୍ ଜବରଦସ୍ତି ପ୍ରସାର କରିବା ପାଇଁ କରାଯାଇନଥିଲା ବରଂ ତାହା ଦଣ୍ଡ ସ୍ୱରୂପ ଥିଲା ବା ନିଜର ଆତ୍ମରକ୍ଷା ନିମନ୍ତେ ଥିଲା ଅର୍ଥାତ୍ ଯେଉଁ ଲୋକମାନେ ଇସ୍‌ଲାମ୍‌କୁ ନିଃଶେଷ କରିଦେବା ପାଇଁ ଚେଷ୍ଟା କରୁଥିଲେ ସେମାନଙ୍କଠାରୁ ସୁରକ୍ଷା ପାଇବା ପାଇଁ ବା ଦେଶ ଭିତରେ ସ୍ୱାଧୀନତା ସୃଷ୍ଟି କରିବା ପାଇଁ ଯୁଦ୍ଧ କରାଯାଉଥିଲା । ଉପରୋକ୍ତ ତିନୋଟି କାରଣ ବ୍ୟତୀତ ଆଁ ହଜ୍‌ରତ୍ ସ:ଆ:ସ ଏବଂ ଆପଣଙ୍କ ପବିତ୍ର ଖଲିଫାମାନେ କୌଣସି ଯୁଦ୍ଧ କରିନାହାଁନ୍ତି ।

## କଶ୍‌ତିନୁହ୍ ପୁସ୍ତକରୁ ସୟଦ୍‌ନା ମସିହ୍ ମଉଦ୍ ଆ:ସଙ୍କ ନିତୀବାଣୀ

ଆପଣମାନଙ୍କ ବିଶ୍ୱାସ ମୁତାବକ ଯେଉଁ କାର୍ଯ୍ୟ ନିମନ୍ତେ ଇସା ଇବ୍‌ନେ ମରିୟମ୍ ଆକାଶରୁ ଆସିବେ ଅର୍ଥାତ୍ ସେ ମେହ୍‌ଦୀଙ୍କ ସହିତ ମିଶି ଲୋକମାନଙ୍କୁ ଜୋର୍ ଜବରଦସ୍ତି ମୁସଲ୍‌ମାନ୍ କରିବା ପାଇଁ ଯୁଦ୍ଧ କରିବେ । ଏହା ହେଉଛି ଏପରି ଏକ (କୁ) ବିଶ୍ୱାସ ଯାହା ଇସ୍‌ଲାମ୍‌କୁ ବଦ୍‌ନାମ୍ କରୁଅଛି । ପବିତ୍ର କୋରାନ୍‌ରେ କେଉଁଠାରେ ଏକଥା ଲେଖାହୋଇଛି କି ଧର୍ମ ପାଇଁ ବାଧ କରାଯାଏ ବରଂ ଅଲ୍ଲାଃତାଲା ପବିତ୍ର କୋରାନ୍‌ରେ ଏକଥା କହୁଛନ୍ତି *ଲା ଇକ୍‌ରାହ୍ ଫିଦ୍‌ଦୀନ୍* (ବକ୍‌ରା:୨୫୭) । ଅର୍ଥାତ୍ ଧର୍ମ ସମ୍ବନ୍ଧରେ କୌଣସି ବାଧବାଧକତା ନାହିଁ । ତେବେ ପୁଣି ମସିହ୍ ଇବ୍‌ନେ ମରିୟମ୍‌କୁ ଜବର୍ (ବାଧ କରିବାର) ଅଧିକାର କିପରି ଦିଆଯିବ । ଏପରିକି ଇସ୍‌ଲାମ୍ ଗ୍ରହଣ କରିବା ବ୍ୟତୀତ ବା ହତ୍ୟା ବ୍ୟତୀତ ଜିଜିୟା (କର) ମଧ୍ୟ ଗ୍ରହଣ କରିବେ ନାହିଁ । ଏପରି ଶିକ୍ଷା ପବିତ୍ର କୋରାନ୍‌ର କେଉଁ ସ୍ଥାନରେ, କେଉଁ ସିପାରାରେ ଏବଂ କେଉଁ ସୁରାରେ ଅଛି । [୧] ସାରା କୋରାନ୍ ବାରମ୍ବାର ଏକଥା କହୁଅଛି କି ଦୀନ୍ (ଧର୍ମ) ସମ୍ବନ୍ଧରେ କୌଣସି ବାଧନାହିଁ ଏବଂ ସ୍ୱଷ୍ଟ ରୂପେ ଏକଥା ପ୍ରକାଶ କରୁଅଛି କି ଆଁ ହଜ୍‌ରତ୍ ସ:ଆ:ସଙ୍କ ସମୟରେ ଯେଉଁ ଲୋକମାନଙ୍କ ସହିତ ଯୁଦ୍ଧ କରାଯାଇଥିଲା ସେହି ସମସ୍ତ ଯୁଦ୍ଧ ଧର୍ମକୁ ଜୋର୍ ଜବରଦସ୍ତି ପ୍ରଚାର କରିବା ପାଇଁ କରାଯାଉନଥିଲା । ବରଂ ଏହା ଦଣ୍ଡ ରୂପେ ଦିଆଯାଇଥିଲା ଅର୍ଥାତ୍ ସେହି ଲୋକମାନଙ୍କୁ ଦଣ୍ଡ ଦିଆଯିବାର ଥିଲା ଯେଉଁମାନେ ବହୁତ ସଂଖ୍ୟକ ମୁସଲ୍‌ମାନ୍ ମାନଙ୍କୁ ହତ୍ୟା କରିଥିଲେ ଏବଂ ଅନେକ ଲୋକଙ୍କୁ ନିଜ ଦେଶରୁ ବାହାର କରିଦେଇଥିଲେ ଏବଂ ଅତ୍ୟନ୍ତ ନିଷ୍ଠୁର ଅତ୍ୟାଚାର କରିଥିଲେ ଯେପରିକି ଅଲ୍ଲାଃତାଲା କହୁଛନ୍ତି *ଉଜିନା ନିଲ୍ଲଜିନା ୟୁକା ତନୁନା ବିଅନ୍ନହୁମ୍ ଜୁଲିମୁ ୱ୍ ଇନ୍ନଲ୍ଲାହା ଆଲା ନସ୍‌ରିହିମ୍ ଲକଦିର* (ହଜ:୪୦) ଅର୍ଥାତ୍ ଯେଉଁ ମୁସଲ୍‌ମାନଙ୍କ ସହିତ କୁଫାର୍ (ଅମାନ୍ୟକାରୀମାନେ ବିନା କାରଣରେ ଯୁଦ୍ଧ କରୁଛନ୍ତି, ସେହି ମୁସଲ୍‌ମାନ୍ ମାନଙ୍କୁ ମଧ୍ୟ ଯୁଦ୍ଧ କରିବା ପାଇଁ ଅନୁମତି ଦିଆଯାଉଅଛି । କାରଣ ସେମାନଙ୍କ ପ୍ରତି ଅତ୍ୟାଚାର କରାଯାଇଅଛି ଏବଂ ବାସ୍ତବିକ ଅଲ୍ଲାଃ ସେମାନଙ୍କୁ ସାହାଯ୍ୟ କରିବାକୁ ସମର୍ଥ ଏବଂ ସେହି ଯୁଦ୍ଧ ସବୁ ଆତ୍ମରକ୍ଷା ଓ ପ୍ରତିରକ୍ଷା ନିମନ୍ତେ କରାଯାଇଥିଲା । ଅର୍ଥାତ୍ ଯେଉଁ ଲୋକମାନେ ଇସ୍‌ଲାମ୍‌ର ମୁଳୋତ୍ପାଟନ କରିବା ପାଇଁ ଆଗକୁ ବଢୁଥିଲେ ବା ନିଜ ଦେଶରେ ଇସ୍‌ଲାମ୍‌ର ପ୍ରଚାର ପ୍ରସାରକୁ ରୋକିବା ପାଇଁ ଜୋର୍ ଜବରଦସ୍ତି ଅତ୍ୟାଚାର କରୁଥିଲେ ସେମାନଙ୍କଠାରୁ ନିଜକୁ ସୁରକ୍ଷାରେ ରଖିବା ପାଇଁ ବା ଦେଶ ଭିତରେ ସ୍ୱାଧୀନତା ସୃଷ୍ଟି କରିବା ନିମନ୍ତେ ଯୁଦ୍ଧ କରାଯାଉଥିଲା । ଉପରୋକ୍ତ ତିନିଗୋଟି ପରିସ୍ଥିତିକୁ ବାଦ ଦେଲେ ଆଁ ହଜ୍‌ରତ୍ ସ:ଆ:ସ ଏବଂ ତାଙ୍କ ପବିତ୍ର ଖଲିଫାମାନେ କୌଣସି ଯୁଦ୍ଧ କରିନାହାଁନ୍ତି ବରଂ ଇସ୍‌ଲାମ୍ ଅନ୍ୟ ଜାତି ଦ୍ୱାରା ଅତ୍ୟାଚାରକୁ ଏଭଳି ବର୍‌ଦାସ୍ତ କରିଛି ଯାହାର ଦୃଷ୍ଟାନ୍ତ ଅନ୍ୟ କୌଣସି ଧର୍ମରେ ମିଳେନାହିଁ । ପୁଣି ଏହି ଇସା ମସିହ୍ ଏବଂ ମେହ୍‌ଦୀ ସାହେବ୍ କିପରି ହେବେ ଯିଏ ଆସିବା କ୍ଷଣି ଲୋକମାନଙ୍କୁ ହତ୍ୟା କରିବା ଆରମ୍ଭ କରିଦେବେ । ଏପରିକି କୌଣସି ଅହ୍‌ଲେ କିତାବ୍ (ଯାହାଙ୍କୁ ଇଶ୍ୱର ଐଶ୍ୱରିକ ବିଧାନ ପ୍ରଦାନ କରିଛନ୍ତି)ଙ୍କ ଠାରୁ ଜିଜିୟା ଗ୍ରହଣ କରିବେ ନାହିଁ ଏବଂ ଆୟତ *ହତ୍‌ତା ୟୁତୁଲ୍ ଜିଜିୟତା ଅଇଁ ୟଦିଉଁ ୱ୍ହୁମ୍ ସାଗେରୁନ୍ (ତୌବା:୨୯)* ଅର୍ଥାତ୍ ସେପର୍ଯ୍ୟନ୍ତ ଯୁଦ୍ଧ କର ଯେପର୍ଯ୍ୟନ୍ତ ସେମାନେ ସ୍ୱେଚ୍ଛାରେ ଜିଜିୟା (କର) ନଦିଅନ୍ତି ଓ ତୁମମାନଙ୍କର ବଶ୍ୟତା ସ୍ୱୀକାର ନକରନ୍ତି, ଏହାକୁ ମଧ୍ୟ ମନ୍‌ସୁଖ୍ (ନିଃଶେଷ) ଘୋଷଣା କରିଦେବେ । ଏମାନେ ଇସ୍‌ଲାମ୍ ଧର୍ମର କିପରି ସାହାଯ୍ୟକାରୀ ହେବେ ଅର୍ଥାତ୍ ସେ ଆସିବା କ୍ଷଣି ହିଁ ପବିତ୍ର କୋରାନ୍‌ର ଉପରୋକ୍ତ ଆୟତ ଗୁଡିକୁ ମନ୍‌ସୁଖ୍ (ବ୍ୟର୍ଥ) କରିଦେବେ ଯାହା ଆଁ ହଜ୍‌ରତ୍ ସ:ଆ:ସଙ୍କ ସମୟରେ ମଧ୍ୟ ମନ୍‌ସୁଖ୍ ହୋଇନାହିଁ ଏବଂ ଏତେସବୁ ପରିବର୍ତନ ଦ୍ୱାରା ମଧ୍ୟ ଖତ୍‌ମେ ନବୁଓ୍ୱତ୍ (ନବୀଙ୍କ ମୋହର)ରେ କୌଣସି ଅସୁବିଧା ହେବନାହିଁ । ଏ ଯୁଗ ଯାହା ନବୀ (ସ:ଆ:ସଙ୍କ) ନବୁଓ୍ୱତ୍‌ର ଯୁଗକୁ ୧୩୦୦ ବର୍ଷ ବିତିଗଲାଣି ଏବଂ ଇସ୍‌ଲାମ୍ ନିଜେ ୭୩ ଫିର୍‌କାରେ ବିଭାଜିତ ହୋଇଗଲାଣି । ସଚ୍ଚା ମସିହ୍‌ଙ୍କର ଏ କାର୍ଯ୍ୟ ହେବା ଉଚିତ୍ କି ସେ ଯୁକ୍ତିଯୁକ୍ତି ପ୍ରମାଣ ଦେଇ ହୃଦୟ ଉପରେ ବିଜୟ ପାଉ ନା କି ତରବାରି ଦ୍ୱାରା ଏବଂ କୃଶ ପ୍ରଥାକୁ ବାସ୍ତବିକ ଓ ସଚ୍ଚା ପ୍ରମାଣ ଦ୍ୱାରା ଭାଙ୍ଗିଦେଉ ନା କି ରୂପା, ସୁନା, ପିତଳ ଓ କାଠରେ ନିର୍ମିତ କୃଷକୁ ଭାଙ୍ଗିବାରେ ଲାଗିପଡୁ । ଯଦି ତୁମେ ଜୋର୍ ଜବରଦସ୍ତି କରିବ ତେବେ ତାହା ଏଥିପାଇଁ ଯଥେଷ୍ଟ ପ୍ରମାଣ ହେବ କି ତୁମ ନିକଟରେ ନିଜ ସତ୍ୟତା ନିମନ୍ତେ କୌଣସି ପ୍ରମାଣ ନାହିଁ ।[୨]

*(କଶ୍‌ତିନୁହ୍‌ଁ, ରୁହାନି ଖଜାଏନ୍, ଖଣ୍ଡ-୧୯, ପୃଷ୍ଠା-୭୩-୭୫)*

(୧)ଯଦି କୁହ କି ଆରବ ବାସୀଙ୍କ ନିମନ୍ତେ ଏହି ନିର୍ଦ୍ଦେଶ ଥିଲା କି ଜୋର୍ ଜବରଦସ୍ତି ରୂପେ ମୁସଲ୍‌ମାନ କରାଯିବ (ତେବେ) ଏପରି ଧାରଣା ପବିତ୍ର କୋରାନ୍‌ରୁ କଦାପି ପ୍ରମାଣିତ ହୁଏନାହିଁ । ବରଂ ଏହା ପ୍ରମାଣ ହେଉଅଛି କି ଯେହେତୁ ଆରବ ବାସୀ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ଭୀଷଣ ଦୁଃଖ କଷ୍ଟ ଦେଇଥିଲେ ଏବଂ ତାଙ୍କୁ ଅନୁଯାୟୀ ମାନଙ୍କ ମଧ୍ୟରୁ ଅନେକ ପୁରୁଷ ମହିଳାମାନଙ୍କୁ ହତ୍ୟାକରିଥିଲେ ଏବଂ ବାକି ଲୋକମାନଙ୍କୁ ନିଜ ମାତୃଭୂମିରୁ ବାହର କରି ବିତାଡିତ କରିଥିଲେ । ତେଣୁ ସେହି ସମସ୍ତ ଲୋକମାନେ ଯେଉଁମାନେ ହତ୍ୟା ଅପରାଧରେ ଦୋଷୀ ସାବ୍ୟସ୍ତ ହୋଇଥିଲେ ବା ଏପରି ଅପରାଧ କରିଥିଲେ ଯଦ୍ୱାରା ସେମାନେ ସମସ୍ତେ ଇଶ୍ୱରଙ୍କ ଦୃଷ୍ଟିରେ ହତ୍ୟାକାରୀ ରୂପେ ଅଭିହିତ ହୋଇ ଦଣ୍ଡ ପାଇବା ଯୋଗ୍ୟ ହୋଇସାରିଥିଲେ । ସେମାନଙ୍କ ପାଇଁ (ତାଙ୍କ କର୍ମର) ପ୍ରତିବଦଳରେ ଅସଲ ହୁକୁମ୍ ହତ୍ୟା କରାଯିବାର ଥିଲା କିନ୍ତୁ ଅର୍‌ହମୁର୍ ରାହେମିନ୍

*ଅବଶିଷ୍ଟାଂଶ ପୃଷ୍ଠା-୧୫ ରେ ଦେଖନ୍ତୁ...*

ପ୍ରିନ୍‌ଟର ଓ ପବ୍ଲିସର: ଜମିଲ୍ ଅହମଦ ନାସିର,ଫଜଲେ ଉମର ପ୍ରିନ୍‌ଟିଙ୍ଗ୍ ପ୍ରେସ୍ ,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର ,ତତ୍ତ୍ୱାବଧାରକ ବଦର ବୋର୍ଡ଼ କାଦିଆନ୍

ପୃଷ୍ଠା- ୫ ର ଅବଶିଷ୍ଟାଂଶ ...

ମସ୍‌ରୁର୍'' । ୩ ନଭେମ୍ବର୍ ଦିନ ଏହା ଉଦଘାଟନ୍ ହେବାର ଥିଲା । ତାହା ମଧ୍ୟ ଗୋଟିଏ ଚର୍ଚ୍ଚ ବିଲ୍‌ଡିଂ ଥିଲା ଯାହାକୁ କିଣାଯାଇଛି । ଏହାର ସମ୍ପୂର୍ଣ୍ଣ କ୍ଷେତ୍ରଫଳ ହେଉଛି ୧୭.୬ ଏକର ଓ ତାକୁ ୫ ମିଲିୟନ୍ ଡଲାର ଦ୍ୱାରା କିଣାଯାଇଥିଲା ଓ ତା'ର ମରାମତି ଇତ୍ୟାଦି କରାଯାଇ ଅଳ୍ପ କିଛି ପରିବର୍ତନ କରାଗଲା, ଯେଉଁଥିରେ ୭୫ ହଜାର୍ ଡଲାର୍ ଖର୍ଚ୍ଚ ହେଲା । ଏହା ମଧ୍ୟ ପାଖାପାଖି କିବ୍‌ଲାମୁହାଁ ଅଟେ । ଏହି ଅଟ୍ଟାଳିକାଟିର କ୍ଷେତ୍ରଫଳ ହେଉଛି ୨୨୪୦୩ ସ୍କୋୟାର୍‌ଫିଟ୍ । ପୁରୁଷ ଓ ମହିଳାମାନଙ୍କ ପାଇଁ ଅଲଗା ଅଲଗା ହଲ୍ ରହିଛି, ଯେଉଁଥିରେ ୬୫୦ଜଣ ନମାଜ ପାଠ କରିପାରିବେ । ଏତଦ୍‌ବ୍ୟତୀତ ଆଉ ୧୧ଟି କୋଠରୀ ରହିଛି ଯାହାକୁ କାର୍ଯ୍ୟାଳୟ ରୂପେ ବ୍ୟବହାର କରାଯିବ । ଗୋଟିଏ ଲାଇବ୍ରେରୀ ଅଛି, ଗୋଟିଏ କନ୍‌ଫରେନ୍‌ସ୍ ରୁମ୍ ଅଛି, ଗୋଟିଏ କମର୍‌ସିଆଲ୍ କିଚେନ୍ ମଧ୍ୟ ମହଜୁଦ୍ ଅଛି ।

ଆଉଜଣେ ବନ୍ଧୁ Corey Stewart ଯିଏ ୟୁ.ଏସ୍ ରିପବ୍ଲିକାନ୍ Senate ର ପ୍ରାର୍ଥୀ ହେବାପାଇଁ ଆଶା ରଖିଛନ୍ତି ସେ କହୁଛନ୍ତି କି ମୁଁ ଯେଉଁ ଅଭିଭାଷଣ ଶୁଣିଛି ତାହା ବହୁତ ସୁନ୍ଦର ଓ ବୁଦ୍ଧିମତାରେ ପରିପୂର୍ଣ୍ଣ ଥିଲା । ଆମେରିକାବାସୀଙ୍କୁ ଓ ସମଗ୍ର ପୃଥିବୀକୁ ଏହି ମୋହବତ୍ ସବ୍ କେଲିଏ ନଫ୍‌ରତ୍ କିସି ସେ ନେହିଁ ଅର୍ଥାତ୍ ପ୍ରେମ ସଭିଙ୍କ ପାଇଁ ଘୃଣା କାହାକୁ ନାହିଁ ବାର୍ତାକୁ ଧ୍ୟାନର ସହିତ ଶୁଣିବା ଉଚିତ୍ । ଏହା ଉପରେ ପରିଚାଳିତ ହେବା ଉଚିତ୍ । ବିଶେଷ ରୂପେ ଯେତେବେଳେ ଏ ସଂସାରର ଅବସ୍ଥା ଠିକ୍ ନାହିଁ । ଧର୍ମୀୟ ସ୍ୱାଧୀନତାକୁ ପ୍ରଚାର କରିବା ଅତ୍ୟନ୍ତ ଜରୁରୀ ଅଟେ । ସେଇଥିପାଇଁ ଏହି ମସ୍‌ଜିଦ୍ ଆମପାଇଁ ଗର୍ବର ବିଷୟ କାରଣ ଆପଣ ଏ ଦେଶପାଇଁ ବହୁତ ଭଲ କାର୍ଯ୍ୟ କରୁଛନ୍ତି ।

ଆଉଜଣେ ଅତିଥି Matt Waters ସାହେବ୍ ଯିଏ ଭର୍ଜିନିଆ Senate Candidate ଅଛନ୍ତି, ସେ ମଧ୍ୟ କହୁଛନ୍ତି କି ମୁଁ ହଜୁରଙ୍କ ଅଭିଭାଷଣ ଶୁଣିଲି । ବର୍ତମାନ ମୁଁ ଆହୁରି ଅଧିକା ପଢ଼ିବି ଓ ଇଂଟରନେଟ୍ ମାଧ୍ୟମରେ ଜାଣିବି ଓ ଆହୁରି ଅଧିକା ଇସ୍‌ଲାମ୍‌କୁ ଶିଖିବା ପାଇଁ ଆପଣଙ୍କ ମସ୍‌ଜିଦ୍‌କୁ ଯାଆ ଆସ କରିବି । ଜଣେ ଖ୍ରୀଷ୍ଟିଆନ୍ ଅତିଥି କହୁଛନ୍ତି କି ଏ ବାର୍ତା ବର୍ତମାନ ଉପୁଜିଥିବା ପରିସ୍ଥିତିର ମୁତାବକ ଥିଲା ଅର୍ଥାତ୍ ବହୁତ ଆବଶ୍ୟକ ଥିଲା । ଆମେ ଶାନ୍ତିର ବାର୍ତାକୁ ଶୁଣିଲୁ । ତେଣୁ ମୁଁ ବହୁତ ଆଶ୍ଚର୍ଯ୍ୟ ଓ ପ୍ରଭାବିତ ହୋଇଯାଇଛି ।

ପୁଣି ୫୧ଡିଷ୍ଟ୍ରିକ୍ଟରୁ ଆସିଥିବା ଭର୍ଜିନିଆର ଡେଲିଗେଟ୍ କହୁଛନ୍ତି କି ଏ ବାର୍ତା ବହୁତ ସୁନ୍ଦର ବାର୍ତା ଥିଲା । ବିଶେଷ ରୂପେ ୟୁ.ଏସ୍.ଏରେ ବର୍ତମାନ ଯେଉଁ ପରିସ୍ଥିତି ଅଛି, ତା ପାଇଁ ଏହା ବହୁତ ସୁନ୍ଦର ବାର୍ତା ଥିଲା । ଆପଣଙ୍କର ବାର୍ତା ପ୍ରେମ ଓ ଏକତାର ବାର୍ତା ଥିଲା । ଆପଣ ଏକଥା କହିଲେ କି ଅନ୍ୟମାନଙ୍କୁ ନିଜ ଉପରେ ଅଗ୍ରାଧିକାର ଦିଅ ଏବଂ ନିଃସ୍ୱାର୍ଥପର ସେବା କର । ଆଜିକାଲିର ରାଜନୈତିକ ପରିବେଶରେ ଆମକୁ ଏପରି ହିଁ ବାର୍ତାର ଆବଶ୍ୟକତା ରହିଛି । ଅନ୍ୟମାନଙ୍କୁ ନିଜ ଉପରେ ଅଗ୍ରାଧିକାର ଦେବା ହେଉଛି ଏକ ବହୁତ ଉତମ ଓ ଆଧ୍ୟାତ୍ମିକତାରେ ପରିପୂର୍ଣ୍ଣ ବାର୍ତା । ନିଜ ପଡୋଶୀମାନଙ୍କର ଧ୍ୟାନ ରଖିବା, ନିଜକୁ ଆରାମ ଦେବା ପରିବର୍ତେ ଅନ୍ୟର ଆରାମକୁ ଅଗ୍ରାଧିକାର ଦେବା ବହୁତ ସୁନ୍ଦର କଥା । ବର୍ତମାନ ସମୟରେ ଯେଉଁଠି ଲୋକମାନେ ନିଜକୁ ପ୍ରାଥମିକତା ଦେଉଛନ୍ତି ସେଠାରେ ଆପଣ କହିଲେ କି ଅନ୍ୟମାନଙ୍କୁ ପ୍ରାଥମିକତା ଦିଅ ।

ସେହିପରି ଆଉଜଣେ ଅତିଥି Alex Keiseh କହୁଛନ୍ତି କି ମୁଁ ବହୁତ ପ୍ରଭାବିତ ହୋଇଛି । ମୁଁ ଏ ଦୃଷ୍ଟିକୋଣରୁ ବହୁତ ଭାବ ବିହ୍ୱଳ ହୋଇଯାଇଥିଲି କାରଣ ମୁଁ ହୋଲୋକାଷ୍ଟ୍ ସର୍ବାଇଭର୍ ଅଛି । ଆପଣଙ୍କର ବାର୍ତା ବହୁତ ପ୍ରଭାବଶାଳୀ ଥିଲା । ଆପଣଙ୍କର ଗୋଟିଏ ଗୋଟିଏ ଶବ୍ଦ ମୋ ଆତ୍ମାକୁ ପ୍ରଭାବିତ କରୁଥିଲା । ଆପଣଙ୍କର ଏ ଯେଉଁ ବାର୍ତା ଥିଲା କି ଆମେ ଘୃଣା ଦ୍ୱାରା ଲଢ଼ିପାରିବା ନାହିଁ, ଏ ବାର୍ତା ବହୁତ ତାତ୍ୱିକ ବାର୍ତା । ଘୃଣାକୁ ଦୂରେଇଦେବା ପାଇଁ କେବଳ ଗୋଟିଏ ହିଁ ମାର୍ଗ ଅଛି ତାହା ହେଉଛି ପ୍ରେମ ସ୍ଥାପନ କରିବା ପାଇଁ ଚେଷ୍ଟା କରାଯାଉ । ଘୃଣାକୁ ପ୍ରେମ ଦ୍ୱାର ନିଃଶେଷ କରାଯାଉ । ଏହି ପ୍ରେମଭାବକୁ ପ୍ରତ୍ୟେକ ଧର୍ମ ମଧ୍ୟରେ ଶେଷ କରିବା ଉଚିତ୍ ଓ ଏହିପରି ପ୍ରେମଭାବର ଅଗଣତି ଉଦାହରଣ ଆମ ସମାଜରେ ମହଜୁଦ୍ ରହିଛି, ଯେପରିକି ଆପଣମାନଙ୍କର ଏହି ପ୍ରୋଗ୍ରାମ୍ ଥିଲା । କିନ୍ତୁ ଆଜିକାଲି ମିଡିଆରେ ଯାହାକିଛି ଦେଖିବାକୁ ମିଳୁଅଛି ତାହା ଏକ ଲଘୁ ଏବଂ ପଥଭ୍ରଷ୍ଟ କରୁଥିବା ତଥ୍ୟ ଅଟେ ଯାହାକୁ ମିଡିଆ ବଢ଼େଇ ଚଢ଼େଇ ଉପସ୍ଥାପନ କରୁଅଛି । କିନ୍ତୁ ଆମେ ଆପୋଷ ପ୍ରେମଭାବ ଦ୍ୱାରା ଉକ୍ତ ବାର୍ତାକୁ ପ୍ରଚାର ଓ ପ୍ରସାର କରିବା । (ହଜୁର୍ କହୁଛନ୍ତି) ସେ ବହୁତ ଭାବ ବିହୋଳ ହୋଇଯାଇଥିଲେ । ପରେ ମୋ ସହିତ ମଧ୍ୟ ସାକ୍ଷାତ୍ କଲେ । ସେତେବେଳେ ପ୍ରଥମେ ଟିକିଏ ଭାବବିହୋଳ ହୋଇଗଲେ । ପୁଣି ତା ପରେ କାନ୍ଦିବାକୁ ଲାଗିଲେ କି ଏ ବାର୍ତା ମୋତେ ବହୁତ ପ୍ରଭାବିତ କରିଛି ।

ଆଉଜଣେ ମହିଳା ଶନିନ୍ ସାହିବା ଯିଏ ନିଉଜର୍ସିଠାରେ ସର୍ଜିକାଲ୍ କୋଅର୍ଡିନେଟର୍ ଅଛନ୍ତି । ସେ କହୁଛନ୍ତି କି ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ପୁନର୍ବାର ବତାଗଲା । ମୋର ମଧ୍ୟ ଏହି ଦୃଷ୍ଟିକୋଣ କି କିଛି ଖଲ ପ୍ରକୃତିର ଲୋକମାନଙ୍କ ଖରାପ କାମ ଯୋଗୁ ସମ୍ପୂର୍ଣ୍ଣ ଧର୍ମଟିକୁ ଅପରାଧୀ ବିବେଚନା କରିବା ଗୋଟିଏ ଅତ୍ୟାଚାରରୁ କମ୍ ନୁହେଁ । ସେ ପୁଣି କହୁଛନ୍ତି କି ଆମର ଏଠି ଆମେରିକାରେ ପ୍ରତ୍ୟେକ ଦିନ କିଛି ନା କିଛି ଦୁର୍ଘଟଣା ଘଟିଥାଏ । କିନ୍ତୁ ଏଥିପାଇଁ ଧର୍ମକୁ ସମ୍ପୂର୍ଣ୍ଣ ରୂପେ ଦୋଷଦେବା ଭୁଲ୍ କଥା ଅଟେ । ଆଉଜଣେ ଅତିଥି ଯିଏ ପୋଲିସ୍ ଡିପାର୍ଟମେଂଟ୍‌ରେ ବିଗତ ୪୦ ବର୍ଷ ହେବ କାମ କରୁଛନ୍ତି । ସେ କହୁଛନ୍ତି କି ଏ ବାର୍ତା ସମଗ୍ର ସଂସାର ପାଇଁ ଉଦ୍ଦିଷ୍ଟ ଥିଲା । ଏଥିରେ ଶାନ୍ତି, ସୌହାର୍ଦ୍ଦ୍ୟ, ପ୍ରେମ, ଭଲପାଇବା ଓ ଅଧିକାର ପ୍ରସଙ୍ଗରେ ଆବଶ୍ୟକ ମୁତାବକ ଉପଦେଶ ଦିଆଯାଇଛି । ଆମର ଏଠାରେ ବିଭିନ୍ନ ଜାତି ଓ ସମ୍ପ୍ରଦାୟର ଲୋକେ ବସବାସ କରୁଛନ୍ତି ଓ ଆଜି ଯେଉଁ ବାର୍ତାଟି ଦିଆଯାଇଛି ତାହା ବହୁତ ଗୁରୁତ୍ୱପୂର୍ଣ୍ଣ । କାରଣ ପଡୋଶୀମାନଙ୍କ ଅଧିକାର ସମ୍ବନ୍ଧରେ ଏଥିରେ କୁହାଯାଇଛି ।

ପୁଣି ଆଉଜଣେ ମହିଳା Dr. Kimberly ସାହିବା ଯିଏ ହେଉଛନ୍ତି ଜଣେ Criminologist ଏବଂ ଜଣେ ଲେଖିକା ମଧ୍ୟ, ସେ ପି.ଏଚ୍.ଡି କରିଛନ୍ତି । ସେ କହୁଛନ୍ତି କି ଆଜିର ଏହି ଭାଷଣରେ ଶାନ୍ତି ଓ ନ୍ୟାୟ ପ୍ରସଙ୍ଗରେ ବହୁତ ଗଭୀର ବାର୍ତା ଶୁଣିବାକୁ ମିଳିଲା । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ପ୍ରତ୍ୟେକଙ୍କୁ ଏହି ବାର୍ତା ମୁତାବକ ଏକତାର ବାତାବରଣ ପ୍ରତିଷ୍ଠା କରିବା ଉଚିତ୍ । ଆଜିର ଏହି ଅଭିଭାଷଣରେ ହଜୁର୍ ଇସ୍‌ଲାମ୍‌ର ପ୍ରକୃତ ରୂପକୁ ଉପସ୍ଥାପନ କରିଛନ୍ତି ଓ ଏହାର ସାରାଂଶ ହେଉଛି ଶାନ୍ତି ଓ ନ୍ୟାୟ ଏବଂ ସମାନତାର ପରିବେଶ ସୃଷ୍ଟି କରିବା । ପୁଣି ସେ ନିଜର ମନୋଭାବକୁ ବର୍ଣ୍ଣନା କରି ଭାବବିହ୍ୱଳ ମଧ୍ୟ ହୋଇଗଲେ ଓ ଅଶ୍ରୁଳ ଚେହେରାରେ ପରିପୂର୍ଣ୍ଣ ନିଜର ଭାବନାକୁ ବ୍ୟକ୍ତ କରୁଥିଲେ କି ଆଜିକାଲି ଯେଉଁ ଲୋକମାନେ ଅତ୍ୟାଚାର ଓ ବର୍ବରକାଣ୍ଡ ଘଟାଉଛନ୍ତି ଓ ଧର୍ମନାମରେ ଆମ କମ୍ୟୁନିଟି ଓ ଦେଶରେ ବିଭ୍ରାଟ ସୃଷ୍ଟି କରୁଛନ୍ତି ସେମାନଙ୍କର ଧର୍ମ ସହିତ କୌଣସି ସମ୍ପର୍କ ନାହିଁ ଓ ଏକଥା ଜାଣିବା ହେଉଛି ପ୍ରତ୍ୟେକ ମନୁଷ୍ୟ ନିମନ୍ତେ ଅତ୍ୟନ୍ତ ଜରୁରୀ ।

ଆଉଜଣେ ମହିଳା Lorraine ସାହିବା ନିଜର ମନୋଭାବକୁ ବ୍ୟକ୍ତ କରି କହୁଛନ୍ତି ମୁଁ ୩୦ବର୍ଷ ହେବ ଏହି ଇଲାକାରେ ରହୁଅଛି ଓ ଏଠିକାର ଅବସ୍ଥାକୁ ପରିବର୍ତନ ହେବାରେ ଦେଖିଆସୁଅଛି । ଏବେ ଏବେ ଯେଉଁ ଗୁଳି ଚାଳନା ହେବାର ଘଟଣା ଘଟିଲା ତାହା ବହୁତ ଦୁଃଖଦାୟକ । ଏହିପରି ଅବସ୍ଥାରେ ପ୍ରେମ, ଭଲପାଇବା, ସହିଷ୍ଣୁତାର ବାର୍ତା ହେଉଛି ଅତ୍ୟନ୍ତ ଉତମ । ମୋତେ ଏଠାକୁ ନିମନ୍ତ୍ରଣ କରାଯାଇଥିବାରୁ ମୁଁ ଅତ୍ୟନ୍ତ ଆନନ୍ଦିତ । ଏଠାକୁ ଆସି ଅହେମଦୀୟା ମୁସ୍‌ଲିମ୍ ଜମାତ ସମ୍ବନ୍ଧରେ ମୋତେ ବହୁତ କିଛି ଜାଣିବାକୁ ମିଳିଲା । ଏ ଇଲାକାରେ ମସ୍‌ଜିଦ୍ ହେଉଛି ଗୋଟିଏ ସୁନ୍ଦର ଅଭିବୃଦ୍ଧି । ଏହାଦ୍ୱାରା ମୋତେ କୌଣସି ବିପଦ ନାହିଁ, ଏହା ହେଉଛି ଶାନ୍ତିପୂର୍ଣ୍ଣ ସ୍ଥାନ । ମୁଁ ମୁସଲମାନ୍ ନୁହେଁ କିନ୍ତୁ ମୁଁ ଯେତେବେଳେ ଏ ମସ୍‌ଜିଦ୍ ଭିତରକୁ ଆସିଲି, ମୋତେ ଏଠାରେ ସ୍ୱାଗତ କରାଗଲା । ଏହା ହେଉଛି ଆମ ସମାଜ ପାଇଁ ଅତ୍ୟନ୍ତ ଆବଶ୍ୟକ । ମୁଁ କହିବାକୁ ଚାହୁଁଛି କି ଏଠାରେ ଆଗକୁ ଆପଣମାନଙ୍କର ଆହୁରି ଅନେକ ପ୍ରୋଗ୍ରାମ୍ ମଧ୍ୟ ହେବ । ଉକ୍ତ ପ୍ରୋଗ୍ରାମ୍ ଗୁଡିକରେ ମୁସଲମାନ୍ ମାନଙ୍କ ବ୍ୟତୀତ ଅନ୍ୟ ଧର୍ମ ସହିତ ସମ୍ବନ୍ଧ ରଖିଥିବା ଲୋକମାନଙ୍କୁ ମଧ୍ୟ ନିମନ୍ତ୍ରଣ କରନ୍ତୁ ।

ଏହି ମସ୍‌ଜିଦ୍‌ର ଉଦ୍‌ଘାଟନ ହେବା ବ୍ୟତୀତ ଯେପରିକି ଅଧିକାଂଶ ଲୋକ ଜାଣିଛନ୍ତି କି ଗୋଟେମୋଲାଠାରେ ହ୍ୟୁମାନିଟି ଫାର୍ଷ୍ଟର ଡାକ୍ତରଖାନା ମଧ୍ୟ ଖୋଲାଯାଇଛି । ତା'ର ମଧ୍ୟ ଉଦ୍‌ଘାଟନ ହେବାର ଥିଲା । ସେଠାରେ ମଧ୍ୟ କିଛି ରାଜନୈତିଜ୍ଞ ମାନଙ୍କ ସହିତ ସମ୍ପର୍କ ରହିଛି । ସେଠିକାର ଜଣେ ମେୟର୍ ଅଫ୍ କଂଗ୍ରେସ୍ ଯିଏ ଏଠାକୁ ୟୁ.କେ ଜଲସାରେ ସାମିଲ୍ ହେବାପାଇଁ ଦୁଇଥର ମଧ୍ୟ ଆସି ସାରିଛନ୍ତି । ସେ ସେଠିକାର ଏୟାର୍‌ପୋର୍ଟ୍‌ଠାରେ ସ୍ୱାଗତ ଜଣାଇବା ପାଇଁ ଆସିଥିଲେ ଓ ସେ ଡାକ୍ତରଖାନା ସମ୍ବନ୍ଧରେ ବହୁତ ଭଲ ମତ ପୋଷଣ କଲେ ଓ ଜମାତ୍‌କୁ ଧନ୍ୟବାଦ ଜଣାଇଲେ ଯେ ଏ ଜମାତ୍ ଆମ ଦେଶରେ ଡାକ୍ତରଖାନା ଖୋଲୁଅଛି ଓ କମ୍ୟୁନିଟି ଭିତରେ ପ୍ରେମ, ଭଲପାଇବା ଓ ଏକତା ସୃଷ୍ଟି କରିବା ପାଇଁ ଚେଷ୍ଟା କରୁଅଛି ।

ଆଉଜଣେ ଅତିଥି Robert Cano ସାହେବ୍ ଯିଏ ପାରାଗୁଏରେ ଉପଶିକ୍ଷାମନ୍ତ୍ରୀ ଅଛନ୍ତି ସେ ଏହି ଉଦ୍‌ଘାଟନୀ ଉତ୍ସବରେ ସାମିଲ୍ ହୋଇ କହିଲେ କି ବହୁତ ଭଲ ୟୁନିଟ୍ ଥିଲା । ମୁଁ ଆଶ୍ଚର୍ଯ୍ୟଚକିତ କି ଏପରି ଗୋଟିଏ ଜମାତ୍ ଯାହାର ସଦସ୍ୟମାନେ ଏକାଠି ମିଳିମିଶି ଏହାକୁ ସମ୍ପୂର୍ଣ୍ଣ କରିଛନ୍ତି ଓ ଅଭାବୀ ଲୋକମାନଙ୍କୁ ସାହାଯ୍ୟ କରିବା ପାଇଁ ଏହାକୁ ନିର୍ମାଣ କରିଛନ୍ତି । ଏବଂ ମାନବ ଜାତି ସହିତ ଥିବା ପ୍ରେମଭାବକୁ ପ୍ରକାଶ କରିଛନ୍ତି । ପୁଣି କହୁଛନ୍ତି କି ଯଦି ମାନବ ଜାତି ଏହି ପ୍ରେମର ମାର୍ଗକୁ ଆପଣାଇବ ତେବେ ପୁଣି ଏ ପୃଥିବୀରେ ଶାନ୍ତି ସ୍ଥାପନ ହୋଇଯିବ । ଇସ୍‌ଲାମ୍ ଧର୍ମ ଓ ଇସ୍‌ଲାମ୍ କଲ୍‌ଚର୍‌କୁ ଅତି ନିକଟରେ ଦେଖିବା ଓ ଜାଣିବାର ଏହା ମୋର ଏକ ବହୁତ ଭଲ ଅନୁଭବ ଥିଲା । ଜମାତ୍ ଅହେମଦୀୟା ସମ୍ବନ୍ଧରେ ମୋ ନିକଟରେ ବହୁତ ପ୍ରଶ୍ନ ଥିଲା । ସେ ସବୁର ଉତର ମୁଁ ଏଠାରେ ଆସି ପାଇଗଲି ଓ କିଛି ବର୍ଷ ହେବ ଜମାତ୍ ଅହେମଦୀୟା ପାରାଗୁଏରେ ମଧ୍ୟ ସ୍ଥାପନ ହୋଇସାରିଛି । (ହଜୁର୍ ଅନ୍‌ୱର୍ କହୁଛନ୍ତି) ସେମାନଙ୍କ ନିମନ୍ତ୍ରଣ ଯୋଗୁଁ ସେ ପାରାଗୁଏରୁ ଏହି ଉଦ୍‌ଘାଟନୀ ଉତ୍ସବରେ ଯୋଗଦେବାପାଇଁ ଆସିଥିଲେ ।

ଆଉଜଣେ ଗୋଟେମୋଲିୟନ୍ ଡାକ୍ତର Diana ସାହିବା କହୁଛନ୍ତି କି ହଜୁରଙ୍କ ଭାଷଣରେ ଗରୀବମାନଙ୍କୁ ସାହାଯ୍ୟ କରିବାର ଯେଉଁ ବାର୍ତା ଥିଲା । ସେଥିରେ ମୁଁ ବହୁତ ପ୍ରଭାବିତ ହୋଇଛି ଓ ଆସନ୍ତାକୁ ତା ଉପରେ ମଧ୍ୟ ମୁଁ ପରିଚାଳିତ ହେବି । ପୁଣି କହୁଛନ୍ତି କି ଇଶ୍ୱରଙ୍କୁ ଧନ୍ୟବାଦ ଯେ ଧର୍ମ ଏକଥା ଶିଖାଉଛି କି ଗରୀବଙ୍କୁ ସାହାଯ୍ୟ କରାଯାଉ, ଯାହା ଆଜି ଖଲିଫା ତାଙ୍କ ଭାଷଣରେ ଏଠି କହିଲେ ।

ପୁଣି ଜଣେ ଗୋଟେମୋଲିୟନ୍ ପତ୍ରକାର କହୁଛନ୍ତି କି ଯେଉଁ କଥା ସବୁଠାରୁ ଅଧିକ ତାଙ୍କୁ ପ୍ରଭାବିତ କଲା ତାହା ହେଉଛି ଏହା କି ଧର୍ମ ସମ୍ବନ୍ଧରେ କୌଣସି ବାଧ୍ୟବାଧକତା ନାହିଁ

ଅବଶିଷ୍ଟାଂଶ ପୃଷ୍ଠା-୧୩ ରେ ଦେଖନ୍ତୁ...

# ଖୁତ୍‌ବା ଜୁମା

ଖଲିଫାଙ୍କ ଗସ୍ତ ଯୋଗୁଁ ତିନିଗୋଟି ବଡ ଲାଭ ହୋଇଥାଏ (୧)ଦେଶଗୁଡିକର ଶିକ୍ଷିତ ଗୋଷ୍ଠୀ ଏବଂ ପ୍ରଭାବଶାଳୀ ବ୍ୟକ୍ତିମାନଙ୍କ ସହିତ ସମ୍ପର୍କ ସ୍ଥାପନ । ସାକ୍ଷାତ୍‌କାର୍ କରିବା ସମୟରେ ମଧ ଓ ମସ୍‌ଜିଦ୍ ଗୁଡିକର ଉଦ୍‌ଘାଟନୀ ଉତ୍ସବ ବା ରିସିପ୍‌ସନ୍ ଇତ୍ୟାଦିରେ ସମ୍ପର୍କ ସ୍ଥାପନ ହେଉଅଛି । (୨)ଲାଭ ହେଉଛି ମିଡିଆ ମାଧ୍ୟମରେ ଇସ୍‌ଲାମ୍ ଏବଂ ଅହେମଦୀୟତ୍‌ର ପରିଚୟ ଓ ବାସ୍ତବିକ ଶିକ୍ଷାଗୁଡିକ ଲୋକମାନେ ଜାଣିପାରୁଛନ୍ତି ଓ (୩)ବଡ ଲାଭର କଥା ହେଉଛି ଏହା କି ଲୋକମାନଙ୍କ ସହିତ ଜମାତ୍‌ର ସଦସ୍ୟମାନଙ୍କ ସହିତ ନିଜି ସମ୍ପର୍କ ଓ ପରିଚୟ ସୃଷ୍ଟି ହେଉଛି, ଫଳତଃ ସେମାନଙ୍କ ଇମାନ୍, ନିଷ୍ଠା ଏବଂ ଭାଇଚାରାର ସୁସମ୍ପର୍କ, ଭଲପାଇବା ଓ ସୌହାର୍ଦ୍ଦ୍ୟ ବଢୁଅଛି ।

"ଇସ୍‌ଲାମ୍ ହିଁ ପୃଥିବୀର ସମସ୍ତ ସମସ୍ୟା ଗୁଡିକର ସମାଧାନ ଅଟେ, ଶାନ୍ତି ଓ ସୌହାର୍ଦ୍ଦ୍ୟ ପ୍ରତିଷ୍ଠା କରିବାର ମାଧ୍ୟମ ମଧ ଇସ୍‌ଲାମ୍, ଆର୍ଥିକ ଓ ସାମାଜିକ ସମସ୍ୟା ଗୁଡିକର ସମାଧାନ ନିମନ୍ତେ ଇସ୍‌ଲାମୀୟ ଶିକ୍ଷା ମାର୍ଗଦର୍ଶନ କରାଇଥାଏ" ।

"ଇସ୍‌ଲାମ୍‌ର ବାସ୍ତବିକ ବାର୍ତ୍ତାକୁ ଆମେରିକାରେ ମଧ ଓ ସାରା ଜଗତରେ ମଧ ସଠିକ୍ ରୂପେ ଓ ପରିଶ୍ରମ ଦ୍ୱାରା ପ୍ରଚାର ଓ ପ୍ରସାର କରିବା ହେଉଛି ଆମର କର୍ତ୍ତବ୍ୟ" ।

"ଇଶ୍ୱର କରନ୍ତୁ କି ଏଠାରେ ସେମାନଙ୍କୁ ସମସ୍ତ ପ୍ରକାର ସୁବିଧା ଓ ସୁଯୋଗ ମିଳୁ । ତତ୍‌ସହିତ ଏକଥା ମଧ ସେମାନେ ଅନୁଭବ କରନ୍ତୁ କି ଧର୍ମକୁ ସଂସାର ଉପରେ ଅଗ୍ରାଧିକାର ଦେବେ ଓ ଏହି ସାଂସାରିକ ଚାକଚକ୍ୟରେ ବୁଡି ନଯିବେ" । (ପାକିସ୍ତାନ୍‌ରୁ ହିଜ୍‌ରତ୍ କରି ଆସିଥିବା ଅହେମଦୀ ଶରଣାର୍ଥୀମାନଙ୍କ ନିମନ୍ତେ ହଜୁର୍ ଅନୁଓ୍ୱର୍‌ଙ୍କ ଦୁଆ)

ଏହା ଏକ ଚମତ୍କାର ବାର୍ତ୍ତା ଏବଂ ଆପଣଙ୍କ ପ୍ରତ୍ୟେକ କଥା ହୃଦୟସ୍ପର୍ଶୀ । ଆପଣ କେବଳ ବର୍ତ୍ତମାନ ସମୟର କଥା କହୁନାହାଁନ୍ତି ବରଂ ଆପଣଙ୍କର ଦୃଷ୍ଟି ଆସନ୍ତା ସମୟ ଉପରେ ମଧ ରହିଛି । *(ଗସ୍ତ ସମୟରେ ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ସାକ୍ଷାତ୍ ଲାଭ କରିଥିବା କିଛି ଅତିଥି ମାନଙ୍କର ମନୋଭାବ ବ୍ୟକ୍ତ)*

ଆମେରିକାର ଏହି ଗସ୍ତ ସମୟରେ ଅଲ୍ଲାଃତାଲାଙ୍କ ଫଜଲ୍‌ରୁ ତିନିଗୋଟି ମସ୍‌ଜିଦ୍ ଏବଂ ଗୋଟେମାଲାରେ ନାସିର୍ ହସ୍‌ପିଟାଲ୍‌ର ଉଦ୍‌ଘାଟନ, ରିଭ୍ୟୁ ଅଫ୍ ରିଲିଜିଅନ୍‌ସ୍‌ର ସ୍ପାନିସ୍ ଭାଷାରେ ପ୍ରକାଶନର ଶୁଭାରମ୍ଭ ।

ଆମେରିକା ଏବଂ ଗୋଟେମାଲା ଗସ୍ତର ଖବର ରେଡିଓ, ଟି.ଭି, ଖବରକାଗଜ ଏବଂ ସୋସିଆଲ୍ ମିଡିଆ ମାଧ୍ୟମରେ ବ୍ୟାପକ ରୂପେ ପ୍ରସାରଣ, ଉକ୍ତ ଗସ୍ତର ସମସ୍ତ ବିବରଣୀ ଓ ବୈଭବ ୪୦ ମିଲିୟନ୍‌ରୁ ଅଧିକା ଲୋକଙ୍କ ନିକଟରେ ଇସ୍‌ଲାମେ ଅହେମଦୀୟତ୍‌ର ବାର୍ତ୍ତା ପହଂଚିଲା ।

## ଅକ୍ଟୋବର୍, ନଭେମ୍ବର୍ ୨୦୧୮ ମାସରେ ହୋଇଥିବା ଆମେରିକା ଏବଂ ଗୋଟେମାଲାର ବା ବର୍‌କତ୍ ଓ ସଫଳ ଗସ୍ତର ଚର୍ଚ୍ଚା

ଖିଲାଫତ୍‌ର ସଚ୍ଚା ପ୍ରେମୀ ଓ ନିଷ୍ଠାବାନ୍ ଅହେମଦୀ ଶ୍ରୀମାନ୍ Sawadogo Ismail ସାହେବ୍ ଅଫ୍ ବୁର୍କିନାଫାସୋଙ୍କ ଉତ୍ତମ ଗୁଣାବଳୀର ଚର୍ଚ୍ଚା ଏବଂ ନମାଜ ଯନାଜାଃ ଗାଏବ୍ ପାଠ ।

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ.ବ]**
**(ପ୍ରଦତ୍ତ: ୧୬ ନଭେମ୍ବର୍ ୨୦୧୮ ଅନୁଯାୟୀ ୧୬ ନବୁଓ୍ୱତ୍ ୧୩୯୭ ହିଜ୍‌ରି ଶମ୍‌ସି)**

أَشْهَدُ أَنْ لَا إِلٰهَ إِلَّا اللّٰهُ وَحْدَهُ لَا شَرِيكَ لَهُ وَأَشْهَدُ أَنَّ مُحَمَّدًا عَبْدُهُ وَرَسُولُهُ
أَمَّا بَعْدُ فَأَعُوذُ بِاللّٰهِ مِنَ الشَّيْطٰنِ الرَّجِيمِ ـ بِسْمِ اللّٰهِ الرَّحْمٰنِ الرَّحِيمِ
اَلْحَمْدُ لِلّٰهِ رَبِّ الْعٰلَمِينَ ـ اَلرَّحْمٰنِ الرَّحِيمِ ـ مٰلِكِ يَوْمِ الدِّينِ ـ إِيَّاكَ نَعْبُدُ وَإِيَّاكَ نَسْتَعِينُ ـ
اِهْدِنَا الصِّرَاطَ الْمُسْتَقِيمَ ـ صِرَاطَ الَّذِينَ أَنْعَمْتَ عَلَيْهِمْ غَيْرِ الْمَغْضُوبِ عَلَيْهِمْ وَلَا الضَّالِّينَ ـ

ଗତ ଜୁମାରେ ତେହ୍‌ରିକ୍ ଯଦିଦ୍‌ର ନୂତନ ବର୍ଷର ଘୋଷଣା କରାଯିବା ଯୋଗୁ ମୁଁ ଆମେରିକା ଏବଂ ଗୋଟେମାଲା ସମ୍ବନ୍ଧରେ ଚର୍ଚ୍ଚା କରିପାରିନଥିଲି । ବିଗତ ଦିନ ଗୁଡିକ ମୁଁ ସେହି ଦେଶଗୁଡିକ ଗସ୍ତ କରିଥିଲି । ଅଲ୍ଲାଃତାଲାଙ୍କ ଫଜଲ୍‌ରୁ ଉକ୍ତ ଗସ୍ତ ଦ୍ୱାରା ବହୁତ ଯୁକ୍ତାତ୍ମକ ପ୍ରଭାବ ପଡ଼ିଛି । ନିଜ ଓ ପରଙ୍କ ସହିତ ସମ୍ବନ୍ଧ ଦୃଷ୍ଟିକୋଣରୁ ମଧ ଓ ଜମାତି ବ୍ୟବସ୍ଥା ଦୃଷ୍ଟିକୋଣରୁ ମଧ ପ୍ରତ୍ୟକ୍ଷ ରୂପେ ଦେଖିବା ଜାଣିବା ଦ୍ୱାରା ବହୁତ କଥା ମୋ ଜ୍ଞାତସାରକୁ ଆସିଯାଏ । ତିନୋଟି ବଡ ଲାଭ ତ ହେଉଛି ଏହା କି ସେହି ଦେଶଗୁଡିକର ଶିକ୍ଷିତ ଗୋଷ୍ଠୀ ଏବଂ ପ୍ରଭାବଶାଳୀ ବ୍ୟକ୍ତିମାନଙ୍କ ସହିତ ସମ୍ପର୍କ ସ୍ଥାପନ, ସାକ୍ଷାତ୍‌କାର୍ କରିବା ସମୟରେ ମଧ ଓ ମସ୍‌ଜିଦ୍ ଗୁଡିକର ଉଦ୍‌ଘାଟନୀ ଉତ୍ସବ ବା ରିସିପ୍‌ସନ୍ ଇତ୍ୟାଦିରେ ସମ୍ପର୍କ ସ୍ଥାପନ ହେଉଅଛି । ଦ୍ୱିତୀୟ ଲାଭ ହେଉଛି ମିଡିଆ ମାଧ୍ୟମରେ ଇସ୍‌ଲାମ୍ ଏବଂ ଅହେମଦୀୟତ୍‌ର ପରିଚୟ ଓ ବାସ୍ତବିକ ଶିକ୍ଷାଗୁଡିକ ଲୋକମାନେ ଜାଣିପାରୁଛନ୍ତି ଓ ତୃତୀୟ ବଡ ଲାଭର କଥା ହେଉଛି ଏହା କି ଲୋକମାନଙ୍କ ସହିତ ଜମାତ୍‌ର ସଦସ୍ୟମାନଙ୍କ ସହିତ ନିଜି ସମ୍ପର୍କ ଓ ପରିଚୟ ସୃଷ୍ଟି ହେଉଛି, ଫଳତଃ ସେମାନଙ୍କ ଇମାନ୍, ନିଷ୍ଠା ଏବଂ ଭାଇଚାରାର ସୁସମ୍ପର୍କ, ଭଲପାଇବା ଓ ସୌହାର୍ଦ୍ଦ୍ୟ ବଢୁଅଛି । ଖଲିଫାଏ ଓ୍ୱକ୍ତ୍ ଓ ଜମାତ୍‌ର ସଦସ୍ୟମାନଙ୍କ ମଧ୍ୟରେ ଆପୋଷରେ ପ୍ରତ୍ୟକ୍ଷ ରୂପେ ମିଶିବା, ଦେଖିବା ଓ ଶୁଣିବା ଇତ୍ୟାଦି ଦ୍ୱାରା ଅସାଧାରଣ ପରିବର୍ତ୍ତନ ମଧ ସୃଷ୍ଟି ହେଉଅଛି ଓ ଉତ୍ସାହ ମଧ ସୃଷ୍ଟି ହେଉଅଛି । ପୁଣି ସେହି ଦେଶଗୁଡିକରେ ଯେଉଁ ପରିସ୍ଥିତି ଅଛି ତା ମୁତାବକ ପ୍ରତ୍ୟକ୍ଷ ରୂପେ ଖୁତ୍‌ବା ଦ୍ୱାରା ତାଙ୍କ ସହିତ କଥା ମଧ ହୋଇଯାଏ ।

ଆମେରିକାର ଏହି ଗସ୍ତ ସମୟରେ ଅଲ୍ଲାଃତାଲାଙ୍କ ଦୟାବଳରୁ ତିନୋଟି ମସ୍‌ଜିଦ୍‌ର ଉଦ୍‌ଘାଟନ କରିବାର ସୁଯୋଗ ମିଳିଲା । ଅଲ୍ଲାଃତାଲା ସେହି ମସ୍‌ଜିଦ୍ ଗୁଡିକୁ ନମାଜି ମାନଙ୍କ ଦ୍ୱାରା ସର୍ବଦା ପୂର୍ଣ୍ଣ ରଖନ୍ତୁ ଏବଂ ଜମାତ୍‌ର ସଦସ୍ୟମାନଙ୍କ ମଧ୍ୟରେ ନିଷ୍ଠା ଓ ଭକ୍ତିଭାବ ବୃଦ୍ଧି କରି ଚାଲନ୍ତୁ । ଛୋଟ ଛୋଟ ପିଲା, ଯୁବକ, ମହିଳା ଏବଂ ପୁରୁଷମାନେ, ଯେଉଁଠିକି ମଧ ମୁଁ ଯାଇଛି, ପ୍ରଥମେ ଫ୍ଲାଡଲ୍‌ଫିୟା ପୁଣି ହୋଏଷ୍ଟନ୍ ପୁଣି ଓ୍ୱାସିଂଟନ୍, ସେଠାରେ ସମସ୍ତେ ନିଜ ସମୟର ଅଧିକାଂଶ ଭାଗ ମସ୍‌ଜିଦ୍‌ର ପରିବେଶରେ ହିଁ ବିତାଇଛନ୍ତି । ପିଲାମାନଙ୍କର ମା' ବାପା ଏବଂ ଅନ୍ୟ ବନ୍ଧୁବାନ୍ଧବମାନେ ଏବେ ମଧ ଲେଖୁଛନ୍ତି କି ଆପଣଙ୍କ ଏଠାକୁ ଆସିବା ଦ୍ୱାରା ପିଲାମାନଙ୍କର ଅଧିକା ଉତ୍ସାହ ଲାଗି ରହୁଥିଲା କି ଶିଘ୍ର ଶିଘ୍ର କିପରି ମସ୍‌ଜିଦ୍ ଯିବେ ଓ ଖିଲାଫତ୍ ସହିତ ତାଙ୍କର ସମ୍ପର୍କ ଓ ସମ୍ବନ୍ଧ ପରିପ୍ରକାଶ ହେଉଥିଲା । ଦିନଯାକର ଅଧିକାଂଶ ସମୟ ମସ୍‌ଜିଦ୍‌ରେ ହିଁ ବିତାଉଥିଲେ ।

ଆମେରିକାରେ ଏଥରକ ଆଜାଇଲମ୍ ନେଇ ଆସିଥିବା ଏବଂ ରିଫ୍ୟୁଜି ହୋଇ ଆସିଥିବା ପାକିସ୍ତାନୀ ଅହେମଦୀ ମାନଙ୍କର ବହୁତ ବଡ ସଂଖ୍ୟା ଥିଲା । ଯେଉଁମାନେ ବହୁତ କଠିନ ପରିସ୍ଥିତିରେ ଗତି କରୁ ମାଲେସିଆ, ଥାଇଲାଣ୍ଡ, ଶ୍ରୀଲଙ୍କା ଏବଂ ନେପାଳରୁ ସେଠାକୁ ଯାଇଥିଲେ । ସେମାନଙ୍କ ସହିତ ସାକ୍ଷାତ୍‌କାର୍ ମଧ ହେଲା । ବେଳେବେଳେ ବହୁତ ଭାବବିହୋଳ ପରିସ୍ଥିତି ସୃଷ୍ଟି ହୋଇଯାଉଥିଲା । କିଛି ଲୋକ ମାତ୍ରାଧିକ ଭାବ ବିହୋଳ ହୋଇଯାଉଥିଲେ । ଇଶ୍ୱର କରନ୍ତୁ କି ସେମାନଙ୍କୁ ଏଠାରେ ଯେଉଁଠି ସୁବିଧା, ସୁଯୋଗ ଓ ଆରାମ ମିଳିପାରିବ ସେଠାରେ ଏ ଭାବନା ସର୍ବଦା ପ୍ରଭୁତ୍ୱର ସହିତ ରହୁ କି ସେମାନେ ଧର୍ମକୁ ସଂସାର ଉପରେ ଅଗ୍ରାଧିକାର ଦେବେ ଓ ଏ ସାଂସାରିକ ଚାକଚକ୍ୟରେ ବୁଡି ରହିବେ ନାହିଁ ।

ଏବେ ଗସ୍ତ ସମ୍ବନ୍ଧରେ ଆଉ କିଛି କଥା କହିବାକୁ ଚାହୁଁଛି । ସାଧାରଣତଃ ଆମେରିକୀୟ ରାଜନୈତିଜ୍ଞ ଲିଡର୍‌ମାନେ, ଶିକ୍ଷିତ ଗୋଷ୍ଠୀ ମଧ ଏବଂ ସାଧାରଣ ଲୋକମାନେ ମଧ କଥା ଶୁଣିଥାନ୍ତି ଓ ଭଲ କଥାର ପ୍ରଶଂସା କରିଥାନ୍ତି ଓ ତାହା ପସନ୍ଦ ମଧ କରିଥାନ୍ତି । ଇସ୍‌ଲାମ୍‌ର ପ୍ରକୃତ ଶିକ୍ଷା ସେମାନଙ୍କ ନିକଟରେ ସଠିକ୍ ରୂପେ ପହଂଚିପାରିନାହିଁ । ଯେଉଁ ଲୋକମାନଙ୍କ ନିକଟରେ ପହଂଚିଛି, ଯେଉଁମାନଙ୍କର ଜମାତ୍ ସହିତ ସମ୍ପର୍କ ଅଛି ସେମାନେ ଇସ୍‌ଲାମ୍ ସମ୍ବନ୍ଧରେ ଭଲ ମନୋଭାବ ରଖିଛନ୍ତି । ସୁତରାଂ ଆମର କାର୍ଯ୍ୟ ହେଉଛି ଏହା କି ଆମେ ଇସ୍‌ଲାମ୍‌ର ପ୍ରକୃତ ବାର୍ତ୍ତାକୁ ଆମେରିକାରେ ଓ ସାରା ଦୁନିଆରେ ମଧ ପରିଶ୍ରମ ଦ୍ୱାରା ସଠିକ୍ ଶୈଳୀରେ ପ୍ରଚାର ପ୍ରସାର କରିବା । ଇସ୍‌ଲାମ୍‌ର ବାସ୍ତବିକ ବାର୍ତ୍ତା, ଯେଉଁଠି ଅଣମୁସଲ୍‌ମାନ୍‌ଙ୍କ ଆଖି ଖୋଲିଦେବ ଓ ଇସ୍‌ଲାମ୍‌ର ସୁନ୍ଦର ଓ ଶାନ୍ତିପୂର୍ଣ୍ଣ ଶିକ୍ଷାକୁ ସ୍ପଷ୍ଟ କରିଦେବ ସେଠାରେ ମୁସଲ୍‌ମାନ୍‌ଙ୍କୁ ମଧ ସାହସ ଯୋଗାଇବ । ସେମାନେ ମଧ ଜାଣିପାରୁଛନ୍ତି ଅର୍ଥାତ୍ ଯେଉଁ ଅଣଜମାତୀୟ ମୁସଲ୍‌ମାନ୍‌ମାନେ ଅଛନ୍ତି, ପ୍ରକୃତ ଇସ୍‌ଲାମ୍ କଣ । ତେଣୁ ଆତ୍ମହୀନତାର କୌଣସି ଆବଶ୍ୟକତା ନାହିଁ । ଏହା ଅଧିକାଂଶ ସ୍ଥାନରେ ଅନୁଭବ ହେଉଅଛି ଓ ଆମେରିକାରେ ମଧ ଅନୁଭବ ହେଲା କି ଯେତେବେଳେ ଅଣ ଜମାତୀୟ ମୁସଲ୍‌ମାନ୍‌ମାନେ ଆମଠାରୁ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଶୁଣୁଛନ୍ତି ତାଙ୍କଠାରେ ଏକ ଭରଷା ଓ ସାହସ ଉତ୍ପନ୍ନ ହେଉଅଛି କି ଏବେ କୌଣସି ପ୍ରକାରର

ଆତ୍ମହୀନତାର କୌଣସି ଆବଶ୍ୟକତା ନାହିଁ, ଯାହାର ପରିପ୍ରକାଶ ମଧ୍ୟ ସେମାନେ କରିସାରିଛନ୍ତି । ବରଂ ଇସ୍‌ଲାମ୍ ହିଁ ଏ ସଂସାରରେ ଥିବା ସମସ୍ୟା ଗୁଡ଼ିକର ସମାଧାନ । ଶାନ୍ତି ଓ ସୌହାର୍ଦ୍ଦ୍ୟ ସ୍ଥାପନ କରିବାର ମାଧ୍ୟମ ମଧ୍ୟ ହେଉଛି ଇସ୍‌ଲାମ୍ । ସମାଜ ଓ ସାମାଜିକ ସମସ୍ୟାକୁ ସମାଧାନ କରିବା ପ୍ରତି ମଧ୍ୟ ଇସ୍‌ଲାମୀୟ ଶିକ୍ଷା ହିଁ ମାର୍ଗଦର୍ଶନ କରାଉଛି । କିଛି ଅଣ ଜମାତୀୟ ମୁସଲ୍‌ମାନ୍‌ମାନେ ଏ କଥାକୁ ପରିପ୍ରକାଶ କରିଛନ୍ତି ଯେଉଁମାନେ ଆମ ଫଙ୍କସନ୍ ଇତ୍ୟାଦିରେ ଆସି ଯୋଗ ଦେଉଛନ୍ତି କି ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷାକୁ  ଯେଉଁଭଳି ଆପଣ ଉପସ୍ଥାପନ କରୁଛନ୍ତି ଏହା ହିଁ ପ୍ରକୃତ ମାର୍ଗ । ଅଣ ମୁସ୍‌ଲିମ୍‌ମାନେ ତ ଏ ବାର୍ତ୍ତାକୁ ଶୁଣି ଆଶ୍ଚର୍ଯ୍ୟ ମଧ୍ୟ ହେଉଛନ୍ତି ଓ ନିଜର ମନୋଭାବକୁ ବ୍ୟକ୍ତ ମଧ୍ୟ କରୁଛନ୍ତି କି ଯଦି ଏହା ହେଉଛି ଇସ୍‌ଲାମୀୟ ଶିକ୍ଷା ତେବେ ନିଶ୍ଚିତ ଯେ ଏ ଶିକ୍ଷା ସଫଳ ହେବ । କିଛି ଅତିଥିମାନଙ୍କର ମନୋଭାବ ମଧ୍ୟ ଉପସ୍ଥାପନ କରୁଅଛି-

ଫ୍ଲାଡଲ୍‌ଫିଆଠାରେ ମସ୍‌ଜିଦ୍ ବଇତୁଲ୍ ଆଫିୟତ୍‌ର ଉଦ୍‌ଘାଟନ ହେଲା । ସେ ଅବସରରେ Hon'ble Dwight Evans ସେଠାକୁ ଆସିଥିଲେ ଯିଏ ୟୁ.ଏସ୍ କଂଗ୍ରେସ୍‌ର ସଦସ୍ୟ ମଧ୍ୟ ଅଛନ୍ତି । ସେ ବହୁତ ସୁନ୍ଦର ଶବ୍ଦରେ ମୋତେ କହିଲେ କି ମୁଁ ଆପଣଙ୍କୁ ଏହି ବଡ ସହରରେ ସ୍ୱାଗତ ଜଣାଉଛି । ଏହି ସହର ଭାଇ ଭଉଣୀଙ୍କ ପ୍ରେମ ପରି ସହର । ଫ୍ଲାଡଲ୍‌ଫିଆର ବ୍ୟବସ୍ଥାପିକାଙ୍କ ତରଫରୁ ମୁଁ ଗୋଟିଏ ମୁସଲ୍‌ମାନ୍ କମ୍ୟୁନିଟିକୁ କହିବାକୁ ଚାହୁଁଛି କି ଆମେ ଆପଣମାନଙ୍କର ଶାନ୍ତିର ବାର୍ତ୍ତାକୁ ଏଠାରେ ୱେଲ୍‌କମ୍ କରୁଅଛୁ । ପୁଣି କହୁଛନ୍ତି କି କିଛି ଆମେରିକୀୟଙ୍କ ନିକଟରୁ ଗତ କେତେବର୍ଷ ହେବ ଇସ୍‌ଲାମ୍ ବିରୋଧରେ କିଛି ମନ୍ତବ୍ୟ ଆସିଛି । କିନ୍ତୁ ସେ କହୁଛନ୍ତି କି ମୁଁ ଆପଣମାନଙ୍କୁ ବତାଇବାକୁ ଚାହୁଁଛି ଯେ ଏଠିକାର ଅଧିକାଂଶ ଲୋକ ଆପଣଙ୍କୁ ସ୍ୱାଗତ ଜଣାଉଛନ୍ତି । ଆମେ ଆପଣଙ୍କ ସହିତ ରହିଛୁ । ଘୃଣା, ବିଦ୍ୱେଶଭାବ ଏବଂ ଚରମପନ୍ଥୀ କାର୍ଯ୍ୟକଳାପ ବିରୋଧରେ ଆମେ ଆପଣଙ୍କ ସହିତ ଛିଡା ହୋଇଛୁ । ପୁଣି ସେ ନିଜର ମନୋଭାବକୁ ବ୍ୟକ୍ତ କରି କହୁଛନ୍ତି କି ଆପଣ ଶାନ୍ତି ପ୍ରତିଷ୍ଠା କରିବା ପାଇଁ ବହୁତ ସୁନ୍ଦର ବାର୍ତ୍ତା ଦେଇଛନ୍ତି । ଦୁର୍ଭାଗ୍ୟ ବଶତଃ ଆମେ ଆମେରକାରେ ଗୋଟିଏ ଅନ୍ଧକାରମୟ ଯୁଗଦେଇ ଗତି କରୁଅଛୁ ଓ ଏପରି ସମୟରେ ଉକ୍ତ ବାର୍ତ୍ତା ବହୁତ ସୁନ୍ଦର ବାର୍ତ୍ତା ଥିଲା ।  ଏଥିରୁ ପ୍ରମାଣିତ ହେଉଛି କି ମୁସଲ୍‌ମାନ୍ କମ୍ୟୁନିଟି ନା କେବଳ ଆମେରିକା ବରଂ ସମଗ୍ର ସଂସାର ପାଇଁ କେତେ ଗୁରୁତ୍ୱପୁର୍ଣ୍ଣ ଏବଂ ପୁଣି ସେ କହୁଛନ୍ତି ଆମକୁ ଭବିଷ୍ୟତରେ ଆଶା ଓ ଶାନ୍ତି ଦରକାର । ଫ୍ଲାଡେଲିଫା ଧର୍ମ ସ୍ୱାଧୀନତା ପ୍ରସଙ୍ଗରେ ଏକ ଗୁରୁତ୍ୱପୁର୍ଣ୍ଣ ସ୍ଥାନ । ଫ୍ଲାଡେଲିଫା ସମ୍ବନ୍ଧରେ ଏକଥା ପ୍ରସିଦ୍ଧ ଅଛି କି ସେଠାରେ ପ୍ରତ୍ୟେକ ଧର୍ମାବଲମ୍ବୀ ମାନଙ୍କୁ ନିଜ ନିଜର ଧର୍ମ ସ୍ୱାଧୀନ ରୂପେ ପାଳନ କରିବା ପାଇଁ ଚୁକ୍ତି ହୋଇଥିଲା । ସେ କହୁଛନ୍ତି କି ଏ ସ୍ଥାନର ଗୋଟିଏ ଗୁରୁତ୍ୱ ରହିଛି । ତେଣୁ ଏହି ମସ୍‌ଜିଦ୍‌ଟି ଲୋକମାନଙ୍କ ପାଇଁ ଏକ ଉତମ ସ୍ଥାନ ପ୍ରମାଣିତ ହେବ ।

ତେବେ ଦେଖନ୍ତୁ ସେମାନଙ୍କର ମନୋଭାବ କିପରି ରହିଛି । ସେହିପରି ସେଠିକାର ମେୟର୍ ମଧ୍ୟ ଉଦ୍‌ଘାଟନୀ ଉତ୍ସବରେ ଯୋଗ ଦେଇଥିଲେ । ତାଙ୍କ ସହିତ ଆଉକିଛି ନେତାମାନେ ମଧ୍ୟ ଆସିଥିଲେ । ପୁଣି ମେୟର James Kenney ସାହେବ୍ ମଧ୍ୟ ଏକଥା କହିଲେ କି ଫ୍ଲାଡେଲିଫା ସହରର ଇତିହାସରୁ ଏକଥା ଜଣାପଡୁଛି ଯେ ଧର୍ମୀୟ ସ୍ୱାଧୀନତା ହେଉଛି ଏ ସହରର ମୂଳ ସିଦ୍ଧାନ୍ତ । ଏହି ସହର ଏହି ଆଧାରରେ ହିଁ ନିର୍ମାଣ କରାଯାଇଥିଲା । ଆମର ସମ୍ବନ୍ଧ ନିଶ୍ଚିତ ରୂପେ ଭିନ୍ନ ଭିନ୍ନ ଜାତି ଓ ଦେଶ ସହିତ ରହିଛି କିନ୍ତୁ ଏହି ସହରଟି ପ୍ରତ୍ୟେକ ବ୍ୟକ୍ତିକୁ ସ୍ୱାଗତ ଜଣାଇବ । ପୁଣି ସେ କହିଲେ କି ଆମେ ଜଣେ ଅନ୍ୟଜଣକ ସହିତ ମିଳିମିଶି କାର୍ଯ୍ୟ କରିବା । ଜଣେ ଅନ୍ୟଜଣକ ସହିତ ସମ୍ମାନ ଦେଖାଇବା ଓ ଏ ପୃଥିବୀକୁ ବତାଇଦେବା କି ଆମେ ସମସ୍ତେ ମିଳିମିଶି ରହିପାରୁଛୁ ଓ ଆମେ ନିଜର ସମସ୍ୟା ଗୁଡ଼ିକୁ ସମାଧାନ କରିପାରୁଛୁ । ନିଜ ପିଲାମାନଙ୍କର ଅସୁବିଧାକୁ ଦୂର କରିପାରୁଛୁ । ଏହା ହେଉଛି ସେହି ଶିକ୍ଷା ଯାହା ବାସ୍ତବରେ ଇସ୍‌ଲାମ୍‌ର ଶିକ୍ଷା ଅଟେ, ଯାହାକୁ ଅନ୍ୟମାନେ ଆପଣାଉଛନ୍ତି କିନ୍ତୁ ମୁସଲ୍‌ମାନ୍‌ମାନେ ଭୁଲିଯାଉଛନ୍ତି ।

ପୁଣି ଏହି ପ୍ରୋଗ୍ରାମ୍‌ରେ ଜଣେ ଜଜ୍ Harry Schwartz ସାହେବ୍ ମଧ୍ୟ ସାମିଲ୍ ହୋଇଥିଲେ । ସେ କହୁଛନ୍ତି କି ମୁଁ ଏ ଜମାତ୍ ସହିତ ୨୫ବର୍ଷ ହେବ ପରିଚିତ ଓ ଏଠିକାର ସଦର୍ ସାହେବ୍‌ଙ୍କ ସହିତ ଅନେକଥର ଡିନର୍ କରିବା ସମୟରେ ଭିନ୍ନ ଭିନ୍ନ ସମସ୍ୟା ବିଷୟରେ କଥା ହୋଇଛି । ପୁଣି ମୋ ଅଭିଭାଷଣ ପରେ ସେ କହିଲେ କି ଆପଣଙ୍କର ବାର୍ତ୍ତା ହେଉଛି ପ୍ରେମ, ସୌହାର୍ଦ୍ଦ୍ୟ ଓ ଆପୋଷରେ ମିଳିମିଶି ରହିବାର ବାର୍ତ୍ତା । ଯଦି ଏହାକୁ ବୁଝି ନିଆଯାଏ ତେବେ ମୋ ମତରେ ଆମ ସମସ୍ତଙ୍କର ଅବସ୍ଥା ସୁଧୁରି ଯିବ ।

ଜଣେ ଆଫ୍ରିକୀୟ ଆମେରିକୀୟ ନୁଆ ମୁସ୍‌ଲିମ୍ କହୁଛନ୍ତି କି ଏଥିରେ ମସ୍‌ଜିଦ୍‌ର ବହୁତ ଆବଶ୍ୟକତା ଥିଲା । ଏହା ଗୋଟିଏ ବହୁତ ଭଲ ସେଂଟର୍ ହୋଇଗଲା । କୁହାଯାଉଛି କି ମାହୋଲ୍‌କୁ ଉତମ  ପରିବେଶରେ ପରିବର୍ତନ ହେବାପାଇଁ ଦଶବର୍ଷ ଲାଗିଥାଏ କିନ୍ତୁ ମୁଁ ଦୁଇବର୍ଷରେ ସମାଜକୁ ବଦଳିବାର ଦେଖୁଅଛି ଯେଉଁଥିରୁ ଏହା ପ୍ରମାଣିତ ହେଉଛି କି ଯଦି ନିଷ୍ଠା ରହିବ ତେବେ ଏକାଠି ମିଳିମିଶି ଏ କାମ କରାଯାଇପାରିବ ଓ ପୁଣି ଅଭିଭାଷଣ ପରେ କହୁଛନ୍ତି- ଏହା ଗୋଟିଏ ଆଶ୍ଚର୍ଯ୍ୟଚକିତ ବାର୍ତ୍ତା ଅଟେ ଓ ଆପଣଙ୍କର ପ୍ରତ୍ୟେକ ବାର୍ତ୍ତା ହେଉଛି ହୃଦୟସ୍ପର୍ଶୀ । (ହଜୁର୍ କହୁଛନ୍ତି) ସେ ଅହେମଦୀ ନୁହଁନ୍ତି, କେବଳ ମୁସଲ୍‌ମାନ୍ ହୋଇଛନ୍ତି ।

ପୁଣି ଆଉଜଣେ ଆଫ୍ରିକୀୟ ଆମେରିକୀୟ ମହିଳା କହୁଛନ୍ତି କି ମୋତେ ଏ ଅଭିଭାଷଣରୁ ବହୁତ କିଛି ଶିଖିବାକୁ ମିଳିଲା । ଆଶା କରୁଛି କି ଆମେ ଏବେ ସେ କଥାଗୁଡିକୁ ନିଜ ଜୀବନର ଅଂଶ ମଧ୍ୟ ବନାଇବୁ ଏବଂ ଯଦି ଆମେ ଉକ୍ତ କଥାଗୁଡିକ ଉପରେ ପରିଚାଳିତ ହେବୁ ତେବେ ଆମେ ନିଶ୍ଚିତ ରୂପେ ସିଧା ମାର୍ଗରେ ହିଁ ରହିବୁ । (ହଜୁର୍ କହୁଛନ୍ତି) ଏ ମଧ୍ୟ ଅହେମଦୀ ନୁହଁନ୍ତି ।

ପୁଣି ଜଣେ ମହିଳା Haniyyah ସାହିବା କହୁଛନ୍ତି କି ଯେଉଁ ବାର୍ତ୍ତା ଆପଣମାନେ ଦେଇଛନ୍ତି ତା ମାଧ୍ୟମରେ ଇସ୍‌ଲାମ୍ ବିରୋଧରେ ପ୍ରଚାର କରାଯାଉଥିବା ଭୁଲ୍ ବୁଝାମଣା ଦୂର ହୋଇପାରିବ । ଏଠାରେ ମୁସଲ୍‌ମାନଙ୍କର ଗୋଟିଏ ସେଂଟର୍ ହୋଇଥିବାରୁ ସେ ବହୁତ ଆନନ୍ଦିତ । ଲୋକମାନଙ୍କ ମଧ୍ୟରେ ଇସ୍‌ଲାମ୍ ବିରୋଧରେ ବିଦ୍ୱେଶଭାବ ମିଳୁଅଛି, ଯାହା ସମ୍ପୂର୍ଣ୍ଣ ରୂପେ ଭୁଲ୍ ଅଟେ । ଆପଣଙ୍କର ବାର୍ତ୍ତା ବହୁତ ଦୃଢ଼ ଥିଲା । ମୁଁ ଏ ଆଶା କରୁଛି କି ଏ ବାର୍ତ୍ତା ଅଧିକରୁ ଅଧିକ ପ୍ରସାର ହେଉ ଓ ଆମେରିକାର ଲୋକମାନେ ଇସ୍‌ଲାମ୍‌ର ସତ୍ୟତାକୁ ଜାଣିନିଅନ୍ତୁ ।

ଆଉଜଣେ ସ୍ଥାନୀୟ କାଉନ୍‌ସିଲର୍ ଏହି ମସ୍‌ଜିଦ୍‌ର ଉଦ୍‌ଘାଟନୀ ଉତ୍ସବରେ ସାମିଲ୍ ହୋଇଥିଲେ । ସେ କହୁଛନ୍ତି କି ଆପଣଙ୍କର ଶାନ୍ତିପୁର୍ଣ୍ଣ ବାର୍ତ୍ତା ବହୁତ ଆବଶ୍ୟକ ଥିଲା । ବିଶେଷ ରୂପେ ବର୍ତମାନର ପରିସ୍ଥିତି ଦୃଷ୍ଟିକୋଣରୁ ଏହି ବାର୍ତ୍ତା ଆହୁରି ଅଧିକା ଗୁରୁତ୍ୱପୁର୍ଣ୍ଣ ହୋଇଯାଇଛି । ଏଠାକୁ ଆସିବା ମୋ ପାଇଁ ସମ୍ମାନର କଥା । ମୁଁ ଏହି ମସ୍‌ଜିଦ୍‌ଟିକୁ ନିଜ ସମ୍ମୁଖରେ ନିର୍ମାଣ ହୋଇଥିବାର ଦେଖିଛି । ଏଠାରେ ଏହି ମସ୍‌ଜିଦ୍‌ଟି ନିର୍ମାଣ ହେବା ଏ ଇଲାକା ପାଇଁ ବହୁତ ହିଁ ସୌଭାଗ୍ୟର କାରଣ ହେବ । ଯେଉଁ ବାର୍ତ୍ତା ଆପଣ ଦେଇଛନ୍ତି କି ଆପଣମାନେ ପଡୋଶୀମାନଙ୍କର ଆବଶ୍ୟକ ସମୟରେ ତାଙ୍କ ସହିତ କାନ୍ଧରେ କାନ୍ଧ ମିଳାଇ ଛିଡା ହେବେ, ମୋ ମତରେ ଏଠି ଫ୍ଲାଡେଲିଫାରେ କେବଳ ନୁହେଁ ବରଂ ସମଗ୍ର ଆମେରିକାରେ ଏହି ବାର୍ତାର ଆବଶ୍ୟକ ରହିଛି ।

ଜଣେ ପାଲେଷ୍ଟାଇନ୍ ମୁସଲ୍‌ମାନ୍ ମହିଳା ସେଥିରେ ଯୋଗ ଦେଇଥିଲେ । ସେ କହୁଛନ୍ତି କି ଆପଣଙ୍କର ବାର୍ତ୍ତା ବହୁତ ଗୁରୁତ୍ୱପୁର୍ଣ୍ଣ ବାର୍ତ୍ତା ଥିଲା । ମୋର ସମ୍ବନ୍ଧ ପାଲେଷ୍ଟାଇନ୍‌ର ଗୋଟିଏ ଛୋଟ ଗାଁ ସହିତ ରହିଛି । ସେହି ବାସ୍ତବିକ ଶିକ୍ଷା ଯାହାକୁ ମୁଁ ପିଲାଦିନୁ ଶିଖିଛି ତାହା ଆଜି ଆପଣଙ୍କ ଅଭିଭାଷଣରେ ଦେଖିବାକୁ ମିଳିଲା । ଏହା ହିଁ ପ୍ରକୃତ ଇସ୍‌ଲାମ୍ । ଆମେ ଯେଉଁ ଫିର୍‌କା (ଗୋଷ୍ଠୀ) ସହିତ ସମ୍ପର୍କ ରଖିଥାଉ ପଛକେ, ଆମର ଏ କର୍ତବ୍ୟ ହେବା ଉଚିତ୍ କି ଆମେ ସମସ୍ତେ ଏକାଠି ହୋଇ ଶାନ୍ତି ସ୍ଥାପନ କରିବା ପାଇଁ କାମ କରିବା । ପୁଣି କହୁଛନ୍ତି କି ଆପଣ ବାସ୍ତବିକ ରୂପେ ସମସ୍ତ ମୁସଲ୍‌ମାନ୍ କମ୍ୟୁନିଟିର ପ୍ରତିନିଧିତ୍ୱ କରିଛନ୍ତି । (ହଜୁର୍ କହୁଛନ୍ତି) ଏହା ତ ହେଉଛି ଏପରି ପୁଣ୍ୟ ପ୍ରକୃତିର ଲୋକମାନଙ୍କର ମନୋଭାବ କିନ୍ତୁ ବାକି ଅନ୍ୟ ମୁସଲ୍‌ମାନମାନେ ମଧ୍ୟ ଏକଥାକୁ ବୁଝନ୍ତୁ ଯେ ଜମାତ୍ ଅହେମଦୀୟା ହିଁ ବାସ୍ତବରେ ଇସ୍‌ଲାମ୍‌ର ପ୍ରତିନିଧିତ୍ୱ କରୁଅଛି ।

ଆଉଜଣେ ମହିଳା ଶିକ୍ଷୟତ୍ରୀ କହୁଛନ୍ତି କି ଶାନ୍ତି ସମ୍ବନ୍ଧରେ ଆପଣଙ୍କର ଯେଉଁ ବାର୍ତ୍ତା ଥିଲା ତାହା ଅତି ଉତମ ନଥିଲା । ଯଦିଚ ମୁଁ ହେଉଛି ଜଣେ କ୍ୟାଥୋଲିକ୍ ଏହା ସତ୍ୟ ମଧ୍ୟ ମୁଁ ଆପଣଙ୍କର ଗୋଟିଏ ଗୋଟିଏ ଶବ୍ଦ ସହିତ ସହମତ ଅଛି । ମୁଁ ଦୃଢ଼ ବିଶ୍ୱାସର ସହିତ ଏକଥା କହୁଅଛି କି ଇସ୍‌ଲାମ୍‌ର ଶାନ୍ତିର ବାର୍ତ୍ତା ଦେଉଅଛି । ଇସ୍‌ଲାମ୍ ମାନବସେବାର ଶିକ୍ଷା ଦେଉଅଛି ।

ଆଉଜଣେ ପ୍ରଫେସର୍ ଯିଏ ନିଜ ୟୁନିଭର୍‌ସିଟିର ପ୍ରେସିଡେଂଟ୍‌ଙ୍କ ପ୍ରତିନିଧିତ୍ୱ କରୁଥିଲେ ସେ କହୁଛନ୍ତି କି ଆପଣ ଏହି ସହରର ଲୋକମାନଙ୍କ ନିମନ୍ତେ ଯେଉଁ ଶୁଭକାମନାର ପରିପ୍ରକାଶ କରିଛନ୍ତି ତା'ର ସମ୍ବନ୍ଧ ବର୍ତମାନ ସହିତ ନୁହେଁ ବରଂ ଆସନ୍ତା ସମୟ ସହିତ ରହିଛି । ଆପଣଙ୍କ ନିକଟରେ ଯେଉଁ ଗୋଟିଏ କଥା ମୁଁ ଦେଖିଲି ତାହା ହେଉଛି ଏପରିକି ଆପଣ କେବଳ ବର୍ତମାନ ସମୟର କଥା କହୁନାହାଁନ୍ତି ବରଂ ଆପଣଙ୍କ ଦୃଷ୍ଟି ଆସନ୍ତା ସମୟ ଉପରେ ମଧ୍ୟ ରହିଛି । ପୁଣି ସେ ବହୁତ ସୁନ୍ଦର ଭାଷା ପ୍ରୟୋଗ କରି ଏ ଅଭିଭାଷଣକୁ ପ୍ରଶଂସା କଲେ । ସେ କହୁଛନ୍ତି କି ଆପଣ ଏଠାରେ ଗୋଟିଏ ମଞ୍ଜି ଲଗାଇଦେଲେ । ବର୍ତମାନ ଆମର ଦାୟିତ୍ୱ ହେଉଛି କିପରି ତାହାକୁ ଦେଖାଶୁଣା କରିବୁ ଏବଂ ତାକୁ ବଢ଼ାଇବୁ ଓ ପୁଣି ତାକୁ ଭାଇଚାରା ଓ ପ୍ରେମଦ୍ୱାରା ମଜ୍‌ବୁତ୍ ବୃକ୍ଷରେ ପରିବର୍ତନ କରିବୁ ।

ଜଣେ ମହିଳା ନିଜର ମନୋଭାବକୁ ବ୍ୟକ୍ତ କରି କହୁଛନ୍ତି କି ଆପଣ ଯେଉଁ କଥା କହିଛନ୍ତି ଅର୍ଥାତ୍ ଆମେ ଆପଣମାନଙ୍କ ଅଶ୍ରୁ ପୋଛିବୁ, କେତେଲୋକ ଅଛନ୍ତି ଏପରି କହିପାରିବେ ? ଏହା ବହୁତ ଆଶ୍ଚର୍ଯ୍ୟଜନକ କଥା ଥିଲା । ମୁଁ ନିଜର ମନୋଭାବକୁ କାବୁ କରିପାରିଲି ନାହିଁ । ନିଜର ବାର୍ତ୍ତାକୁ ଦେବାପାଇଁ ହେଲେ ଜରୁରୀ ନୁହେଁ କି ଉଚ୍ଚା ଏବଂ ଭାରି ଭାଷଣ ଦିଆଯିବ । ସେହି ବାର୍ତ୍ତା ଆପଣ ବହୁତ ହିଁ ପ୍ରେମ, ସୌହାର୍ଦ୍ଦ୍ୟ ଓ ଭଲପାଇବାର ଶୈଳୀରେ ପ୍ରଦାନ କରିଛନ୍ତି । (ହଜୁର୍ କହୁଛନ୍ତି) ମୁଁ ଏକଥା କହିଥିଲି କି ଗରୀବ ମାନଙ୍କୁ ସାହାଯ୍ୟ କରିବା ପାଇଁ ଆମେ ସଦାସର୍ବଦା ପ୍ରସ୍ତୁତ ଅଛୁ ଏବଂ ଯଦି କିଏ ଦୁଃଖ କଷ୍ଟରେ ଅଛି ତେବେ ଆମେ ହିଁ ସେହି ଲୋକମାନଙ୍କର  ଅଶ୍ରୁକୁ ପୋଛିଦେବୁ ।

ଜଣେ ଗଏର୍ ଅହେମଦୀ ଇମାମ୍ ସାହେବ୍ ମଧ୍ୟ ଏହି ପ୍ରୋଗ୍ରାମ୍‌ରେ ସାମିଲ୍ ଥିଲେ । ସେ କହୁଛନ୍ତି କି ଅହେମଦୀମାନଙ୍କ ସହିତ ମୋର ପ୍ରଥମ ସମ୍ପର୍କ ଜମାତ୍ ତରଫରୁ କରାଯାଇଥିବା ପବିତ୍ର କୋରାନ୍‌ର ଅନୁବାଦ ଯୋଗୁ ହୋଇଥିଲା । ଏହା ହେଉଛି ସେହି ଅନୁବାଦ ଯାହା ତାଙ୍କ ନିକଟରେ ଅଛି ତାହା ମୌଲୱି ମୁହମ୍ମଦ୍ ଅଲୀ ସାହେବ୍‌ଙ୍କର ଅନୁବାଦ ଅଟେ । ପୁଣି ସେ କହୁଛନ୍ତି କି ଆପଣଙ୍କର ବାର୍ତ୍ତା ବହୁତ ଭଲ ଥିଲା । ଆପଣଙ୍କ ସହିତ ମୋର ଶତ ପ୍ରତିଶତ ସହମତି ରହିଛି । ଏହା ହିଁ ଆମର ମିଶନ୍ ଏବଂ ଉଦ୍ଦେଶ୍ୟ । ଆମେ ସମସ୍ତେ ଆଦମ୍‌ଙ୍କ ସନ୍ତାନ । ତେଣୁ ଆମେ ଜଣେ ଅନ୍ୟଜଣକର ଜୀବନର ମାନକୁ ବଢ଼ାଇବା ପାଇଁ ଚେଷ୍ଟା କରିବା ଉଚିତ୍ ।

ଆମେ ସମସ୍ତେ ମିଳିମିଶି ଆଁ ହଜ୍‌ରତ୍ ସ:ଆ:ସଙ୍କ ପ୍ରକୃତ ବାର୍ତାକୁ ପ୍ରଚାର କରିବା ଉଚିତ୍ । ଈଶ୍ୱର କରନ୍ତୁ ଏହା କେବଳ ତାଙ୍କ ମୁହଁର କଥା ନହେଉ ବରଂ ତା ଉପରେ ପରିଚାଳିତ ମଧ ହୁଅନ୍ତୁ ।

ପୁଣି ତା' ପରଦିନ Baltimore ମସ୍‌ଜିଦ୍‌ର ମଧ ଉଦ୍‌ଘାଟନ ହେଲା, ଯାହାର ନାମ ହେଉଛି ''ବଇତୁସ୍ ସମଦ'' । ଏହା ଗୋଟିଏ ଚର୍ଚ୍ଚର ବିଲ୍‌ଡିଂ ଥିଲା, ଯାହା କିଣାଯାଇଛି । ପୁଣି ତାକୁ ଠିକ୍ ଭାବରେ ମରାମତି କରି ମସ୍‌ଜିଦ୍‌ରେ ପରିବର୍ତନ କରାଯାଇଛି । ସଂଯୋଗ ବଶତଃ ଏହି ଅଟ୍ଟାଳିକାଟି ଏପରି ତିଆରି କରାଯାଇଛି ତାହା ପାଖାପାଖି ୯୯.୯% ହେଉଛି କିବ୍‌ଲା ମୁହାଁ । ଏହି ଦୃଷ୍ଟିକୋଣରୁ କୌଣସି ପ୍ରକାର ପରିବର୍ତନ କରିବାର ଆବଶ୍ୟକତା ପଡ଼ିଲା ନାହିଁ । ଯେହେତୁ ମୁଁ ସେଠାରେ ଏ ମସ୍‌ଜିଦ୍ ସମ୍ବନ୍ଧରେ ସମ୍ପୂର୍ଣ୍ଣ ବିବରଣୀ ଦେଇନଥିଲି ସେଥିପାଇଁ ଏହି ମସ୍‌ଜିଦ୍ ସମ୍ବନ୍ଧରେ କିଛି ଏଠାରେ ବର୍ଣ୍ଣନା କରୁଅଛି । ଏହାକୁ କିଣିବା ପାଇଁ ୨୦ ଲକ୍ଷ ଡଲାର୍ ଖର୍ଚ୍ଚ କରାଯାଇଛି । ଏଥିରେ ପୁରୁଷ ଓ ମହିଳାମାନଙ୍କ ପାଇଁ ଅଲଗା ଅଲଗା ହଲ୍ ରହିଛି । ସେଥିରେ ୪୦୦ ଲୋକ ନମାଜ ପଢ଼ିପାରିବେ । ଏତଦ୍‌ବ୍ୟତୀତ କାର୍ଯ୍ୟାଳୟ, ଲାଇବ୍ରେରୀ, କ୍ଲାସ୍‌ରୁମ୍, କମର୍‌ସିଆଲ୍ କିଚେନ୍ ଏବଂ ଡାଇନିଂ ହଲ୍ ଇତ୍ୟାଦି ମହଜୁଦ୍ ରହିଛି । ଏହି ମସ୍‌ଜିଦ୍‌ଟି ରାଜରାସ୍ତା ଉପରେ ଅବସ୍ଥିତ ଓ ଏହି ରାଜମାର୍ଗରେ ପ୍ରତ୍ୟେକ ଦିନ ପାଖାପାଖି ୪୫ ହଜାର ମୋଟର ଗାଡି ଯିବା ଆସିବା କରୁଛନ୍ତି ।

Baltimore ର ମେୟର୍ ରିସିପ୍‌ସନ୍‌ରେ ଆସିଥିଲେ । ସେ କହୁଛନ୍ତି କି ଆପଣ ଶାନ୍ତି ପ୍ରସଙ୍ଗରେ କଥା କହିଲେ । ଏହା ହେଉଛି ଏପରି ବାର୍ତା ଯାହା ବର୍ତମାନ ସମୟର ସବୁଠାରୁ ଅଧିକା ଆବଶ୍ୟକୀୟ ନା କେବଳ ଆମ ସହରପାଇଁ ବରଂ ଆମ ରାଜ୍ୟ ଏବଂ ପୁଣି ସମଗ୍ର ୟୁ.ଏସ୍.ଏ ଏବଂ ସାରା ପୃଥିବୀ ପାଇଁ ଏହି ବାର୍ତାର ବିଶେଷ ଆବଶ୍ୟକତା ଅଛି । ମୁଁ ଭାବୁଛି କି ଏହି ବାର୍ତାକୁ ସମସ୍ତେ ଶୁଣିବା ଉଚିତ୍ । ଯେବେ ଆମେ ଶୁଣିବା ତେବେ ଯାଇ ଜାଣିପାରିବା ଯେ ଏ ପୃଥିବୀର ସମସ୍ତ ସମସ୍ୟାର ଏକମାତ୍ର ସମାଧାନର ବାଟ ହେଉଛି ଶାନ୍ତି ଏବଂ ଆମେ ଜଣେ ଅନ୍ୟଜଣକୁ ଭଲ ପାଇବା ଉଚିତ୍ ।

ୟୁନିଭର୍‌ସିଟିର ଜଣେ ପ୍ରଫେସର୍ Baltimore ଠାରେ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ କି ଯେଉଁଠି ଆମମାନଙ୍କ ମଧ୍ୟରେ ଭିନ୍ନତା ରହିଛି ସେଠାରେ ବହୁତ କିଛି ସମାନତା ମଧ ରହିଛି ଓ ଏହା ଏକ ଆଶ୍ଚର୍ଯ୍ୟଚକିତ ବାର୍ତା ଥିଲା ଯାହା ମାଧମରେ ଆମେ ସମାଜରେ ଗୁରୁତ୍ୱପୁର୍ଣ୍ଣ ପରିବର୍ତନ ସୃଷ୍ଟି କରିପାରିବା । ଆମକୁ ଜଣେ ଅନ୍ୟଜଣକ ସହିତ ମିଶି କାମ କରିବା ଉଚିତ୍ । ଜଣେ ଅନ୍ୟଜଣକୁ ସମ୍ମାନ କରିବା ଉଚିତ୍ । ୟୁ.ଏସ୍.ଏ ର ମାହୋଲ୍‌ରେ ଏ ବାର୍ତା ବହୁତ ଗୁରୁତ୍ୱପୁର୍ଣ୍ଣ । ଆମେରିକୀୟ ହୋଇଥିବା ଯୋଗୁଁ ଆମକୁ ନା କେବଳ ନିଜ ପାଇଁ ବରଂ ନିଜ ପିଲାମାନଙ୍କ ପାଇଁ ମଧ କାର୍ଯ୍ୟ କରିବାକୁ ହେବ । ଏ ସମାଜରେ ସମସ୍ତଙ୍କୁ ମିଳିମିଶି ଆଗକୁ ବଢ଼ିବା ଉଚିତ୍ । ଏହି ବାର୍ତାଟି ମୋତେ ବହୁତ ପ୍ରଭାବିତ କରିଛି ।

ପୁଣି ଡିଷ୍ଟ୍ରିଟ୍ ୪୮ ର ଜଣେ ରାଜ୍ୟ ପ୍ରତିନିଧି ଆସିଥିଲେ । ସେ କହୁଛନ୍ତି କି ଏ ବାର୍ତାକୁ ଶୁଣି ମୁଁ ବହୁତ ପ୍ରଭାବିତ ହୋଇଛି । ବିଶେଷ ରୂପେ ଏପରି ସମୟରେ ଯେଉଁ ସମୟରେ ମୁସଲ୍‌ମାନ୍‌ମାନଙ୍କ ପ୍ରସଙ୍ଗରେ ଏ ସମାଜରେ ଭୟର ବାତାବରଣ ମିଳୁଅଛି ଓ ଏ ଦେଶରେ ବଂଶବାଦ ଓ ଜାତିବାଦର ମତଭେଦ ରହିଛି । ଏପରି ପରିସ୍ଥିତିରେ ଆପଣ ଆମକୁ ନିଜର କର୍ତବ୍ୟ ପ୍ରତି ଧ୍ୟାନ ଆକର୍ଷଣ କରାଇଥିବା ଯୋଗୁ ଆମେ ବହୁତ ଆନନ୍ଦିତ । ଆପଣ ଆମକୁ ଏକଥା ବତାଇଲେ କି ପ୍ରତ୍ୟେକଙ୍କ ସହିତ ପ୍ରେମ କର ଓ କାହା ପ୍ରତି ଘୃଣାଭାବ ରଖନାହିଁ । ଏହି କଥା ହିଁ ଆମର ଆବଶ୍ୟକ ଅଛି । ପ୍ରେମ, ଶାନ୍ତି ଏବଂ ନ୍ୟାୟ ବାଲ୍‌ଟିମୋର୍ ସହର ପାଇଁ ଆବଶ୍ୟକ । ତାଙ୍କ ସ୍ୱାମୀ ମଧ ଯୋଗଦେଇଥିଲେ । ସେ କହୁଛନ୍ତି କି ମୋ ସ୍ତ୍ରୀ କହିଲେ କି ଏହା ଆମପାଇଁ ବହୁତ ଗୁରୁତ୍ୱପୁର୍ଣ୍ଣ ବାର୍ତା ଅଟେ । ପୁଣି ସେ କହୁଛନ୍ତି କି ଆମେ ନିଜେ ଚେଷ୍ଟା କରି ଏ ସମାଜର ଉନ୍ନତି ନିମନ୍ତେ ଯେତେକଥା କହିଲେ ମଧ ତା'ର କୌଣସି ପ୍ରଭାବ ପଡୁନାହିଁ । କିନ୍ତୁ ଇମାମ୍ ଜମାତ୍ ଅହେମଦୀୟାଙ୍କ ଉପସ୍ଥିତି ଏଠାରେ ବହୁତ ପ୍ରଭାବ ପକାଇଛି ଏବଂ ମୁସ୍‌ଲିମ୍ କମ୍ୟୁନିଟି କେବଳ ଏଠାରେ ନୁହେଁ ବରଂ ସମଗ୍ର ୟୁ.ଏସ୍.ଏ ରେ ଜମାତ୍ ଅହେମଦୀୟା ଏକ ଉତମ ଭୂମିକା ନିର୍ବାହ କରୁଅଛି ।

ଜଣେ ପାଦ୍ରୀ ସାହେବ୍ Father Joe ମଧ ସେଥିରେ ସାମିଲ୍ ହୋଇଥିଲେ । ସେ କହୁଛନ୍ତି ଆପଣଙ୍କ ଅଭିଭାଷଣ ଚାଲିଥିବା ସମୟରେ ମୁଁ ଗୋଟିଏ ଗୋଟିଏ କଥା ଉପରେ ସହମତ ହେଉଥିଲି କାରଣ ମୁଁ ବାଲ୍‌ଟିମୁର୍‌ଠାରେ ଥିବା ଅହେମଦୀୟା ମସ୍‌ଜିଦ୍‌କୁ ଅନେକଥର ଯାଇଛି । ତେଣୁ ମୁଁ ନିଶ୍ଚିତ ରୂପେ କହିପାରିବି କି ଯାହା କିଛି ଆପଣ କହିଲେ ବିଗତ କିଛି ବର୍ଷ ହେବ ତାହା ସବୁ ଅନ୍ୟ ମସ୍‌ଜିଦ୍ ଗୁଡିକରେ ହେବାର ମୁଁ ଦେଖୁଅଛି । ମସ୍‌ଜିଦ୍ ସମସ୍ତ ବର୍ଗ ଓ ଜାତି ପାଇଁ ଉନ୍ମୁକ୍ତ । ମୁଁ ଅନେକଥର ଜୁମା ଦିନ ମଧ ଯାଇଛି । ତେଣୁ ମୁଁ ସେହି ସମସ୍ତ କାର୍ଯ୍ୟକଳାପ ଗୁଡିକର ସାକ୍ଷୀ ଅଛି । ମୋତେ ଏକଥା ଶୁଣି ବହୁତ ଖୁସି ଲାଗିଲା । ସେଠାରେ ବିଭିନ୍ନ ଧର୍ମର ଲୋକେ ଏକତ୍ରିତ ହୋଇଛନ୍ତି ଏବଂ ଶାନ୍ତିର କଥା କରୁଛନ୍ତି । ଏଠାରେ ଯାହାକିଛି ହେଉଅଛି ତାହା ନା କେବଳ ଏହି ସହର ପାଇଁ ଆବଶ୍ୟକ ବରଂ ସମଗ୍ର ସଂସାର ପାଇଁ ଆବଶ୍ୟକ ।

ପୁଣି ଜଣେ ମହିଳା ନିଜର ମନୋଭାବକୁ ବ୍ୟକ୍ତ କରି କହୁଛନ୍ତି କି ବର୍ତମାନ ସମୟରେ ଯେଉଁ ପରିସ୍ଥିତି ଅଛି ତାର ନିରାକରଣ ପାଇଁ ଆପଣଙ୍କ ଅଭିଭାଷଣରେ ବହୁତ ଗୁରୁତ୍ୱପୁର୍ଣ୍ଣ ବାର୍ତା ଥିଲା । ମୁସଲ୍‌ମାନ୍, ଅଣମୁସଲ୍‌ମାନ୍, କଳା ଏବଂ ଗୋରା ମଧ୍ୟରେ ଯେଉଁ ଭେଦଭାବ ରହିଛି ସେ ସବୁକୁ ଦୂର କରିବା ପାଇଁ ଆମେ ମିଳିମିଶି ଚେଷ୍ଟା କରିବା ଓ ଏହା କେବଳ ଜଣେ ଅନ୍ୟଜଣକୁ ସମ୍ମାନ ଦେବାଦ୍ୱାରା ହିଁ ସମ୍ଭବ ହୋଇପାରିବ । ଏବଂ ଆପଣ ପଡୋଶୀମାନଙ୍କର ଯେଉଁ ସଂଜ୍ଞା ଏଠାରେ ନିର୍ଣ୍ଣୟ କରିଛନ୍ତି ଓ ପଡୋଶୀଙ୍କ ସହିତ ସୁବ୍ୟବହାର କରିବା ପାଇଁ ଯେଉଁ ବାର୍ତା ଦେଇଛନ୍ତି ତାହା ମୋ ପାଇଁ ବହୁତ ଶିକ୍ଷଣୀୟ ଥିଲା । ଏହି ବାର୍ତାକୁ ଶୁଣି ମୋତେ ଇସ୍‌ଲାମ୍ ସମ୍ବନ୍ଧରେ ଆହୁରି ଅଧିକା ଜାଣିବା ପାଇଁ ପ୍ରୋତ୍ସାହନ ଦେଇଛି । ଆପଣମାନଙ୍କୁ ବହୁତ ବହୁତ ଧନ୍ୟବାଦ ।

୪୧ ଡିଷ୍ଟ୍ରିଟ୍‌ର ଜଣେ ରାଜ୍ୟ ପ୍ରତିନିଧି ବିଲାଲ୍ ଅଲୀ ସାହେବ୍, ଯିଏ ହେଉଛନ୍ତି ଜଣେ ମୁସଲ୍‌ମାନ୍ ସେ କହୁଛନ୍ତି କି ଆପଣ ଯେଉଁ ବାର୍ତା ଦେଇଛନ୍ତି ତାହାର ଧ୍ୱନି ଏଠିକାର ଉପସ୍ଥିତ ଥିବା ସମସ୍ତଙ୍କଠାରେ ଗୁଞ୍ଜରଣ ସୃଷ୍ଟି କରୁଅଛି । ଏକତା, ଆପୋଷ ପ୍ରେମଭାବ, ଶାନ୍ତି ଓ ପ୍ରେମର ବାତାବରଣ ପ୍ରତିଷ୍ଠା କରିବା ପାଇଁ ଆପଣଙ୍କର ଉକ୍ତ ବାର୍ତା ବହୁତ ଗୁରୁତ୍ୱପୁର୍ଣ୍ଣ ଅଟେ । ଇସ୍‌ଲାମ୍ ବିରୋଧରେ ଯେଉଁ ଶଙ୍କା ଓ ସଂଶୟ ଦେଖାଦେଇଛି ତାହା ଦୂର କରିବା ପାଇଁ ଏଥିରୁ ସାହାଯ୍ୟ ମିଳିବ । ପୁଣି ସେ କହୁଛନ୍ତି ଆପଣ ଉଚିତ୍ ସମୟରେ ସମସ୍ୟା ଗୁଡିକର ଉଚିତ୍ ସମାଧାନ ବତାଇଛନ୍ତି । ବିଶେଷ ରୂପେ ଏଠିକାର ଯେଉଁ ରାଜନୈତିକ ବାତାବରଣ ଅଛି ସେମାନଙ୍କର ମନୋଭାବକୁ ପରିବର୍ତନ କରିବା ପାଇଁ ଚେଷ୍ଟା କରିଛନ୍ତି । ଆପଣ ଏଠାକୁ ଆସି ସମସ୍ତ ପ୍ରସଙ୍ଗ ଖୋଲାଖୋଲି ରୂପେ ବର୍ଣ୍ଣନା କରିଛନ୍ତି ଏବଂ ଏପରି ପରିବେଶରେ ବହୁତ ତାତ୍ୱିକ ଓ ମାର୍ମିକ ବାର୍ତା ପ୍ରଦାନ କରିଛନ୍ତି ଯାହାକୁ କୌଣସି ବୁଦ୍ଧିମାନ୍ ବ୍ୟକ୍ତି ମଧ ଅସ୍ୱୀକାର କରିପାରିବ ନାହିଁ । ମୁଁ ଆପଣଙ୍କ ଠାରୁ ଏ ସମାଜରେ ଶାନ୍ତି ସ୍ଥାପନ କରିବା ପାଇଁ ବହୁତ ସହଜ ସମାଧାନର ରାସ୍ତା ଶିଖିବାକୁ ପାଇଛି, ତାହା ହେଉଛି ଏହା କି ନିଜ ଘରୁ ହିଁ ଆରମ୍ଭ କରନ୍ତୁ । ପଡୋଶୀ ମାନଙ୍କ ସହିତ ସଦ୍‌ବ୍ୟବହାର କରନ୍ତୁ । ଆପଣଙ୍କୁ ସାର ପୃଥିବୀକୁ ପରିବର୍ତନ କରିବା ପାଇଁ ଆବଶ୍ୟକତା ନାହିଁ । କେବଳ ଯେଉଁମାନଙ୍କ ସହିତ ଆପଣ ମିଳାମିଶା କରୁଛନ୍ତି ସେମାନଙ୍କ ମଧ୍ୟରେ ପ୍ରେମ ବାଂଟନ୍ତୁ, ତାଙ୍କର ସେବା କରନ୍ତୁ । ଏହାଦ୍ୱାରା ପୁରା ସମାଜ ହିଁ ଶାନ୍ତିମୟ ହୋଇଯିବ । ପୁଣି ଆଉଗୋଟିଏ ଉପାୟ ଆପଣ ବତାଇଛନ୍ତି କି ଇସ୍‌ଲାମ୍ ନିର୍ଦ୍ଦେଶ ଦେଉଛି କି ସତ୍ୟକଥା ପ୍ରତି ନିମନ୍ତ୍ରଣ କର । ଅସଲରେ ତ ଆପଣଙ୍କର ନିଜର ନମୁନା ଠିକ୍ ହେବା ଉଚିତ୍ ଯଦ୍ୱାରା ସତ୍ୟ ଆଡକୁ ନିମନ୍ତ୍ରଣ ଦିଆଯାଇପାରିବ । ପୁଣି ସେ କହୁଛନ୍ତି କି ବାଲ୍‌ଟିମୁର୍‌ରେ ପରିସ୍ଥିତିରେ ମୁକାବିଲା କରିବା ପାଇଁ ଅହେମଦୀୟା ମୁସ୍‌ଲିମ୍ ଜମାତ୍ କର୍ମକ୍ଷେତ୍ରକୁ ଓହ୍ଲାଇଛି ଓ ଏ ସମାଜରେ ଏକ ଯୁକ୍ତାତ୍ମକ ଭୂମିକା ନିର୍ବାହ କରିବା ପାଇଁ ନିଜର ଅଦମ୍ୟ ଉତ୍ସାହର ପରିପ୍ରକାଶ କରିଛି । ଏହା ଅତ୍ୟନ୍ତ ଅନୁକରଣୀୟ ଦୃଷ୍ଟାନ୍ତ ଅଟେ । ଅଲ୍ଲାଃତାଲା ଜମାତ୍‌କୁ ସେଠାରେ ଏପରି ନମୁନା ଦେଖାଇବା ପାଇଁ ଶକ୍ତି ମଧ ପ୍ରଦାନ କରିଚାଲନ୍ତୁ ।

ଆଉଜଣେ ଅତିଥି Michelle ସାହିବା ଯିଏ Presbyterian Church ରେ ମିନିଷ୍ଟର୍ ଅଛନ୍ତି ସେ କହୁଛନ୍ତି କି ବହୁତ ଭଲ ବାର୍ତା ଥିଲା । ଆପଣ ଏକତା ଓ ଆପୋଷ ପ୍ରେମଭାବ ଓ ଭାଇଚାରା ଉପରେ ଜୋର୍ ଦେଇଛନ୍ତି । ଭୟକୁ ଶେଷ କରି ପ୍ରେମକୁ ପ୍ରତିଷ୍ଠା କରିବା ପାଇଁ ଧ୍ୟାନ ଆକର୍ଷଣ କରାଇଛନ୍ତି । ଏ ବାର୍ତା ବହୁତ ଗୁରୁତ୍ୱପୁର୍ଣ୍ଣ ବାର୍ତା । ମସ୍‌ଜିଦ୍ ନିର୍ମାଣ ହେବାର ଯେଉଁ ଉଦ୍ଦେଶ୍ୟ ଆପଣ ବର୍ଣ୍ଣନା କରିଛନ୍ତି ତାହା ହେଉଛି ଅତି ଉତମ । ପୁଣି ପଡୋଶୀ ମାନଙ୍କ ସହିତ ଯେଉଁ ସଦ୍‌ବ୍ୟବହାର କରିବାର ଶିକ୍ଷା ଆପଣ ଦେଇଛନ୍ତି ତାହା ମୋ ପାଇଁ ଏକ ନୁଆ ଶିକ୍ଷା ଥିଲା । ମୁଁ ଆଜି ଜାଣିପାରିଲି ଯେ ଇସାଇୟତ୍‌ରେ ଯେଉଁ ପ୍ରେମ ଓ ଭଲପାଇବାର ଶିକ୍ଷା ଦିଆଯାଇଛି ଆପଣଙ୍କ କଥା ତ ସେହିପରି କିନ୍ତୁ ମିଡିଆ ଇସ୍‌ଲାମ୍ ସମ୍ବନ୍ଧରେ ଆଉ ଅଲଗା କଥା ଉପସ୍ଥାପନ କରୁଅଛି ।

ଜଣେ ହିଷ୍ଟୋରିଆନ୍ ଡାକ୍ତର ଫାତିମା ସାହେବ୍ କହୁଛନ୍ତି କି ମୁଁ ''ୟୁ.ଏସ୍.ଏ ରେ ଇସ୍‌ଲାମ୍'' ଉପରେ ସ୍ପେଶାଲାଇଜେସନ୍ କରିଛି ଓ ଏ ପ୍ରସଙ୍ଗରେ ମୁଁ ୟୁ.ଏସ୍.ଏ ସମ୍ପର୍କରେ ବହୁତ ଗବେଷଣା କରିଛି । ମୁଁ କୌଣସି ଧାର୍ମୀକ ସ୍କଲାର୍ ନୁହେଁ, କେବଳ ଜଣେ ଐତିହାସିକ । ଏ ସମ୍ବନ୍ଧରେ ଆପଣ ଯାହା କହିଲେ କି ମିର୍ଜା ଗୁଲାମ୍ ଅହେମଦ୍ ସାହେବ୍ ଏ ଯୁଗରେ ଇସ୍‌ଲାମ୍‌ର ତଜ୍‌ଦିଦ୍ (ଇସ୍‌ଲାମ୍‌ରେ ଥିବା କୁସଂସ୍କାର ଗୁଡିକୁ ଦୂର) କରିଛନ୍ତି । ମୋ ମୁଣ୍ଡ ସେଥିରେ ଲାଗିଛି । ତେଣୁ ମୁଁ ଏ ପ୍ରସଙ୍ଗରେ ଆହୁରି ଅଧିକା ମୋ ଗବେଷଣାକୁ ବଢ଼ାଇବି । ମୋତେ ଏକଥା ଜାଣି ବହୁତ ଖୁସି ଲାଗିଲା କି ବର୍ତମାନ ମୋ ଗବେଷଣାର କେନ୍ଦ୍ରବିନ୍ଦୁ ନା କେବଳ ହଜ୍‌ରତ୍ ମିର୍ଜା ଗୁଲାମ୍ ଅହେମଦୀ୍ କାଦିଆନୀ ଆସ ହେବେ ବରଂ ଆପଣ ଆ:ସଙ୍କ ଲେଖା ଓ ନିତୀବାଣୀ ଗୁଡିକ ମଧ ରହିବ, ଯାହା ମାଧମରେ ଆପଣ ଆ:ସ ଏପରି (ଇସ୍‌ଲାମ୍‌କୁ) ଜିବୀତ କରାଇଛନ୍ତି । ଆପଣଙ୍କର ବାର୍ତା ବହୁତ ମନଗୁଗ୍ରକାରୀ ବାର୍ତା ଥିଲା । ଆପଣ ଇସ୍‌ଲାମୀୟ ସଦ୍‌ବ୍ୟବହାରକୁ ନା କେବଳ ଅନ୍ୟାନ୍ୟ ଧର୍ମ ମାନଙ୍କ ମଧ୍ୟରେ ସିମୀତ ରଖିଛନ୍ତି ବରଂ ବିଧର୍ମୀ ଲୋକମାନଙ୍କ ସହିତ ମଧ ସଦ୍‌ବ୍ୟବହାର କରିବା ପାଇଁ ଉପଦେଶ ଦେଇଛନ୍ତି । ପୁଣି ସେ କହୁଛନ୍ତି କି ଆପଣଙ୍କର ଯେଉଁ ଦୃଷ୍ଟିକୋଣ ଅର୍ଥାତ୍ ଜାତି, ବର୍ଣ୍ଣ, ଧର୍ମ ର୍ନିବିଶେଷରେ ଆମେ ସମସ୍ତେ ଏକ୍ ହୋଇ ମାନବ ଜାତି ପାଇଁ ଓ ମାନବ ସେବା ପାଇଁ କାମ କରିବା । ଏହା କେତେ ସୁନ୍ଦର ବାର୍ତା ଅଟେ । ମୁସଲ୍‌ମାନ୍ ହୋଇଥିବାରୁ ଆମକୁ ସନ୍ଦେହ ଦୃଷ୍ଟିରେ ଦେଖାଯାଉଅଛି । ତେଣୁ ଜଣେ ମୁସଲ୍‌ମାନଙ୍କ ତରଫରୁ ଇସ୍‌ଲାମୀୟ ଶିକ୍ଷାକୁ ବର୍ଣ୍ଣନା କରାଯିବା ହେଉଛି ଏକ ସୁନ୍ଦର ପଦକ୍ଷେପ ।

Virginia ମସ୍‌ଜିଦ୍‌ର ଉଦ୍‌ଘାଟନ ହେଲା ଓ ତା'ର ନାମ ହେଉଛି ''ମସ୍‌ଜିଦ୍

*ଅବଶିଷ୍ଟାଂଶ ପୃଷ୍ଠା-୨ ରେ ଦେଖନ୍ତୁ...*

# ଖୁତ୍‌ବା ଜୁମା

''ଗୋଟିଏ ହଦିସ୍ କୁଦୁସି ଅଛି କି ଅଲ୍ଲାଃତାଲା ଅହ୍‌ଲେ ବଦର୍ (ବଦର୍ ଯୁଦ୍ଧରେ ସାମିଲ୍ ହୋଇଥିବା) ସାହାବା ମାନଙ୍କୁ କହିଲେ ଯାହା ଇଛା ତାହା କର । ମୁଁ ତୁମକୁ କ୍ଷମା କରିଦେଇଛି''

ଇତାଅତ୍ ନିଷ୍ଠା ଓ ଭକ୍ତି ଭାବରେ ପରିପୁର୍ଣ୍ଣ ବଦ୍‌ରି ସାହାବା ହଜ୍‌ରତ୍ ସନାନ୍ ବିନ୍ ଅବି ସନାନ୍, ହଜ୍‌ରତ୍ ମହ୍‌ଜଅ, ହଜ୍‌ରତ୍ ଆମିର୍ ବିନ୍ ମୁଖଲ୍ଲଦ୍, ହଜ୍‌ରତ୍ ହାତିବ୍ ବିନ୍ ଉମ୍‌ରୋ ବିନ୍ ଅବ୍‌ଦେ କଏସ୍ ଅବ୍‌ଦେ ଶମ୍‌ସ୍, ହଜ୍‌ରତ୍ ଅବୁ ଖଜିମା ବିନ୍ ଅଓ୍ୱସ୍, ହଜ୍‌ରତ୍ ତମିମ୍ ମୌଲା ଖରାଶ୍, ହଜ୍‌ରତ୍ ମୁନ୍‌ଜିର୍ ବିନ୍ କଦାମା, ହଜ୍‌ରତ୍ ହାରିସ୍ ବିନ୍ ହାତିବ୍, ହଜ୍‌ରତ୍ ସାଲବା ବିନ୍ ଜଏଦ୍, ହଜ୍‌ରତ୍ ଅକ୍‌ବା ବିନ୍ ଓ୍ୱହବ୍, ହଜ୍‌ରତ୍ ହବିବ୍ ବିନ୍ ଅସ୍‌ଓ୍ୱଦ୍, ହଜ୍‌ରତ୍ ଅସିମା ଅନ୍‌ସାରୀ, ହଜ୍‌ରତ୍ ରାଫେ ବିନ୍ ହାରିସ୍, ହଜରତ୍ ରଖୈଲା ବିନ୍ ସାଲବା ଅନ୍‌ସାରୀ, ହଜରତ୍ ଜାବିର୍ ବିନ୍ ଅବ୍‌ଦୁଲ୍ଲାଃ ବିନ୍ ରୁଆବ୍, ହଜରତ୍ ସାବିତ୍ ବିନ୍ ଅକ୍‌ରମ୍ ବିନ୍ ସାଲ୍‌ବା, ହଜ୍‌ରତ୍ ସଲ୍‌ମା ବିନ୍ ସଲାମା, ହଜ୍‌ରତ୍ ଜବର୍ ବିନ୍ ଅତିକ୍, ହଜ୍‌ରତ୍ ସାବିତ୍ ବିନ୍ ସାଲ୍‌ବା, ହଜ୍‌ରତ୍ ସୁହେଲ୍ ବିନ୍ ଓ୍ୱହବ୍, ହଜରତ୍ ତୁଫୈଲ୍ ବିନ୍ ହାରିସ୍, ହଜ୍‌ରତ୍ ଅବୁ ସଲିତ୍ ଉସୈରା ବିନ୍ ଉମ୍‌ରୋ, ହଜ୍‌ରତ୍ ସାଲବା ବିନ୍ ହାତିବ୍ ଅନ୍‌ସାରୀ, ହଜ୍‌ରତ୍ ସାଆଦ୍ ବିନ୍ ଉସ୍‌ମାନ୍ ବିନ୍ ଖୁଲ୍‌ଦା ଅନ୍‌ସାରୀ, ହଜ୍‌ରତ୍ ଆମିର୍ ବିନ୍ ଉମୈୟା, ହଜ୍‌ରତ୍ ଉମ୍‌ରୋ ବିନ୍ ଅବି ସରହ୍,ହଜ୍‌ରତ୍ ଅସ୍‌ମା ବିନ ହସିନ୍, ହଜ୍‌ରତ୍ ଖଲିଫା ବିନ୍ ଅଦି, ହଜ୍‌ରତ୍ ମାଆଜ୍ ବିନ୍ ମାଆସ୍, ହଜ୍‌ରତ୍ ସାଆଦ୍ ବିନ୍ ଜଏଦ୍ ଅଲ୍ ଅଶ୍‌ହଲୀଙ୍କ ଜୀବନ ଚରିତର ଚର୍ଚ୍ଚ ।

''ଅଲ୍ଲାଃତାଲା ଉପରୋକ୍ତ ସାହାବା ମାନଙ୍କର ପଦମର୍ଯ୍ୟାଦାକୁ ଉଚ୍ଚରୁ ଉଚ୍ଚତର କରନ୍ତୁ ଏବଂ ଆମକୁ ମଧ୍ୟ ପୁଣ୍ୟ କରିବା ପାଇଁ ବଳିଦାନ ଦେବାପାଇଁ ନିଷ୍ଠା ଓ ଭକ୍ତିଭାବରେ ନିଜର ଜୀବନ ବିତାଇବା ପାଇଁ ଶକ୍ତି ପ୍ରଦାନ କରନ୍ତୁ'' ।

## ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ ଅ.ବ
## (ପ୍ରଦତ୍ତ: ୨୩ ନଭେମ୍ବର୍ ୨୦୧୮ ଅନୁଯାୟୀ ୨୩ ନବୁଓ୍ୱତ୍ ୧୩୯୭ ହିଜ୍‌ରି ଶମ୍‌ସି)

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ- بِسْمِ اللّٰهِ الرَّحْمٰنِ الرَّحِيْمِ
اَلْحَمْدُ لِلّٰهِ رَبِّ الْعٰلَمِيْنَ. اَلرَّحْمٰنِ الرَّحِيْمِ. مٰلِكِ يَوْمِ الدِّيْنِ. اِيَّاكَ نَعْبُدُ وَاِيَّاكَ نَسْتَعِيْنُ.
اِهْدِنَا الصِّرَاطَ الْمُسْتَقِيْمَ. صِرَاطَ الَّذِيْنَ اَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ.

ଆଜିଠାରୁ ପୁଣି ମୁଁ ବଦ୍‌ରି ସାହାବା (ବଦର୍ ଯୁଦ୍ଧରେ ସାମିଲ୍ ହୋଇଥିବା ସାହାବା ମାନେ)ଙ୍କ ଚର୍ଚ୍ଚା ପୁନର୍ବାର ଆରମ୍ଭ କରିବି । ସର୍ବପ୍ରଥମେ ଯେଉଁ ସାହାବୀଙ୍କର ଚର୍ଚ୍ଚା ହେବ ତାଙ୍କ ନାମ ହେଉଛି ସନାନ୍ ବିନ୍ ଅବି ସନାନ୍ ଯିଏ ବନୁ ଅସଦ୍ କବିଲାର ଥିଲେ ଏବଂ ବନୁ ଅବ୍‌ଦ୍ ଶମ୍‌ସ୍‌ର ହଲିଫ୍ (ବନ୍ଧୁ କବିଲା) ଥିଲା । ବଦର୍ ଯୁଦ୍ଧରେ ସେ ଭାଗ ନେଇଛନ୍ତି । ସେହିପରି ଓ୍ୱହଦ୍ ଏବଂ ଖନ୍ଦକ୍ ଯୁଦ୍ଧରେ ଓ ହୁଦବିୟା ସହିତ ଯେତେକ ଯୁଦ୍ଧ ହୋଇଥିଲା ସେ ଆଁ ହଜ୍‌ରତ୍ ସ:ଆ:ସଙ୍କ ସହିତ ଯୋଗ ଦେଇଥିଲେ । ବୟତେ ରିଜ୍‌ଓ୍ୱାନ୍‌ଠାରେ ସର୍ବପ୍ରଥମେ କିଏ ବୟତ୍ କରିଥିଲେ ସେ ସମ୍ବନ୍ଧରେ ମତଭେଦ ରହିଛି । କିଛି ଲୋକଙ୍କ ନିକଟରେ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଉମର୍ ର:ଅ ବୟତ କରିଥିଲେ ଓ କେତେକଙ୍କ ନିକଟରେ ହଜ୍‌ରତ୍ ସଲ୍‌ମା ଅଲ୍ ଅକୁଙ୍କ ନାମ ବର୍ଣ୍ଣନା କରାଯାଇଛି କିନ୍ତୁ ଓ୍ୱାକଦିଙ୍କ ନିକଟରେ ହଜ୍‌ରତ୍ ସନାନ୍ ବିନ୍ ଅବି ସନାନ୍ ସର୍ବପ୍ରଥମେ ବୟତ୍ କରିଛନ୍ତି ଓ ଆଉ କେତେକଙ୍କ ନିକଟରେ ହଜ୍‌ରତ୍ ସନାନ୍‌ଙ୍କ ବାପା ସର୍ବପ୍ରଥମେ ବୟତ୍ କରିଛନ୍ତି ବୋଲି ବର୍ଣ୍ଣନା କରାଯାଇଛି । ସେ ଯାହାହେଉ ଇତିହାସରେ ଏକଥା ବର୍ଣ୍ଣିତ ଅଛି କି ବୟତେ ରିଜ୍‌ଓ୍ୱାନ୍‌ଠାରେ ଯେତେବେଳେ ଆଁ ହଜ୍‌ରତ୍ ସ:ଆ:ସ ଲୋକମାନଙ୍କ ଠାରୁ ବୟତ ନେବା ଆରମ୍ଭ କଲେ ସେତେବେଳେ ହଜ୍‌ରତ୍ ସନାନ୍ ର:ଅ ମଧ୍ୟ ନିଜର ହାତକୁ ବଢ଼ାଇ କହିଲେ କି ମୋର ମଧ୍ୟ ବୟତ ନିଅନ୍ତୁ । ଏଥିରେ ରସୁଲୁଲ୍ଲାଃ ସ:ଆ:ସ କହିଲେ କେଉଁ କଥାରେ ବୟତ୍ କରୁଛନ୍ତି । ଏଥିରେ ହଜ୍‌ରତ୍ ସନାନ୍ ର:ଅ ନିବେଦନ କଲେ କି ଯାହା ଆପଣ ସ:ଆ:ସଙ୍କ ହୃଦୟରେ ଅଛି । ରସୁଲୁଲ୍ଲାଃ ସ:ଆ:ସ କହିଲେ ମୋ ମନ ଭିତରେ କଣ ଅଛି ତୁମେ କଣ ଜାଣିଛ ? ଆଁ ହଜ୍‌ରତ୍ ସ:ଆ:ସଙ୍କର ସଙ୍ଗତର ପ୍ରଭାବ ସାହାବା ମାନଙ୍କ ଉପରେ ଏପରି ଥିଲା କି ସେମାନେ କହିଲେ ବିଜୟୀ ହେବୁ ବା ଶାହାଦତ୍ ଗ୍ରହଣ କରିବୁ । ଏଥିରେ ଅନ୍ୟ ଲୋକମାନେ ମଧ୍ୟ କହିବା ଆରମ୍ଭ କରିଦେଲେ କି ଆମେ ମଧ୍ୟ ଏହି କଥାରେ ବୟତ କରୁଅଛୁ ଯେଉଁ କଥା ଉପରେ ହଜ୍‌ରତ୍ ସନାନ୍ ର:ଅ ବୟତ୍ କରୁଛନ୍ତି । (ରୌଜଲ୍ ଅନଫ୍, ଖଣ୍ଡ-୪, ପୃଷ୍ଠା-୬୨, ମୁଦ୍ରଣ- ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ) (ସିରତୁଲ୍ ହଲ୍‌ବିୟା, ଖଣ୍ଡ-୩, ପୃଷ୍ଠା-୨୬, ଅଧ୍ୟାୟ- ଜିକ୍‌ରି ମଗାଜିୟା, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ୍ ୨୦୦୨) (ତବ୍‌କାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୬୯, ସନାନ୍ ବିନ୍ ଅବି ସନାନ୍ ର:ଅ ଓମିନ୍ ହଲ୍‌ଫଅ ବନି ଅବ୍‌ଦ୍ ଶମ୍‌ସ୍, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ୍ ୧୯୯୦) (ଅସଦୁଲ୍ ଗାବା, ଖଣ୍ଡ-୩, ପୃଷ୍ଠା-୫୬୧, ସନାନ୍ ବିନ୍ ଅବି ସନାନ୍ ର:ଅ, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା, ବେରୁତ୍ ୨୦୦୩)

ହଜ୍‌ରତ୍ ସନାନ୍ ର:ଅ ବଡବଡ ମହାଜିର୍ ସାହାବା ମାନଙ୍କ ମଧ୍ୟରୁ ଜଣେ ଥିଲେ । (ସିରତ୍ ଇବ୍‌ନେ କସିର, ପୃଷ୍ଠା-୨୮୦, ଅସ୍‌ମାଆ ଅହ୍‌ଲେ ବଦର୍......ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୨୦୦୫) (ତାରିଖୁଲ୍ ଇସ୍‌ଲାମ୍ ଓ୍ୱ ଓ୍ୱଫିୟାତଲ୍ ମଶାହିର୍ ଓ୍ୱଲ୍ ଆଲାମ, ଖଣ୍ଡ-୩, ପୃଷ୍ଠା-୩୭୧, ଦାରୁଲ୍ କିତାବ୍, ଅଲ୍ ଅରବୀ, ବେରୁତ୍ ୧୯୯୩)

ତଲିହା ବିନ୍ ଖୌଲିଦ୍ ନବୀ ହେବାର ଦାବୀ କଲେ । ଏଥିରେ ସର୍ବପ୍ରଥମେ ହଜ୍‌ରତ୍ ସନାନ୍ ର:ଅ ରସୁଲୁଲ୍ଲାଃ ସ:ଆ:ସଙ୍କୁ ଚିଠି ଲେଖି ଖବର ଦେଲେ ଯିଏ ସେ ସମୟରେ ବନୁ ମାଲିକ୍ ଉପରେ ଆମିଲ୍ ଥିଲେ । (ତାରିଖୁଲ୍ ତିବ୍‌ରି, ଖଣ୍ଡ-୩, ପୃଷ୍ଠା-୨୪୫, ସନାଃ ଅହ୍‌ଦୀ ଅଶ୍‌ରାଃ....ମୁଦ୍ରଣ ଦାରୁଲ୍ ଫିକର୍ ବେରୁତ୍ ୨୦୦୨)

ଦ୍ୱିତୀୟ ସାହାବୀ ଯାହାଙ୍କ ଚର୍ଚ୍ଚା ବର୍ତମାନ କରାଯିବ ସେ ହେଉଛନ୍ତି ହଜ୍‌ରତ୍ ମହ୍‌ଜଅ ଯିଏ ହଜ୍‌ରତ୍ ଉମର୍ ର:ଅଙ୍କ ଗୁଲାମ୍ ଥିଲେ । ତାଙ୍କ ବାପାଙ୍କ ନାମ ସ୍ୱାଲେହ୍ ଥିଲା । ବଦର୍ ଯୁଦ୍ଧରେ ସେ ସର୍ବପ୍ରଥମେ ଶହିଦ୍ ହୋଇଥିଲେ । ତାଙ୍କ ସମ୍ବନ୍ଧ ୟମନ୍ ସହିତ ଥିଲା । ଆରମ୍ଭରେ କଏଦୀ ଅବସ୍ଥାରେ ସେ ହଜ୍‌ରତ୍ ଉମର୍ ର:ଅଙ୍କ ନିକଟକୁ ଆସିଲେ । ସେ ସମୟରେ ହଜ୍‌ରତ୍ ଉମର୍ ତାଙ୍କ ଉପରେ ଦୟା ଓ ଅନୁଗ୍ରହ କରି ତାକୁ ସ୍ୱାଧୀନ କରିଦେଲେ । ମହ୍‌ଜଅ ପ୍ରାରମ୍ଭିକ ମୁହାଜିର୍ ମାନଙ୍କ ମଧ୍ୟରୁ ଜଣେ ଥିଲେ । ବଦର୍ ଯୁଦ୍ଧରେ ସାମିଲ୍ ହୋଇଥିଲେ ଓ ତାଙ୍କୁ ଏ ସୌଭାଗ୍ୟ ମଧ୍ୟ ଲାଭ ହୋଇଛି ଯେପରିକି ପୂର୍ବରେ ବର୍ଣ୍ଣନା କରାଗଲା ଯେ ସେ ଇସ୍‌ଲାମୀୟ ସେନାର ସର୍ବପ୍ରଥମ ଶହୀଦ୍ ଥିଲେ । ଦୁଇଧାଡି ମଧ୍ୟରେ ସେ ଥିଲେ । ଅଚାନକ ଗୋଟିଏ ତୀର ତାଙ୍କ ଶରୀରରେ ବିଧ ହୋଇଗଲା । ଯଦ୍ୱାରା ସେ ସେଠାରେ ଶହୀଦ୍ ହୋଇଗଲେ । ଆମିର୍ ବିନ୍ ହଜ୍‌ରମୀ ତାଙ୍କୁ ଶହୀଦ୍ କରିଥିଲେ । ଅର୍ଥାତ୍ ହଜ୍‌ରମିଙ୍କ ତୀର ଆସି ତାଙ୍କ ଦେହରେ ପଶିଯାଇଥିଲା । ହଜ୍‌ରତ୍ ସଇଦ୍ ବିନ୍ ମୁସୈବ୍‌ଙ୍କ ଠାରୁ ବର୍ଣ୍ଣିତ ଅଛି କି ଯେତେବେଳେ ମହ୍‌ଜଅ ଶହୀଦ୍ ହେଲେ ସେତେବେଳେ ତାଙ୍କ ମୁହଁରୁ ଏ ଶବ୍ଦ ବାହାରିଥିଲା । *ଆନା ମହ୍‌ଜଅ ଓ୍ୱ ଇଲା ରବ୍‌ବି ଅର୍‌ଜିଇ* ଅର୍ଥାତ୍ ମୁଁ ହେଉଛି ମହ୍‌ଜଅ ଓ ନିଜ ପାଳନକର୍ତାଙ୍କ ନିକଟକୁ ଫେରୁଅଛି । ହଜ୍‌ରତ୍ ମହ୍‌ଜଅ ସେହି ଲୋକମାନଙ୍କ ମଧ୍ୟରେ ସାମିଲ୍ ଥିଲେ ଯେଉଁମାନଙ୍କ ସମ୍ବନ୍ଧରେ ଏହି ଆୟତଟି ଅବତୀର୍ଣ୍ଣ ହୋଇଥିଲା । *ଓ୍ୱଲା ତତ୍‌ରୁ ଦିଲ୍ ଲଜ୍ଜିନା ୟଦ୍‌ଉନା ରବ୍‌ବହୁମ୍ ବିଲ୍ ଗଦାଓ୍ୱତି ଓ୍ୱଲ୍ ଅଶିଇ ୟୁରିଇଦୁନା ଓ୍ୱଜହହୁ (ଅଲ୍ ଅନ୍‌ଆମ୍ : ୫୩)* ଅର୍ଥାତ୍ ଏବଂ ତୁମେ ସେ ଲୋକମାନଙ୍କୁ ଯେଉଁମାନେ ସକାଳେ ଏବଂ ସନ୍ଧ୍ୟାରେ ନିଜ ପାଳନକର୍ତାଙ୍କୁ ତାହାଙ୍କ ଅନୁଗ୍ରହ ଲାଭ ସକାଶେ ଡାକିଥାନ୍ତି, ସେମାନଙ୍କୁ ବିତାଡିତ କରନାହିଁ । ତାଙ୍କ ବ୍ୟତୀତ ସେମାନଙ୍କ ମଧ୍ୟରେ ନିମ୍ନଲିଖିତ ସାହାବାମାନେ ମଧ୍ୟ ସାମିଲ୍ ଥିଲେ । ହଜ୍‌ରତ୍ ବିଲାଲ୍ ର:ଅ, ହଜ୍‌ରତ୍ ସୁହେବ୍ ର:ଅ, ହଜ୍‌ରତ୍ ଅମ୍ମାର୍ ର:ଅ, ହଜ୍‌ରତ୍ ଖବ୍‌ବାବ୍ ର:ଅ, ହଜ୍‌ରତ୍ ଉତ୍‌ବା ର:ଅ ବିନ୍ ଗଜ୍‌ଓ୍ୱାନ୍, ହଜ୍‌ରତ୍ ଅଓସ୍ ବିନ୍ ଖୌଲି ର:ଅ ଏବଂ ହଜ୍‌ରତ୍ ଆମିର୍ ବିନ୍ ଫହିରା ର:ଅ । (ତବକାତୁଲ୍ କୁବ୍‌ରାଃ, ଖଣ୍ଡ-୩, ପୃଷ୍ଠା-୨୯୯-୩୦୦, ମହ୍‌ଜଅ ବିନ୍ ସ୍ୱାଲେହ୍ ର:ଅ, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା, ବେରୁତ୍ ୧୯୯୦) (ଅସଦୁଲ୍ ଗାବା, ଖଣ୍ଡ-୫, ପୃଷ୍ଠା-୨୬୮ ମହ୍‌ଜଅ ର:ଅ, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୨୦୦୩) (କନଜୁଲ୍ ଆମାଲ୍ ଖଣ୍ଡ-୧୦, ପୃଷ୍ଠା-୪୦୮, କିତାବୁଲ୍ ଗଜ୍‌ଓ୍ୱାତ୍, ହଦିସ୍ ନଂ-୨୯୯୮୫, ମୁଦ୍ରଣ- ମୁସିସତୁର୍ ରିସାଲାଃ, ବେରୁତ୍ ୧୯୮୫)

ନଉଜୁବିଲ୍ଲାଃ ଉପରୋକ୍ତ ଯେଉଁ ଆୟତଟି ଅବତୀର୍ଣ୍ଣ ହୋଇଥିଲା ତାର ଅର୍ଥ ଏହା ନୁହେଁ କି ଆଁ ହଜ୍‌ରତ୍ ସ:ଆ:ସ ଗରୀବ ମାନଙ୍କୁ ବିତାଡିତ କରୁଥିଲେ । ବରଂ ଆପଣଙ୍କର ପ୍ରେମଭାବ, ସମ୍ମାନ ଏବଂ ସ୍ନେହ ଗରୀବ ମାନଙ୍କ ପାଇଁ ଅସାଧାରଣ ରୂପେ ଉଦାହରଣୀୟ ଥିଲା ଯାହାର ବର୍ଣ୍ଣନା ଆମକୁ ହଦିସ୍‌ରେ ମଧ୍ୟ ମିଳୁଅଛି । ଏହି ଆୟତର ଅସଲ ଅର୍ଥ ହେଉଛି ସେ ସମୟର ବଡ ବଡ ଧନୀ ବ୍ୟକ୍ତିମାନେ ଯେଉଁମାନେ ଏହା ଚାହୁଁଥିଲେ କି ଆମକୁ ଅଧିକ ସମ୍ମାନ ଦିଆଯାଉ ସେଥିଯୋଗୁ ଅଲ୍ଲାଃତାଲା ଏ ନିର୍ଦ୍ଦେଶ ଦେଲେ କି ମୁଁ ତ ରସୁଲ୍‌ଙ୍କୁ ଏକଥା କହିସାରିଛି ଓ ଏ ନିର୍ଦ୍ଦେଶ ଦେଇସାରିଛି ଯେ ଯେଉଁ ଗରୀବ ଲୋକମାନେ ଉପାସନାରେ ଅଧିକ ସମୟ ବିତାଉଛନ୍ତି ସେମାନଙ୍କର ସମ୍ମାନ ଓ ଇଜ୍ଜତ୍ ଅଲ୍ଲାଃତାଲାଙ୍କ ନିକଟରେ ତୁମର ଧନ ଦୌଲତ ଓ

ବଂଶ କୁଟୁମ୍ବଙ୍କ ସମ୍ମାନଠାରୁ ଅଧିକା ଅଟେ ଏବଂ ଅଲ୍ଲାଃଙ୍କ ରସୁଲ୍ ତ ତାହା କରୁଛନ୍ତି, ଯାହା ଅଲ୍ଲାଃତାଲା ତାଙ୍କୁ ନିର୍ଦ୍ଦେଶ ଦେଉଛନ୍ତି । ତେଣୁ ଉପରୋକ୍ତ ଆୟତଦ୍ୱାରା ଅସଲରେ ଉକ୍ତ ଧନୀ ଲୋକମାନଙ୍କୁ ଏ ଉତର ଦିଆଯାଇଛି ଯେଉଁମାନଙ୍କର ଏ ମନୋଭାବ ଥିଲା କି ତାଙ୍କର ପଦମର୍ଯ୍ୟାଦା ସମସ୍ତଙ୍କଠାରୁ ଅଧିକା ବୋଲି । ତେଣୁ ଅଲ୍ଲାଃଙ୍କ ରସୁଲ୍ ତୁମ ସମ୍ମାନ ଓ ତୁମ ଧନ ସମ୍ପତିର କୌଣସି ପରବାୟ କରୁନାହାଁନ୍ତି । ତାଙ୍କୁ ତ ଏହି (ଗରୀବ ଶ୍ରେଣୀର ଉପାସନାକାରୀ) ଲୋକମାନେ ହିଁ ସବୁଠାରୁ ପ୍ରିୟ ଅଟନ୍ତି ।

ପୁଣି ହଜ୍‌ରତ୍ ଆମିର୍ ବିନ୍ ମଖ୍ଲଦ୍ ଜଣେ ସାହାବୀ ଥିଲେ । ତାଙ୍କ ମାଆଙ୍କ ନାମ ଅମ୍ମାରାଃ ବିନ୍‌ତ୍ ଖୁନ୍‌ସାଆ ଥିଲା । ତାଙ୍କର ସମ୍ବନ୍ଧ ଖଜ୍‌ରଜ୍ କବିଲାର ବନୁ ମାଲିକ୍ ବିନ୍ ନଜାର୍ ବଂଶ ସହିତ ଥିଲା । ବଦର୍ ଏବଂ ଓ୍ୱହଦ୍ ଯୁଦ୍ଧରେ ସେ ଯୋଗ ଦେଇଥିଲେ ଏବଂ ଓ୍ୱହଦ୍ ଯୁଦ୍ଧରେ ସେ ଶହୀଦ୍ ହେଲେ । (ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୩୭୫-୩୭୬, ଆମିର୍ ବିନ୍ ମଖ୍ଲଦ୍ ର:ଅ ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା, ବେରୁତ୍ ୧୯୯୦)

ପୁଣି ଆଉଜଣେ ସାହାବୀ ହେଉଛନ୍ତି ହଜ୍‌ରତ୍ ହାତିବ୍ ବିନ୍ ଉମ୍‌ରୋ ବିନ୍ ଅବ୍‌ଦ୍ ଶମ୍‌ସ । ତାଙ୍କର କୁନିୟତ୍ ହେଉଛି ଅବୁ ହାତିବ୍ । ତାଙ୍କର ସମ୍ବନ୍ଧ କବିଲା ବନୁ ଆମିର୍ ବିନ୍ ଲୁଓ୍ୱି ସହିତ ଥିଲା । ତାଙ୍କ ମାଆଙ୍କ ନାମ ଅସ୍‌ମା ବିନ୍‌ତ୍ ହାରିସ୍ ବିନ୍ ନୌଫିଲ୍ ଥିଲା । ସେ ଅଶ୍‌ଜଅ କବିଲାର ଥିଲେ । ହଜ୍‌ରତ୍ ସୁହେଲ୍ ବିନ୍ ଉମ୍‌ରୋ, ହଜ୍‌ରତ୍ ସଲିତ୍ ବିନ୍ ଉମ୍‌ରୋ ଏବଂ ହଜ୍‌ରତ୍ ସୁକ୍‌ରାନ୍ ବିନ୍ ଉମ୍‌ରୋ ତାଙ୍କର ଭାଇ ଥିଲେ । ହଜ୍‌ରତ୍ ହାତିବ୍ ବିନ୍ ଉମ୍‌ରୋଙ୍କ ସନ୍ତାନ ମାନଙ୍କ ମଧ୍ୟରେ ଉମ୍‌ରୋ ବିନ୍ ହାତିବ୍ ଥିଲେ । ତାଙ୍କ ମାଆଙ୍କ ନାମ ରୟତ୍ ବିନ୍‌ତ୍ ଅଲ୍‌କମା ଥିଲା । (ଅସଦୁଲ୍ ଗାବା, ଖଣ୍ଡ-୧, ପୃଷ୍ଠା-୬୬୨, ହାତିବ୍ ବିନ୍ ଉମ୍‌ରୋ ର:ଅ, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିଆ, ବେରୁତ୍ ୨୦୦୩) (ତବକାତୁଲ୍ କୁବ୍‌ରାଃ, ଖଣ୍ଡ-୩, ପୃଷ୍ଠା-୩୦୯, ହାତିବ୍ ବିନ୍ ଉମ୍‌ରୋ ର:ଅ, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ୍ ୧୯୯୦)

ଆଁ ହଜ୍‌ରତ୍ ସ:ଆ:ସ ଦାରେ ଅର୍‌କମ୍‌ଠାରେ ରହିବା ପୂର୍ବରୁ ହାତିବ୍ ବିନ୍ ଉମ୍‌ରୋ ହଜ୍‌ରତ୍ ଅବୁ ବକର୍ ସିଦ୍ଦିକ୍ ର:ଅଙ୍କ ତବ୍‌ଲିଗ୍ ଦ୍ୱାରା ଇସ୍‌ଲାମ୍ ଗ୍ରହଣ କରିଥିଲେ । ସେ ଦୁଇଥର ହବ୍‌ଶାଃ ହିଜ୍‌ରତ୍ କରିଛନ୍ତି ଏବଂ ଆଉ ଗୋଟିଏ ରିଓ୍ୱାୟତ୍ ମୁତାବକ ପ୍ରଥମ ହିଜ୍‌ରତ୍ ସମୟରେ ଯେଉଁ ବ୍ୟକ୍ତି ସର୍ବପ୍ରଥମେ ହବ୍‌ଶାରେ ପହଂଚିଥିଲେ ସେ ହେଉଛନ୍ତି ହଜ୍‌ରତ୍ ହାତିବ୍ ବିନ୍ ଉମ୍‌ରୋ ବିନ୍ ଅବ୍‌ଦ୍ ଶମ୍‌ସ । ଯେତେବେଳେ ସେ ମକ୍କାରୁ ମଦିନା ହିଜ୍‌ରତ୍ କଲେ ସେତେବେଳେ ସେ ହଜ୍‌ରତ୍ ରିଫାଆବିନ୍ ଅବ୍‌ଦୁଲ୍ ମୁନ୍‌ଜିର୍ ଯିଏ ହଜରତ୍ ଅବୁ ଲୁବାବା ବିନ୍ ଅବ୍‌ଦୁଲ୍ ମୁନ୍‌ଜିର୍‌ଙ୍କ ଭାଇ ଥିଲେ, ତାଙ୍କ ଘରେ ଅବତୀର୍ଣ୍ଣ ହୋଇଥିଲେ । ବଦର ଯୁଦ୍ଧରେ ନିଜ ଭାଇ ହଜ୍‌ରତ୍ ସଲିତ୍ ବିନ୍ ଉମ୍‌ରୋଙ୍କ ସହିତ ସେ ଯୋଗ ଦେଇଥିଲେ ଓ ଓ୍ୱହଦ୍ ଯୁଦ୍ଧରେ ମଧ୍ୟ ସାମିଲ୍ ହୋଇଥିଲେ । (ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୩୦୯, ହାତିବ୍ ବିନ୍ ଉମ୍‌ରୋ ର:ଅ, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ୍ ୧୯୯୦) (ସିରତ୍ ଇବ୍‌ନେ ହୁଶାମ୍, ପୃଷ୍ଠା-୧୧୭-୧୧୯....ବେରୁତ-୨୦୦୯)

ରସୁଲୁଲ୍ଲାଃ ସ:ଆ:ସଙ୍କ ସହିତ ହଜ୍‌ରତ୍ ସୌଦାଃ ର:ଅ ବିନ୍‌ତ୍ ଜମ୍‌ଆଙ୍କ ବିବାହ ହଜ୍‌ରତ୍ ସୁଲେତ୍ ବିନ୍ ଉମ୍‌ରୋ କରାଇଥିଲେ ଓ କେତେକଙ୍କ ନିକଟରେ ଏହା ବର୍ଣ୍ଣିତ ଅଛି କି ହଜ୍‌ରତ୍ ଅବୁ ହାତିବ୍ ବିନ୍ ଉମ୍‌ରୋ ଉକ୍ତ ବିବାହ କରାଇଥିଲେ । ଏବଂ ସେ ସମୟରେ ମେହର୍ (ସ୍ତ୍ରୀଙ୍କର ଉଚିତ୍ ପ୍ରାପ୍ୟ) ଯାହା ବନ୍ଧା ଯାଇଥିଲା ତାହା ୪୦୦ଦିର୍‌ହମ୍ ଥିଲା ।

ଉକ୍ତ ବିବାହର ବ୍ୟାଖ୍ୟା ତବକାତୁଲ୍ କୁବ୍‌ରାରେ ଏପରି ଉଲ୍ଲେଖ ଅଛି କି ହଜ୍‌ରତ୍ ସୌଦାଃ ର:ଅଙ୍କ ପ୍ରଥମ ସ୍ୱାମୀ ହଜ୍‌ରତ୍ ସୁକ୍‌ରାନ୍ ବିନ୍ ଉମ୍‌ରୋ ଯିଏ ହଜ୍‌ରତ୍ ହାତିବ୍ ବିନ୍ ଉମ୍‌ରୋଙ୍କ ଭାଇ ଥିଲେ, ତାଙ୍କର ହବ୍‌ଶାରୁ ମକା ଫେରିବା ପରେ ମକ୍କାଠାରେ ହିଁ ଦେହାନ୍ତ ହୋଇଗଲା । ଯେତେବେଳେ ହଜ୍‌ରତ୍ ସୌଦାଃ ର:ଅଙ୍କ ଇଦ୍ଦତ୍ (ସ୍ୱାମୀ ମରିଯିବା ପରେ ନିର୍ଦ୍ଧାରିତ ସମୟ ବିତାଇବା) ପୂରଣ ହୋଇଗଲା ସେତେବେଳେ ଆଁ ହଜ୍‌ରତ୍ ସ:ଆ:ସ ତାଙ୍କ ନିକଟକୁ ବିବାହ କରିବା ପାଇଁ ବାର୍ତ୍ତା ପଠାଇଲେ । ଏଥିରେ ହଜ୍‌ରତ୍ ସୌଦାଃ ନିବେଦନ କଲେ କି ମୋର ମାମଲା ଆପଣ ସ:ଆ:ସଙ୍କ ନିକଟରେ ନ୍ୟସ୍ତ ଅଛି । ଏଥିରେ ରସୁଲୁଲ୍ଲାଃ ସ:ଆ:ସ କହିଲେ କି ତୁମେ ତୁମ କୌମ୍ ଭିତରୁ କୌଣସି ଜଣେ ପୁରୁଷଙ୍କୁ ନିର୍ଦ୍ଧାରିତ କର ଯିଏ ଆପଣଙ୍କ ଅର୍ଥାତ୍ ସୌଦାଙ୍କ ବିବାହ ମୋ ସହିତ କରାଇବେ । ଏଥିରେ ହଜ୍‌ରତ୍ ସୌଦାଃ ହଜ୍‌ରତ୍ ହାତିବ୍ ବିନ୍ ଉମ୍‌ରୋଙ୍କୁ ଚୟନ କଲେ । ଏହିପରି ହଜ୍‌ରତ୍ ହାତିବ୍ ହଜ୍‌ରତ୍ ସୌଦାଃଙ୍କ ବିବାହ ଆଁ ହଜ୍‌ରତ୍ ସ:ଆ:ସଙ୍କ ସହିତ କରାଇଥିଲେ । ହଜ୍‌ରତ୍ ଖଦିଜା ର:ଅଙ୍କ ପରେ ଆଁ ହଜ୍‌ରତ୍ ସ:ଆ:ସଙ୍କ ସହିତ ଯେଉଁ ନାରୀ ପ୍ରଥମେ ବିବାହ କରିଥିଲେ ସେ ହେଲେ ହଜ୍‌ରତ୍ ସୌଦାଃ । (ସିରତ୍ ଇବ୍‌ନେ ହୁଶାମ୍, ପୃଷ୍ଠା-୬୬୧..... ବେରୁତ୍ ୨୦୦୯) (ତବକାତୁଲ୍ କୁବ୍‌ରା, ଖଣ୍ଡ-୮, ପୃଷ୍ଠା-୪୨.... ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ୍ ୧୯୯୦)

ହୃଦବିୟାଠାରେ ହୋଇଥିବା ବୟତେ ରିଜ୍‌ଓ୍ୱାନ୍ ସମୟରେ ମଧ୍ୟ ସେ ସାମିଲ୍ ଥିଲେ । (କିତାବୁଲ୍ ମଗାଜି, ଖଣ୍ଡ-୨, ପୃଷ୍ଠା-୯୨, ବାବ୍ ଗଜ୍‌ଓ୍ୱା ହୃଦବିୟା, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୨୦୦୪)

ପୁଣି ଆଉଜଣେ ସାହାବା ହେଉଛନ୍ତି ହଜ୍‌ରତ୍ ଅବୁ ଖୁଜୈମା ବିନ୍ ଅଓସ୍ । ତାଙ୍କ ମାଆଙ୍କ ନାମ ଉମ୍‌ରାଃ ବିନ୍‌ତ୍ ମସ୍‌ଉଦ୍ ଥିଲା । ସେ ହଜ୍‌ରତ୍ ମସ୍‌ଉଦ୍ ବିନ୍ ଅଓସ୍‌ଙ୍କ ଭାଇ ଥିଲେ । ହଜ୍‌ରତ୍ ମସ୍‌ଉଦ୍ ବିନ୍ ଅଓସ୍ ମଧ୍ୟ ବଦର୍ ଯୁଦ୍ଧରେ ସାମିଲ୍ ହୋଇଥିଲେ । ସେ ବଦର୍, ଓ୍ୱହଦ୍ ଏବଂ ଖନ୍ଦକ୍ ସମେତ ସମସ୍ତ ଯୁଦ୍ଧରେ ରସୁଲୁଲ୍ଲାଃ ସ:ଆ:ସଙ୍କ ସହିତ ଯୋଗ ଦେଇଥିଲେ । ତାଙ୍କର ଦେହାନ୍ତ ହଜ୍‌ରତ୍ ଉସ୍‌ମାନଙ୍କ ଖିଲାଫତ୍ ସମୟରେ ହୋଇଥିଲା । (ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୩୭୩, ଅବୁ ଖୁଜୈମା ବିନ୍ ଅଓସ୍ ର:ଅ, ମସ୍‌ଉଦ୍ ବିନ୍ ଅଓସ୍ ର:ଅ, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା, ବେରୁତ୍ ୧୯୯୦)

ପୁଣି ଆଉଜଣେ ସାହାବୀ ହେଉଛନ୍ତି ହଜ୍‌ରତ୍ ତମିମ୍ ମୌଲା ଖରାଶ୍ । ହଜ୍‌ରତ୍ ତମିମ୍ ହଜ୍‌ରତ୍ ଖରାଜଙ୍କ ଦ୍ୱାରା ସ୍ୱାଧୀନ ହୋଇଥିବା କ୍ରୀତଦାସ ଥିଲେ । ଆଁ ହଜ୍‌ରତ୍ ସ:ଆ:ସ ତାଙ୍କ ସହିତ ହଜ୍‌ରତ୍ ଖବାବ୍‌ଙ୍କ ମଧ୍ୟରେ ମୁଆଖାତ୍ (ଭାଇଭାଇ) ପ୍ରତିଷ୍ଠା କରିଥିଲେ । ଖବାବ୍ ହେଉଛନ୍ତି ଉତ୍‌ବାବିନ୍ ଗଜ୍‌ଓ୍ୱାନ୍‌ଙ୍କ ଦ୍ୱାରା ସ୍ୱାଧୀନ ହୋଇଥିବା କ୍ରୀତଦାସ । ହଜ୍‌ରତ୍ ତମିମ୍ ବଦର୍, ଓ୍ୱହଦ୍ ଯୁଦ୍ଧରେ ସାମିଲ୍ ହୋଇଥିଲେ । (ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୪୨୯, ତମିମ୍ ମୌଲା ଖରାସ୍, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ୍ ୧୯୯୦)

ପୁଣି ହଜ୍‌ରତ୍ ମୁନ୍‌ଜିର୍ ବିନ୍ କଦାମା ନାମକ ଜଣେ ସାହାବୀ ଥିଲେ । ହଜ୍‌ରତ୍ ମୁନ୍‌ଜିର୍ ବିନ୍ କଦାମାଙ୍କର ସମ୍ବନ୍ଧ ବନୁ ଗନମ୍ କବିଲା ସହିତ ଥିଲା । ସେ ବଦର୍ ଏବଂ ଓ୍ୱହଦ୍ ଯୁଦ୍ଧରେ ଯୋଗ ଦେଇଥିଲେ । ଅଲ୍ଲାମା ଓ୍ୱାକ୍‌ଦିଙ୍କ ମୁତାବକ ମୁନ୍‌ଜିର୍ ବିନ୍ କଦାମାଙ୍କୁ ବନୁ କଏନ୍‌କାର କଏଦୀ ମାନଙ୍କ ଉପରେ ଦାୟିତ୍ୱ ଦିଆଯାଇଥିଲା । (ଅଲ୍ ଅସାବା ଫିତମିଜିସ୍ ସାହାବା, ଖଣ୍ଡ-୬, ପୃଷ୍ଠା-୧୭୨, ମୁନ୍‌ଜିର୍ ବିନ୍ କଦାମା, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା, ବେରୁତ୍ ୧୯୯୫) (ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୩୬୭, ମୁନ୍‌ଜିର୍ ବିନ୍ କଦାମା, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ୍ ୧୯୯୦)

ହଜ୍‌ରତ୍ ହାରିସ୍ ବିନ୍ ହାତିବ୍ ନାମକ ଜଣେ ବଦ୍ରୀ ସାହାବା ଥିଲେ । ତାଙ୍କ କୁନିୟତ୍ ଥିଲା ଅବୁ ଅବ୍‌ଦୁଲ୍ଲାଃ । ତାଙ୍କ ମାଆଙ୍କ ନାମ ଥିଲା ଉମାମା ବିନ୍‌ତ୍ ସାମତ୍ । ତାଙ୍କର ସମ୍ବନ୍ଧ ଅନ୍‌ସାର୍ କବିଲା ଅଓସ ସହିତ ଥିଲା । ହଜ୍‌ରତ୍ ସାଲବା ବିନ୍‌ତ୍ ହାତିବ୍‌ଙ୍କ ଭାଇ ଥିଲେ । ହଜ୍‌ରତ୍ ହାରିସ୍ ବିନ୍ ହାତିବ୍ ଏବଂ ହଜ୍‌ରତ୍ ଅବୁ ଲୁବାବା ବିନ୍ ଅବ୍‌ଦୁଲ୍ ମୁନ୍‌ଜିର୍ ହଜୁର୍ ସ:ଆ:ସଙ୍କ ସହିତ ବଦର୍ ଯୁଦ୍ଧପାଇଁ ଯାଉଥିଲେ କି ରୌହା ନାମ ସ୍ଥାନରେ ଆଁ ହଜ୍‌ରତ୍ ସ:ଆ:ସ ହଜ୍‌ରତ୍ ଅବୁ ଲୁବାବା ବିନ୍ ଅବ୍‌ଦୁଲ୍ ମୁନ୍‌ଜିର୍‌ଙ୍କୁ ମଦିନାର ହାକିମ ରୂପେ ନିଯୋଜିତ୍ କଲେ ଏବଂ ହଜ୍‌ରତ୍ ହାରିଶ୍ ବିନ୍ ହାତିବ୍‌ଙ୍କୁ କବିଲା ବନୁ ଉମ୍‌ରୋ ବିନ୍ ଅଓଫ୍‌ର ଅମୀର ନିଯୋଜିତ କରି ମଦିନା ପଠାଇଦେଲେ । କିନ୍ତୁ ଏହି ଦୁଇଜଣ ସାହାବାଙ୍କୁ ବଦର୍ ଯୁଦ୍ଧରେ ସାମିଲ୍ ହୋଇଥିବା ସାହାବାମାନଙ୍କ ଗଣରେ ସାମିଲ୍ କରାଇ ମାଲେ ଗନିମତ୍‌ରୁ ଭାଗ ମଧ୍ୟ ଦେଲେ । ହଜ୍‌ରତ୍ ହାରିଶ୍ ବିନ୍ ହାତିବ୍‌ଙ୍କୁ ବଦର୍, ଓ୍ୱହଦ୍ ଏବଂ ଖନ୍ଦକ ଯୁଦ୍ଧ ସମେତ ବୟତେ ରିଜ୍‌ଓ୍ୱାନ୍‌ରେ ମଧ୍ୟ ଆଁ ହଜ୍‌ରତ୍ ସ:ଆ:ସଙ୍କ ସହିତ ସାମିଲ୍ ହେବାପାଇଁ ସୌଭାଗ୍ୟ ପ୍ରାପ୍ତ ହୋଇଛି । କାରଣ ସେ ଯୁଦ୍ଧରେ ସାମିଲ୍ ହେବାପାଇଁ ପ୍ରସ୍ତୁତ ହୋଇ ବାହାରି ପଡିଥିଲେ ଏବଂ ତାଙ୍କର ସମ୍ପୂର୍ଣ୍ଣ ରୂପେ ଏ ନିୟତ ଥିଲା କି ସେ ବଦର୍ ଯୁଦ୍ଧରେ ସାମିଲ୍ ହେବେ । ତେଣୁ ଆଁ ହଜ୍‌ରତ୍ ସ:ଆ:ସ ତାଙ୍କୁ ଅମୀର୍ ରୂପେ ନିଯୋଜିତ କରି ମଦିନା ଫେରାଇ ଦେଇଥିବା ସତ୍ତ୍ୱେ ମଧ୍ୟ ତାଙ୍କର ଗଣନା ବଦର୍ ଯୁଦ୍ଧରେ ସାମିଲ୍ ହୋଇଥିବା ସାହାବାମାନଙ୍କ ମଧ୍ୟରେ କରିଛନ୍ତି । ଖୈବର୍ ଯୁଦ୍ଧ ସମୟରେ ଜଣେ ଯୁହୁଦୀ କିଲା ଉପରୁ ତୀର ଚାଳନା କଲା ଯାହା ଆସି ହଜ୍‌ରତ୍ ହାରିଶ୍ ବିନ୍ ହାତିବ୍‌ଙ୍କ ମୁଣ୍ଡରେ ପଶିଗଲା । ଫଳତଃ ସେଠାରେ ସେ ଶହୀଦ୍ ହୋଇଗଲେ । (ଅସଦୁଲ୍ ଗାବା, ଖଣ୍ଡ-୧, ପୃଷ୍ଠା-୫୯୮, ହାରିଶ୍ ବିନ୍ ହାତିବ୍ ର:ଅ, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା, ବେରୁତ୍ ୨୦୦୩) (ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୩୫୧, ହାରିଶ୍ ବିନ୍ ହାତିବ୍, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ୍ ୧୯୯୦)

ଆଉଜଣେ ସାହାବୀ ହେଉଛନ୍ତି ସାଲବା ବିନ୍ ଜଏଦ୍ । ତାଙ୍କ ସମ୍ବନ୍ଧ ଅନ୍‌ସାରଙ୍କ କବିଲା ବନୁ ଖଜ୍‌ରତ୍ ସହିତ ଥିଲା । ସେ ବଦର୍ ଯୁଦ୍ଧରେ ସାମିଲ୍ ହୋଇଥିଲେ । ସେ ହଜ୍‌ରତ୍ ସାବିତ୍ ବିନ୍ ଅଲ୍‌ଜିଜୁଉଙ୍କ ବାପା ଥିଲେ । ହଜ୍‌ରତ୍ ସାଲବା ବିନ୍ ଜଏଦ୍‌ଙ୍କ ଲକବ୍ (ଉପାଧି) ଅଲ୍‌ଜିଜୁଉ ଥିଲା । ଅଲ୍‌ଜିଜୁଉ ଶବ୍ଦଟି ଆପଣଙ୍କ ଶକ୍ତ ହୃଦୟ, ମଜ୍‌ବୁତ୍ ଇଚ୍ଛାଶକ୍ତି ଓ ସାହସ ଯୋଗୁ କୁହାଯାଉଥିଲା । କାରଣ ଗଛର ମଜ୍‌ବୁତ୍ ଗଣ୍ଡିକୁ ମଧ୍ୟ ଜୁଜୁଉ କୁହାଯାଏ । ସେହିପରି ଘର ଛାତର ସେଣୀ ଓ ବିମ୍ କୁ ମଧ୍ୟ ଜୁଜୁଉ କୁହାଯାଏ । ସେ ଯାହା ହେଉ ବହୁତ ଦୃଢ଼ ମନୋବଳ ସମ୍ପନ୍ନ ବ୍ୟକ୍ତି ଥିଲେ ଓ ଅତ୍ୟନ୍ତ ସାହସୀ ଓ ଇଚ୍ଛାଶକ୍ତିର ମାଲିକ ଥିଲେ । ସେଥିଯୋଗୁ ତାଙ୍କର ଉପାଧି ଅଲ୍‌ଜୁଜୁଉ ଥିଲା । ହଜରତ୍ ସାଲବା ବିନ୍ ଜଏଦ୍‌ଙ୍କ ସମ୍ବନ୍ଧରେ ଉପରୋକ୍ତ କଥା ବ୍ୟତୀତ ଆଉକିଛି ରିଓ୍ୱାୟତ୍ ମିଳେନାହିଁ । (ଅସଦୁଲ୍ ଗାବା, ଖଣ୍ଡ-୧, ପୃଷ୍ଠା-୪୬୭, ସାଲବା ବିନ୍ ଜଏଦ୍ ର:ଅ, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା, ବେରୁତ୍ ୨୦୦୩) (ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୪୨୮, ସାବିତ୍ ବିନ୍ ସାଲବା, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ୍ ୧୯୯୦) (Arabic-English Lexicon by Edward william lane part-2, page-396, Librairie du liban 1968)

ଆଉଜଣେ ସାହାବୀ ହେଉଛନ୍ତି ହଜ୍‌ରତ୍ ଉକ୍‌ବା ବିନ୍ ଓ୍ୱହବ୍ । ହଜ୍‌ରତ୍ ଉକ୍‌ବା ବିନ୍ ଓ୍ୱହବ୍‌ଙ୍କୁ ଇବ୍‌ନେ ଅବି ଓ୍ୱହବ୍ ମଧ୍ୟ କୁହାଯାଏ । ସେ ବନୁ ଅବ୍‌ସେ ଶମସ୍ ବିନ୍ ଅବ୍‌ଦେ ମନାଫ୍ କବିଲାର ବନ୍ଧୁ ଥିଲେ । ବଦର୍, ଓ୍ୱହଦ୍ ଏବଂ ଖନ୍ଦକ ସମେତ ସମସ୍ତ ଯୁଦ୍ଧରେ ଆଁ ହଜ୍‌ରତ୍ ସ:ଆ:ସଙ୍କ ସହିତ ସାମିଲ୍ ହୋଇଥିଲେ । (ଅସଦୁଲ୍ ଗାବା, ଖଣ୍ଡ-୪, ପୃଷ୍ଠା-୫୯, ଉକ୍‌ବା

ବିନ୍ ଓ୍ୱହବ୍ ର:ଅ, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା, ବେରୁତ୍ ୨୦୦୩) (ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୭୦, ଉକ୍‌ବା ବିନ୍ ଓ୍ୱହବ୍ ର:ଅ ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ୍ ୧୯୯୦)

ମଦିନାରେ ଆଁ ହଜ୍‌ରତ୍ ସ:ଆ:ସଙ୍କ ସହିତ ସାକ୍ଷାତ୍ କରିବା ପାଇଁ ୟୁହୁଦୀ ମାନଙ୍କର ଗୋଟିଏ_ ପ୍ରତିନିଧି ମଣ୍ଡଳ ପହଂଚିଲା । ଆଁ ହଜ୍‌ରତ୍ ସେମାନଙ୍କୁ ତବ୍‌ଲିଗ୍ କଲେ । ଫଳତଃ ସେମାନେ ସେହି ତବ୍‌ଲିଗ୍‌କୁ ସ୍ୱଷ୍ଟ ରୂପେ ଅସ୍ୱୀକାର କଲେ । ଏଥିରେ ଯେଉଁ ସାହାବା ମାନେ ସେହି ୟୁହୁଦୀମାନଙ୍କ ଅସ୍ୱୀକାର କରିଥିବା ଯୋଗୁଁ ସେମାନଙ୍କୁ ଧିକ୍କାର ଓ ନିନ୍ଦା କରିଥିଲେ, ସେମାନଙ୍କ ମଧ୍ୟରେ ହଜ୍‌ରତ୍ ଉକ୍‌ବା ବିନ୍ ଓ୍ୱହବ ମଧ୍ୟ ସାମିଲ୍ ଥିଲେ । ସୁତରାଂ ଏହି ଘଟଣା ସମ୍ବନ୍ଧରେ ଏପରି ବର୍ଣ୍ଣନା ମିଳୁଛି ଯେ ଏକଦା ରସୁଲୁଲ୍ଲାଃ ସ:ଆ:ସଙ୍କ ନିକଟକୁ ନୋମାନ ବିନ୍ ଅଜା, ବହ୍‌ରି ବିନ୍ ଉମ୍‌ରୋ ଏବଂ ଶାଇସ୍ ବିନ୍ ଅଦି ଆସିଲେ । ଆଁ ହଜ୍‌ରତ୍ ସ:ଆ:ସ ତାଙ୍କ ସହିତ ବାର୍ତାଳାପ କଲେ ଓ ସେମାନଙ୍କୁ ଅଲ୍ଲାଃତାଲାଙ୍କ ଆଡକୁ ଡାକିଲେ । ଇସ୍‌ଲାମ୍ ପ୍ରତି ନିମନ୍ତ୍ରଣ କଲେ  ଏବଂ ଇଶ୍ୱରଙ୍କ ଦଣ୍ଡ ସମ୍ବନ୍ଧରେ ତାଙ୍କୁ ସୂଚନା ଦେଲେ । ଏଥିରେ ସେମାନେ କହିଲେ କି ହେ ମୁହମ୍ମଦ୍ (ସ:ଆ:ସ) । ଆମକୁ ଆପଣ କେଉଁ କଥାର ଆଧାରରେ ଡରାଉଛନ୍ତି ? ଆମେ ତ ଇଶ୍ୱରଙ୍କ ପୁତ୍ର ଏବଂ ଇଶ୍ୱରଙ୍କ ପ୍ରିୟପାତ୍ର । ଯେପରି ନସାରା (ଖ୍ରୀଷ୍ଟିୟାନ୍) ମାନେ କହିଥିଲେ । ଅଲ୍ଲାଃତାଲା ତାଙ୍କ ସମ୍ବନ୍ଧରେ ଏହି ଆୟତଟିକୁ ଅବତୀର୍ଣ୍ଣ କରିଛନ୍ତି ।

وَقَالَتِ الْيَهُوْدُ وَالنَّصَارٰى نَحْنُ اَبْنٰٓؤُا اللّٰهِ وَاَحِبَّآؤُهٗ ؕ قُلْ فَلِمَ يُعَذِّبُكُمْ بِذُنُوْبِكُمْ ؕ بَلْ اَنْتُمْ بَشَرٌ مِّمَّنْ خَلَقَ ؕ يَغْفِرُ لِمَنْ يَّشَآءُ وَيُعَذِّبُ مَنْ يَّشَآءُ ؕ وَلِلّٰهِ مُلْكُ السَّمٰوٰتِ وَالْاَرْضِ وَمَا بَيْنَهُمَا ؗ وَاِلَيْهِ الْمَصِيْرُ (المائدة:19)

ଅର୍ଥାତ୍ - ଏବଂ ୟୁହୁଦୀ ଓ ଖ୍ରୀଷ୍ଟିୟାନ୍‌ମାନେ କୁହନ୍ତି, ‘‘ଆମେମାନେ ଅଲ୍ଲାଃଙ୍କର ପୁତ୍ର (ଅଟୁ) ଏବଂ ତାହାଙ୍କର ପ୍ରିୟପାତ୍ର ଅଟୁ,’’ । ତୁମ୍ଭେ କୁହ, ‘‘ତେବେ ସେ କାହିଁକି ତୁମମାନଙ୍କର ଅପରାଧ ପାଇଁ ତୁମମାନଙ୍କୁ ଶାସ୍ତି ଦେଉଛନ୍ତି ?’’ (ଏପରି ନୁହେଁ) ବରଂ ସେ ଯେଉଁ (ଅନ୍ୟଲୋକ) ମାନଙ୍କୁ ସୃଷ୍ଟି କରିଛନ୍ତି ତୁମେମାନେ (ମଧ୍ୟ) ସେମାନଙ୍କ ସଦୃଶ ମାନବ; ସେ ଯାହାକୁ ପସନ୍ଦ କରନ୍ତି, କ୍ଷମା କରନ୍ତି ଓ ଯାହାକୁ ଇଛା କରନ୍ତି ଶାସ୍ତି ପ୍ରଦାନ କରନ୍ତି; ଏବଂ ଆକାଶ ଓ ପୃଥିବୀରେ ତଥା ତନ୍ମଧ୍ୟରେ ଯାହାକିଛି ଅଛି ତାହା ଉପରେ ଅଲ୍ଲାଃଙ୍କର ହିଁ ଆଧିପତ୍ୟ ଅଛି; ଏବଂ ତାହାଙ୍କ ନିକଟକୁ (ସମସ୍ତଙ୍କୁ) ଫେରିବାକୁ ହେବ ।

ଇବ୍‌ନେ ଇସ୍‌ହାକ୍‌ଙ୍କ ମୁତାବକ ରସୁଲୁଲ୍ଲାଃ ସ:ଆ:ସ ଯେତେବେଳେ ୟୁହୁଦୀ ଗୋଷ୍ଠୀଙ୍କୁ ଇସ୍‌ଲାମ୍ ଗ୍ରହଣ କରିବା ପାଇଁ ନିମନ୍ତ୍ରଣ କଲେ ଓ ସେମାନଙ୍କୁ ଏଥିପ୍ରତି ପ୍ରୋତ୍ସାହିତ କଲେ ଏବଂ ଗଏରୁଲ୍ଲାଃ (ଇଶ୍ୱରଙ୍କ ବ୍ୟତୀତ ଅନ୍ୟ କାହାର ଉପାସନା) କରିବା ମାମଲାରେ ଅଲ୍ଲାଃଙ୍କ ଦଣ୍ଡ ସମ୍ବନ୍ଧରେ ସେମାନଙ୍କୁ ଡରାଇଲେ, ଏଥିରେ ସେମାନେ ନା କେବଳ ଆପଣ ସ:ଆ:ସଙ୍କୁ ବରଂ ଆପଣ ସ:ଆ:ସଙ୍କ ଉପରେ ଅବତୀର୍ଣ୍ଣ ହୋଇଥିବା ଶିକ୍ଷାକୁ ମଧ୍ୟ ଅସ୍ୱୀକାର କଲେ । ଏଥିରେ ହଜ୍‌ରତ୍ ମଆଜ୍ ବିନ୍ ଜବଲ୍, ହଜ୍‌ରତ୍ ସାଆଦ୍ ବିନ୍ ଅବାଦା ଏବଂ ହଜ୍‌ରତ୍ ଅକ୍‌ବା ବିନ୍ ଓ୍ୱହବ୍ ସେମାନଙ୍କୁ କହିଲେ-  ହେ ୟୁହୁଦୀ ଗୋଷ୍ଠୀ ସମୁହ ! ଅଲ୍ଲାଃତାଲାଙ୍କୁ ଭୟ କର । ଇଶ୍ୱରଙ୍କ ରାଣ, ତୁମେ ଜାଣିଛି ଯେ ସେ ହେଉଛନ୍ତି ଅଲ୍ଲାଃଙ୍କ ରସୁଲ୍ । ତୁମେ ନିଜେ ଆମ ସମ୍ମୁଖରେ ତାଙ୍କ ଆବିର୍ଭାବ ହେବା ପୂର୍ବରୁ ସେ ବିଷୟରେ ଚର୍ଚ୍ଚା କରୁଥିଲ ଏବଂ ଆମ ସମ୍ମୁଖରେ ତାଙ୍କ ବିଶେଷ ଗୁଣ ଗାରିମା ଗୁଡିକ ବର୍ଣ୍ଣନା କରୁଥିଲ । ଏଥିରେ ରାଫେ ବିନ୍ ହୁରୈମଲା ଏବଂ ଓ୍ୱହବ୍ ବିନ୍ ୟହୁଜା କହିଲେ କି ଆମେ ତ ତୁମକୁ ଏପରି କହିନାହୁଁ ଏବଂ ନା ଅଲ୍ଲାଃତାଲା ମୁସା ଆ:ସଙ୍କ ପରେ କୌଣସି ପୁସ୍ତକ ଅବତୀର୍ଣ୍ଣ କରିଛନ୍ତି ନା କରିବେ ଏବଂ ନା ଅଲ୍ଲାଃତାଲା ହଜ୍‌ରତ୍ ମୁସାଙ୍କ ପରେ କୌଣସି ସୁସମାଚାର ଦେବେ ଏବଂ ନା କୌଣସି ସଚେତନକାରୀ ପଠାଇଛନ୍ତି ନା ପଠାଇବେ । (ସିରତ୍ ଇବ୍‌ନେ ହୁଶାମ୍, ପୃଷ୍ଠା-୨୬୫-୨୬୬ ବାବ୍ ମା ନୁଜୁଲେ ଫିଲ୍ ମୁନାଫିକିନ୍ ଓ୍ୱ ୟହୁଦ୍, ମୁଦ୍ରଣ ଦାରେ ଇବ୍‌ନେ ହଜମ୍ ବେରୁତ୍ ୨୦୦୯)

ଅର୍ଥାତ୍ ସେମାନେ ସ୍ୱଷ୍ଟ ରୂପେ ଉକ୍ତ କଥା ଗୁଡିକ ପାସୋରି ଦେଲେ । ଯେବେ କି ତୌରିୟତ୍‌ରେ ଉକ୍ତ ପେଶ୍‌ଗୋଇ ମହଜୁଦ୍ ଅଛି । ଏହି ପ୍ରକାରର ଅବସ୍ଥା ଆଜିକାଲିର କିଛି ମୁସଲ୍‌ମାନ୍ ଓ୍ୱଲେମା ମାନଙ୍କ ମଧ୍ୟରେ ଅଛି ଯେଉଁମାନେ ମସିହ୍ ମଉଦ୍‌ଙ୍କୁ ମାନୁନାହାଁନ୍ତି । ପ୍ରଥମେ ଆସିବା ପାଇଁ କୋଳାହଳ ସୃଷ୍ଟି କରୁଥିଲେ (କିନ୍ତୁ) ଏବେ କହୁଛନ୍ତି କି କେହି ଆସିବେ ନାହିଁ ।

ପୁଣି ଆଉଜଣେ ସାହାବୀ ହେଉଛନ୍ତି ହଜ୍‌ରତ୍ ହବିବ୍ ବିନ୍ ଅସ୍‌ଓ୍ୱଦ୍ ବିନ୍ ସାଆଦ୍ । ସେ ଅନ୍‌ସାର୍‌ର କବିଲା ବନୁ ହରାମ୍ ଦ୍ୱାରା ସ୍ୱାଧୀନ ହୋଇଥିବା ଗୁଲାମ୍ ଥିଲେ । ସେ ବଦର୍ ଏବଂ ଓ୍ୱହଦ୍ ଯୁଦ୍ଧରେ ସାମିଲ୍ ହୋଇଛନ୍ତି । ତାଙ୍କର କୌଣସି ସନ୍ତାନ ନଥିଲେ । ତାଙ୍କର ଚର୍ଚ୍ଚା ଖୁବୈବ୍ ନାମରେ ମଧ୍ୟ ମିଳୁଅଛି । (ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୪୨୯, ହବିବ୍ ବିନ୍ ଅଲ୍ ଅସ୍‌ଓ୍ୱଦ୍ ର:ଅ, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା, ବେରୁତ ୧୯୯୦) (ଅଲ୍ ଅସାବା ଫିତମିଜିସ୍ ସାହାବା, ଖଣ୍ଡ-୨, ପୃଷ୍ଠା-୧୮, ହବିବ୍ ବିନ୍ ସାଆଦ୍ ର:ଅ, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୧୯୯୫) (ଅସଦୁଲ୍ ଗାବା, ଖଣ୍ଡ-୧, ପୃଷ୍ଠା-୬୭୧, ହବିବ୍ ବିନ୍ ଅଲ୍ ଅସ୍‌ଓ୍ୱଦ୍ ର:ଅ, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା, ବେରୁତ୍ ୨୦୦୩)

ପୁଣି ହଜ୍‌ରତ୍ ଉସୈମା ଅନ୍‌ସାରୀ ନାମକ ଜଣେ ସାହାବୀ ଥିଲେ । ହଜ୍‌ରତ୍ ଉସୈମାଙ୍କ ସମ୍ବନ୍ଧ ବନୁ ଅଶ୍‌ଜ କବିଲା ସହିତ ଥିଲା । ବନୁ ଗନମ୍ ବିନ୍ ମାଲିକ୍ ବିନ୍ ନଜ୍ଜାର୍‌ଙ୍କର ସେ ବନ୍ଧୁ ଥିଲେ । ବଦର୍, ଓ୍ୱହଦ୍ , ଖଣ୍ଡକ ଏବଂ ଅନ୍ୟାନ୍ୟ ସମସ୍ତ ଯୁଦ୍ଧରେ ସେ ରସୁଲୁଲ୍ଲାଃ ସ:ଆ:ଙ୍କ ସହିତ ଯୋଗ ଦେଇଛନ୍ତି । ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ଖିଲାଫତ୍ ସମୟରେ ତାଙ୍କର ଦେହାନ୍ତ ହେଲା । ହଜ୍‌ରତ୍ ରାଫେ ବିନ୍ ହାରିଶ୍‌ଙ୍କର ଜଣେ ପୁତ୍ର ଥିଲେ ଯାହାଙ୍କ ନାମ ଥିଲା ହାରିସ । (ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୩୭୩, ରାଫେ ବିନ୍ ହାରିସ ର:ଅ, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା, ବେରୁତ୍ ୧୯୯୦)

ପୁଣି ହଜ୍‌ରତ୍ ରୁଖୈଲା ବିନ୍ ସାଲବା ଅନ୍‌ସାରୀ ନାମକ ଜଣେ ବଦ୍‌ରି ସାହାବା ଥିଲେ । ତାଙ୍କ ନାମ ମଧ୍ୟ ବିଭିନ୍ନ ପ୍ରକାରରେ ବର୍ଣ୍ଣନା କରାଯାଇଛି । କିଛି ଲୋକେ ରୁଖୈଲା, କିଛି ଲୋକେ ରୁଜୈଲା ଓ କିଛି ଲୋକେ ରୁହୈଲା ଇତ୍ୟାଦି ଉଲ୍ଲେଖ କରିଛନ୍ତି । ତାଙ୍କ ପିତାଙ୍କ ନାମ ସାଲ୍‌ବା ବିନ୍ ଖାଲିଦ୍ ଥିଲା । ବଦର୍ ଏବଂ ଓ୍ୱହଦ୍ ଯୁଦ୍ଧରେ ସେ ଯୋଗ ଦେଇଥିଲେ । ତାଙ୍କର ସମ୍ବନ୍ଧ ଖଜ୍‌ରଜ୍ କବିଲାର ଗୋଟିଏ ଶାଖା ବନୁ ବୟାଜା ସହିତ ଥିଲା ଓ ସେ ସଫିନ୍ ଯୁଦ୍ଧ ସମୟରେ ହଜ୍‌ରତ୍ ଅଲୀ ର:ଅଙ୍କ ସହିତ ଥିଲେ । (ଅସଦୁଲ ଗାବା, ଖଣ୍ଡ-୨, ପୃଷ୍ଠା-୨୭୩, ରୁଖୈଲା ବିନ୍ ସାଲବା ର:ଅ, ଖଣ୍ଡ-୧, ପୃଷ୍ଠା-୫୦୯, ଜବଲା ବିନ୍ ସାଲବା ର:ଅ, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ୍ ୨୦୦୩) (ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୪୫୦, ରୁଖୈଲା ବିନ୍ ସାଲବା ର:ଅ, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା, ବେରୁତ୍ ୧୯୯୦)

ପୁଣି ହଜ୍‌ରତ୍ ଜାବିର୍ ବିନ୍ ଅବ୍‌ଦୁଲ୍ଲାଃ ବିନ୍ ରୁଆବ୍ ନାମକ ଜଣେ ସାହାବୀ ଥିଲେ । ହଜ୍‌ରତ୍ ଜାବିର୍‌ଙ୍କୁ ସେହି ଛଅଜଣ ଲୋକମାନଙ୍କ ମଧ୍ୟରେ ଗଣନା କରାଯାଏ ଯେଉଁମାନେ ଅନ୍‌ସାର୍‌ଙ୍କ ମଧ୍ୟରୁ ସର୍ବପ୍ରଥମେ ମକ୍କାରେ ପହଂଚି ଇସ୍‌ଲାମ୍ ଗ୍ରହଣ କରିଥିଲେ । ହଜ୍‌ରତ୍ ଜାବିର୍ ବଦର୍, ଓ୍ୱହଦ୍, ଖନ୍ଦକ ଏବଂ ସମସ୍ତ ଯୁଦ୍ଧରେ ରସୁଲୁଲ୍ଲାଃ ସ:ଆ:ସଙ୍କ ସହିତ ଥିଲେ । ସେ ରସୁଲୁଲ୍ଲାଃ ସ:ଆ:ସଙ୍କ ଠାରୁ ହଦିସ୍ ମଧ୍ୟ ବର୍ଣ୍ଣନା କରିଛନ୍ତି । (ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୪୩୧, ଜାବିର୍ ବିନ୍ ଅବ୍‌ଦୁଲ୍ଲାଃ ର:ଅ, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା, ବେରୁତ୍ ୧୯୯୦)

ବୟତେ ଉକ୍‌ବା ଉଲା ସମୟରେ ଅନ୍‌ସାରଙ୍କ ମଧ୍ୟରୁ ଯିଏ ସର୍ବପ୍ରଥମେ ଇସ୍‌ଲାମ୍ ଗ୍ରହଣ କରିଥିଲେ ସେ ହେଉଛନ୍ତି ସେହି ବ୍ୟକ୍ତି । ଅନ୍‌ସାରଙ୍କ କିଛି ଲୋକଙ୍କ ସହିତ ରସୁଲୁଲ୍ଲାଃ ସ:ଆ:ସ ଉକ୍‌ବା ଉଲାର ରାତିରେ ଯେତେବେଳେ ସାକ୍ଷାତ୍ କଲେ ସେତେବେଳେ ଆପଣ ସ:ଆ:ସ ପଚାରିଲେ କି ତୁମେମାନେ କେଉଁ କବିଲାର । ଏହାପରେ ସେମାନେ ସମ୍ପୂର୍ଣ୍ଣ ରୂପେ ବ୍ୟାଖ୍ୟା କରି ନିଜ ନିଜର ବୟାନ୍ ଦେଲେ ଏବଂ ଏହି କବିଲା ବନୁ ନଜ୍ଜାର୍‌ର ଛଅଜଣ ଲୋକ ଥିଲେ । ଅସଦ୍ ବିନ୍ ଜୁରାରାଃ, ଅଓଫ୍ ବିନ୍ ହାରିସ୍ ବିନ୍ ରଫାଆ ବିନ୍ ଅଫ୍‌ରାଆ, ରାଫେ ବିନ୍ ମାଲିକ୍ ବିନ୍ ଅଜ୍‌ଲାନ୍, କତ୍‌ବା ବିନ୍ ଆମିର୍ ବିନ୍ ହଦିଦାଃ, ଅକବା ବିନ୍ ଅମିର୍ ବିନ୍ ନାବି ବିନ୍ ଜଏଦ୍ ଏବଂ ଜାବିର୍ ବିନ୍ ଅବ୍‌ଦୁଲ୍ଲାଃ ବିନ୍ ରୁଆବ୍ । ଏହି ସମସ୍ତ ଲୋକେ ମୁସଲ୍‌ମାନ୍ ହୋଇଯାଇଥିଲେ । ଯେତେବେଳେ ଏହି ଲୋକମାନେ ମଦ୍ଦିନା ଆସିଲେ ସେତେବେଳେ ସେମାନେ ମଦ୍ଦିନା ବାସୀଙ୍କୁ ରସୁଲୁଲ୍ଲାଃ ସ:ଆ:ସଙ୍କ ସମ୍ବନ୍ଧରେ ଜଣାଉ ଓ ପୁଣି ସେଠାରେ ତବ୍‌ଲିଗ୍ କଲେ । (ଅସଦୁଲ୍ ଗାବା, ଖଣ୍ଡ-୧, ପୃଷ୍ଠା-୪୯୨, ଜାବିର୍ ବିନ୍ ଅବ୍‌ଦୁଲ୍ଲାଃ ବିନ୍ ରୁଆବ୍, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା, ବେରୁତ୍ ୨୦୦୩)

ହଜ୍‌ରତ୍ ସାବିତ୍ ବିନ୍ ଅକ୍‌ରମ୍ ବିନ୍ ସାଲବା ନାମକ ଜଣେ ବଦ୍‌ରି ସାହାବା ଥିଲେ । ତାଙ୍କର ସମ୍ପୂର୍ଣ୍ଣ ନାମଟି ହେଉଛି ହଜ୍‌ରତ୍ ସାବିତ୍ ବିନ୍ ଅକ୍‌ରମ୍ ବିନ୍ ସାଲବା ବିନ୍ ଅଦି ବିନ୍ ଅଜ୍‌ଲାନ୍ । ଅନ୍‌ସାରୀ କବିଲା ବନୁ ଉମ୍‌ରୋ ବିନ୍ ଅଓଫ୍‌ର ସେ ବନ୍ଧୁ ଥିଲେ । ସେ ବଦର୍ ସମେତ ରସୁଲୁଲ୍ଲାଃ ସ:ଆ:ସଙ୍କ ସହିତ ସମସ୍ତ ଯୁଦ୍ଧରେ ସାମିଲ୍ ହେଉଛନ୍ତି । (ଅଲ୍ ଇସ୍ତିଆବ୍, ଖଣ୍ଡ-୧, ପୃଷ୍ଠା-୧୯୯, ସାବିତ୍ ବିନ୍ ଅକ୍‌ରମ୍ ର:ଅ, ମୁଦ୍ରଣ ଦାରୁଲ୍ ଜୈଲ୍, ବେରୁତ୍ ୧୯୯୨)

ଯେତେବେଳେ ରସୁଲୁଲ୍ଲାଃ ସ:ଆ:ସ ମଦିନାରେ ପହଂଚିଲେ ସେତେବେଳେ ଆସିମ୍ ବିନ୍ ଅଦୀଙ୍କୁ ମସ୍‌ଜିଦ୍ ଦେଲେ କି ସେ ସେଥିରେ ନିଜର ଘର ବନାଇବେ । କିନ୍ତୁ ଆସିମ୍ ନିବେଦନ କଲେ କି ହେ ରସୁଲଲ୍ଲାଃ ! ମୁଁ ଏହି ମସ୍‌ଜିଦ୍‌କୁ ଘର ରୂପେ ବନାଇବି ନାହିଁ ଯେଉଁଥିରେ ଅଲ୍ଲାଃତାଲା ଯାହାଙ୍କୁ ଅବତରଣ କରାଇବାର ଥିଲା ସେ ତାଙ୍କୁ ହିଁ ଅବତରଣ କରାଇଛନ୍ତି । ହଁ ନିଶ୍ଚିତ ରୂପେ ଆପଣ ସାବିତ୍ ବିନ୍ ଅକ୍‌ରମ୍‌ଙ୍କୁ ଏହା ଦେଇଦିଅନ୍ତୁ । କାରଣ ତାଙ୍କ ନିକଟରେ କୌଣସି ଘର ନାହିଁ । ଏଥିରେ ଆପଣ ସ:ଆ:ସ ହଜ୍‌ରତ୍ ସାବିତ୍ ବିନ୍ ଅକ୍‌ରମ୍‌ଙ୍କୁ ଉକ୍ତ ସ୍ଥାନଟି ଅନୁଗ୍ରହ କରି ପ୍ରଦାନ କଲେ । ସାବିତ୍ ବିନ୍ ଅକ୍‌ରମ୍‌ଙ୍କର କୌଣସି ସନ୍ତାନ ନଥିଲେ । (ସବ୍‌ଲଲ୍ ହୁଦା ଓ୍ୱର୍ ରଶାଦ୍, ଖଣ୍ଡ-୫, ପୃଷ୍ଠା-୬୭୭ ବାବ୍ ଜିକ୍‌ରି ଅମର୍ ମସ୍‌ଜିଦ୍ ଜରାର୍....ମୁଦ୍ରଣ ଅଲ୍ କାହେରା  ୧୯୯୨)

ବୋଧହୁଏ ସେହି ସ୍ଥାନଟି ଯାହା ତାଙ୍କୁ ଦିଆଯାଇଥିଲା ତାହା ମସ୍‌ଜିଦ୍‌ର ଏକ ଅଂଶ ହୋଇଥିବ ବା ମସ୍‌ଜିଦ୍‌ର ନିକଟତର କୌଣସି ସ୍ଥାନ ହୋଇଥିବ ଓ ଏକ ସମୟରେ ସେଠାରେ ନମାଜ ମଧ୍ୟ ପଢ଼ାଯାଉଥିବ । ସେ ଯାହା ହେଉ ଅନୁବାଦ କରିଥିବା ବ୍ୟକ୍ତି ଯେଉଁ ଅନୁବାଦଟି କରିଛନ୍ତି ମୋ ମତରେ ତାହା ଠିକ୍ ହୁଏନାହିଁ । କିଛି କଥାର ସ୍ୱଷ୍ଟୀକରଣ କରାଯାଇଥାଏ । ସେଇଥିପାଇଁ ରିସର୍ଚ୍ଚ ସେଲ୍ ଯେଉଁସବୁ ନୋଟ୍‌ଗୁଡିକ ପଠାଉଛନ୍ତି ସେଗୁଡିକୁ ଟିକିଏ ଗବେଷଣା କରି ସଠିକ୍ ରୂପେ ପଠାନ୍ତୁ । କେବଳ ସ୍କୁଲ୍‌ପିଲାଙ୍କ ପରି ଅନୁବାଦ ନକରିଦିଅନ୍ତୁ ।

ପୁଣି ମୌତା ଯୁଦ୍ଧରେ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ରଓ୍ୱାହାଙ୍କ ଶାହାଦତ୍‌ପରେ ଇସ୍‌ଲାମୀୟ ଧୋଜାକୁ ହଜ୍‌ରତ୍ ସାବିତ୍ ବିନ୍ ଅକ୍‌ରମ୍ ଉଠାଇ ଧରିରଖିଲେ ଏବଂ କହିଲେ କି ହେ ମୁସଲ୍‌ମାନ୍

ଗୋଷ୍ଠୀ ସମୂହ! ନିଜ ଭିତରେ କୌଣସି ଜଣେ ବ୍ୟକ୍ତିଙ୍କୁ ନିଜର ସର୍ଦ୍ଦାର ରୂପେ ନିୟୋଜିତ କର । ଲୋକମାନେ କହିଲେ ଆମେ ଆପଣଙ୍କୁ ହିଁ ନିଯୋଜି କରିବାକୁ ଚାହୁଁଅଛୁ । ଏଥିରେ ସେ କହିଲେ ମୁଁ ଏପରି କରିପାରିବି ନାହିଁ । ଏହା ଶୁଣିବା ପରେ ଲୋକମାନେ ହଜ୍‌ରତ୍ ଖାଲିଦ୍ ବିନ୍ ଓ୍ୱଲିଦ୍‌ଙ୍କୁ ନିଜର ସର୍ଦ୍ଦାର ରୂପେ ନିୟୋଜିତ୍ କରିଦେଲେ । ଇବ୍‌ନେ ହୁସାମ୍‌ର ସିରତୁନ୍ ନବୀରେ ଏହାର ଚର୍ଚ୍ଚା କରାଯାଇଛି । (ସିରତ୍ ଇବ୍‌ନେ ହୁଶାମ୍, ପୃଷ୍ଠା-୫୩୩......ମୁଦ୍ରଣ ଦାରେ ଇବ୍‌ନେ ହଜମ୍ ବେରୁତ୍ ୨୦୦୯)

ଇତିହାସରେ ମିଳୁଛି କି ମୌତା ଯୁଦ୍ଧ ଅବସରରେ ଯେତେବେଳେ ମୁସଲ୍‌ମାନ୍ ମାନେ ଶତ୍ରୁପକ୍ଷଙ୍କ ସେନାକୁ ଦେଖିନେଲେ ସେ ସେମାନଙ୍କର ଅସ୍ତ୍ରଶସ୍ତ୍ର ଇତ୍ୟାଦିକୁ ଦେଖିଲେ ଏଥିରେ ସେମାନେ ଏକଥା ଭାବିନେଲେ ଯେ ସେହି ସେନାର କେହି ମୁକାବିଲା କରିପାରିବେ ନାହିଁ । ହଜ୍‌ରତ୍ ଅବୁ ହୁରେରା ବର୍ଣ୍ଣନା କରୁଛନ୍ତି କି ମୁଁ ମଧ୍ୟ ମୌତା ଯୁଦ୍ଧରେ ସାମିଲି ହୋଇଥିଲି । ଯେତେବେଳେ ଶତ୍ରୁପକ୍ଷ ଆମ ନିକଟରେ ପହଂଚିଲା ସେତେବେଳେ ଆମେ ଏହା ଦେଖିବାକୁ ପାଇଲୁ କି ସଂଖ୍ୟାରେ, ଯୁଦ୍ଧାସ୍ତ୍ର, ଘୋଡା, ସୁନା ଏବଂ ରେଶମ ଇତ୍ୟାଦିରେ ଏହାର ମୁକାବିଲା କରିବା ପାଇଁ କାହାର ସାହସ ନାହିଁ । ଏ ସବୁକୁ ଦେଖି ମୁଁ ଆଚମ୍ଭିତ ହୋଇଗଲି । ଏଥିରେ ହଜ୍‌ରତ୍ ସାବିତ୍ ବିନ୍ ଅକ୍‌ରମ୍ ମୋତେ କହିଲେ ହେ ଅବୁ ହୁରେରା ! ତୁମର ତ ଅବସ୍ଥା ଏପରି ଲାଗୁଛି ଯେପରି ତୁମେ କୌଣସି ଏକ ବିରାଟ ସେନାକୁ ଦେଖିନେଇଛ । ହଜ୍‌ରତ୍ ଅବୁ ହୁରେରା ର:ଅ କହୁଛନ୍ତି କି ମୁଁ କହିଲି ହଁ । ଏଥିରେ ହଜ୍‌ରତ୍ ସାବିତ୍ କହିଲେ ତୁମେ ଆମ ସହିତ ବଦର୍ ଯୁଦ୍ଧରେ ସାମିଲ୍ ହୋଇନାହଁ, ଆମକୁ ସେଠାରେ ମଧ୍ୟ ଅଧିକ ସଂଖ୍ୟା ଯୋଗୁ ବିଜୟ ମିଳିନଥିଲା । (ସବ୍‌ଲଲ୍ ହୁଦା ଓ୍ୱର୍ ରଶାଦ୍, ଖଣ୍ଡ-୬, ପୃଷ୍ଠା-୧୪୮ ବାବ୍ ଫି ସରିୟା ମୌତା....ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୧୯୯୩) ବରଂ ତାହା ତ ଅଲ୍ଲାହ୍‌ତାଲାଙ୍କ କରୁଣାରୁ ପ୍ରାପ୍ତ ହୋଇଥିଲା ଓ ଏଠାରେ ମଧ୍ୟ ତାହା ହିଁ ହେବ ।

ହଜ୍‌ରତ୍ ଅବୁ ବକର୍ ର:ଅଙ୍କ ଖିଲାଫତ୍ ସମୟରେ ସେ ହଜ୍‌ରତ୍ ଖାଲିଦ୍ ବିନ୍ ଓ୍ୱଲିଦ୍‌ଙ୍କ ସହିତ ମୁର୍‌ତଦ୍ (ଧର୍ମରୁ ଫେରିଯାଇଥିବା ଲୋକମାନେ)ଙ୍କ ନିକଟକୁ ଗସ୍ତ କରିଥିଲେ । ହଜ୍‌ରତ୍ ଖାଲିଦ୍ ବିନ୍ ଓ୍ୱଲିଦ୍ ଲୋକମାନଙ୍କର ମୁକାବିଲା କରିବା ପାଇଁ ବାହାରିବା ସମୟରେ ଯଦି ଅଜାନ୍ ଶୁଣୁଥିଲେ ତେବେ ଆକ୍ରମଣ କରୁନଥିଲେ ଏବଂ ଯଦି ଅଜାନ୍ ଶୁଣୁନଥିଲେ ତେବେ ଆକ୍ରମଣ କରୁଥିଲେ । ଯେତେବେଳେ ସେ ବୁଜାଖା ଠାରେ ଥିବା ସେହି କୌମ୍ ନିକଟରେ ପହଂଚିଥିଲେ ସେତେବେଳେ ସେ ହଜ୍‌ରତ୍ ଉକାସା ବିନ୍ ମୋହସିନ୍ ଏବଂ ହଜ୍‌ରତ୍ ସାବିତ୍ ବିନ୍ ଅକ୍‌ରମ୍‌କୁ ଗୁପ୍ତଚର ରୂପେ ପଠାଇଲେ କି ଶତ୍ରୁଙ୍କ ଖବର ଯାଇ ଆଣନ୍ତୁ ବୋଲି ଏବଂ ସେହି ଦୁଇଜଣ ସେତେବେଳେ ଘୋଡା ପିଠିରେ ବସିଥିଲେ । ହଜ୍‌ରତ୍ ଉକାଶାଙ୍କ ଘୋଡାଙ୍କ ନାମ ଅଲ୍ ଜରାମ୍ ଥିଲା ଏବଂ ହଜ୍‌ରତ୍ ସାବିତ୍‌ଙ୍କ ଘୋଡାର ନାମ ଅଲ୍ ମଜର୍ ଥିଲା । ସେ ଯାହାହେଉ ଏହି ଦୁଇଣଙ୍କର ସାମ୍‌ନା ସାମ୍‌ନି ତଲିହା ଏବଂ ତାଙ୍କ ଭାଇ ସଲ୍‌ମା ସହିତ ହୋଇଗଲା । ସେମାନେ ମଧ୍ୟ ଏମାନଙ୍କ ନିକଟକୁ ଗୁପ୍ତଚର ରୂପେ ଆସିଥିଲେ । ତଲ୍‌ହାର ସାମ୍‌ନ ହଜ୍‌ରତ୍ ଉକାଶାଙ୍କ ସହିତ ହେଲା ଏବଂ ସଲ୍‌ମାର ହଜ୍‌ରତ୍ ସାବିତ୍‌ଙ୍କ ସହିତ ହେଲା ଓ ସେହି ଦୁଇଜଣ ଭାଇ ଏହି ଦୁଇଜଣ ସାହାବାଙ୍କୁ ଶହୀଦ୍ କରିଦେଲେ । ଅବୁ ଓ୍ୱାକିଦ୍ ଲୈସିଙ୍କ ଠାରୁ ବର୍ଣ୍ଣିତ ଅଛି ଆମେ ଦୁଇଶହ ଅଶ୍ୱାରୋହୀ ସେନାର ଆଗେ ଆଗେ ଚାଲୁଥିଲୁ ଏବଂ ଜଏଦ୍ ବିନ୍ ଖତାବ୍ ଆମର ଅମୀର୍ ଥିଲେ । ସାବିତ୍ ଏବଂ ଉକାଶା ଆମ ଆଗରେ ଥିଲେ । ଯେତେବେଳେ ଆମେ ତାଙ୍କ ନିକଟ ଦେଇ ପାର ହେଲୁ ସେତେବେଳେ ଆମକୁ ଏ ଦୃଶ୍ୟ ଅତ୍ୟନ୍ତ ଅପ୍ରିତୀକର ଲାଗିଲା । (ସେମାନଙ୍କ ଶହୀଦ୍ ହେବା ପରେ ଯେତେବେଳେ ପଛରୁ ଉକ୍ତ ସେନା ପାର ହେଲା) ହଜ୍‌ରତ୍ ଖାଲିଦ୍ ର:ଅ ଓ ବାକି ସମସ୍ତ ମୁସଲ୍‌ମାନ୍‌ମାନେ ଆମ ପଛରେ ଥିଲେ । ଆମେ ସେହି ଦୁଇଜଣଙ୍କ ନିକଟରେ ଛିଡା ହୋଇ ରହିଲୁ ଅର୍ଥାତ୍ ଯେଉଁ ଦୁଇଜଣ ଶହୀଦ୍ ହୋଇଥଲେ । ଏପରିକି ହଜ୍‌ରତ୍ ଖାଲିଦ୍ ର:ଅ ଆସିଲେ ଓ ତାଙ୍କ ନିର୍ଦ୍ଦେଶ ମୁତାବକ ଆମେ ସାବିତ୍ ଏବଂ ଉକାଶାଙ୍କୁ ତାଙ୍କର ରକ୍ତଭିଜା ପରିଧାନରେ ହିଁ ସେହିଠାରେ ଦଫନ କରିଦିଆଗଲା । (ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୩୫୫-୩୫୬, ସାବିତ୍ ବିନ୍ ଅକ୍‌ରମ୍ ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ୍ ୧୯୯୦)

ରିଓ୍ୱାୟତ୍‌ରେ ଆସୁଛି କି ଯେତେବେଳେ ତଲିହା ମୁସଲ୍‌ମାନ୍ ହେଲେ ସେତେବେଳେ ହଜ୍‌ରତ୍ ଅମିରୁଲ୍ ମୁମିନୀନ୍ ଉମର ର:ଅ ତାଙ୍କୁ କହିଲେ କି ମୁଁ ତୁମକୁ ଭଲପାଇବି ନାହିଁ କାରଣ ତୁମେ ଦୁଇଜଣ ମୁସଲ୍‌ମାନ ହଜ୍‌ରତ୍ ଉକାଶା ଏବଂ ହଜ୍‌ରତ୍ ସାବିତ୍ ବିନ୍ ଅରକମ୍‌ଙ୍କୁ ଶହୀଦ୍ କରିବାର ମାଧ୍ୟମ ଅଟ । ଯେଉଁମାନେ ଶହୀଦ୍ କରିଥିଲେ ପରେ ସେମାନେ ମୁସଲ୍‌ମାନ୍ ମଧ୍ୟ ହୋଇଗଲେ । ତେବେ ତାଙ୍କୁ ହଜ୍‌ରତ୍ ଉମର୍ ର:ଅ ଏକଥା କହିଲେ କି ତୁମ ସହିତ ମୋତେ ପ୍ରେମ ହୋଇପାରିବ ନାହିଁ କାରଣ ତୁମେ ଦୁଇଜଣ ମୁସଲମାନଙ୍କୁ ଶହୀଦ୍ କରିଦେଇଛ । ଏଥିରେ ତଲିହା କହିଲେ ଯେ ହେ ଅମୀରୁଲ୍ ମୁମିନିନ୍ ! ସେମାନଙ୍କୁ ତ ଅଲ୍ଲାହ୍‌ତାଲା ଆମ ହାତରେ ସମ୍ମାନ ପ୍ରଦାନ କରିଛନ୍ତି । (ସୁନନୁଲ୍ କୁବ୍‌ରା, ଲିଲ୍ ବେହ୍‌କି, ଖଣ୍ଡ-୮, ପୃଷ୍ଠା-୫୮୦-୫୮୧, କିତାବୁଲ୍ ଅଶ୍‌ରବା... ହଦିସ୍୧୭୬୩୧ ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ୍୨୦୦୩)

ତାଙ୍କର କୌଣସି ସନ୍ତାନ ନଥିଲେ । ମୁହମ୍ମଦ୍ ବିନ୍ ଉମର୍ କହୁଛନ୍ତି କି- ହଜ୍‌ରତ୍ ସାବିତ୍‌ଙ୍କୁ ୧୨ ହିଜ୍‌ରି ଦିନ ବୁଜାଖାଠାରେ ତଲିହା ଶହୀଦ୍ କଲେ । (ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୩୫୫-୩୫୬, ସାବିତ୍ ବିନ୍ ଅକ୍‌ରମ୍, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୧୯୯୦) ।

ପୁଣି ହଜ୍‌ରତ୍ ସଲ୍‌ମା ବିନ୍ ସଲାମା ନାମକ ଜଣେ ବଦ୍‌ରି ସାହାବୀ ଥିଲେ । ସେ ଅନ୍‌ସାରୀ ଥିଲେ ଏବଂ ଓସ୍ କବିଲାର ବନୁ ଅଶ୍‌ହଲ୍ ବଂଶୀୟ ଥିଲେ । ଯେତେବେଳେ ମଦିନାରେ ରସୁଲୁଲ୍ଲାହ୍ ସ:ଆ:ସଙ୍କ ଆବିର୍ଭାବ ହେବାର ଖବର ପହଂଚିଲା ସେତେବେଳେ ସେ ସେହି ସମସ୍ତ ଲୋକମାନଙ୍କ ମଧ୍ୟରେ ଜଣେ ଥିଲେ ଯେଉଁମାନେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଉପରେ ବିଶ୍ୱାସ ଆଣିଥିଲେ । (ସିରତୁସ୍ ସାହାବା, ଖଣ୍ଡ-୩, ପୃଷ୍ଠା-୩୯୧, ସଲ୍‌ମା ବିନ୍ ସଲାମା ର:ଅ, ମୁଦ୍ରଣ ଦାରୁଲ୍ ଇଶାଅତ୍ କରାଚି ୨୦୦୪)

ସେ ବୟତେ ଉକ୍‌ବା ଉଲା ଏବଂ ସାନିଆ ସେହି ଦୁଇଟିରେ ସାମିଲ୍ ହୋଇଥିଲେ ଏବଂ ତତ୍‌ସହିତ ସେ ବଦର୍ ସମେତ ସମସ୍ତ ଯୁଦ୍ଧରେ ରସୁଲୁଲ୍ଲାହ୍ ସ:ଆ:ସଙ୍କ ସହିତ ଯୋଗଦେବାର ସୌଭାଗ୍ୟ ଲାଭ କରିଥିଲେ । ହଜ୍‌ରତ୍ ଉମର୍ ର:ଅ ତାଙ୍କୁ ନିଜର ଖିଲାଫତ୍ ସମୟରେ ୟମାମାର ହାକିମ ନିୟୋଜିତ କରିଥିଲେ । (ଅସଦୁଲ୍ ଗାବା, ଖଣ୍ଡ-୨, ପୃଷ୍ଠା-୫୨୩, ସଲ୍‌ମା ବିନ୍ ସଲାମା, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା, ବେରୁତ ୨୦୦୩)

ଉମର୍ ବିନ୍ କତାଦା କହୁଛନ୍ତି କି ରସୁଲୁଲ୍ଲା ସ:ଆ:ସ ହଜ୍‌ରତ୍ ସଲ୍‌ମା ବିନ୍ ସଲାମା ଏବଂ ହଜ୍‌ରତ୍ ଅବୁ ସବ୍‌ରା ବିନ୍ ଅବି ରୁହମ୍‌ଙ୍କ ମଧ୍ୟରେ ମୁଆଖାତ୍ ପ୍ରତିଷ୍ଠା କରିଥିଲେ । କିନ୍ତୁ ଇବ୍‌ନେ ଇସ୍‌ହାକ୍‌ଙ୍କ ନିକଟରେ ସଲ୍‌ମା ବିନ୍ ସଲାମା ଏବଂ ହଜ୍‌ରତ୍ ଜୁବୈର୍ ବିନ୍ ଅଲ୍ ଅଓ୍ୱାମ୍‌ଙ୍କ ମଧ୍ୟରେ ମୁଆଖାତ୍ ପ୍ରତିଷ୍ଠା ହୋଇଥିଲା । (ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୩୩୫, ସଲ୍‌ମା ବିନ୍ ସଲାମା, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୧୯୯୦)

ସେ ନିଜ ପିଲାଦିନର ଗୋଟିଏ ଘଟଣାକୁ ନିଜେ ବର୍ଣ୍ଣନା କରୁଛନ୍ତି ଏକଦା ଯେତେବେଳେ ମୁଁ ଛୋଟ ପିଲା ଥିଲି ଓ ନିଜ କୁଟୁମ୍ବର୍ ଲୋକମାନଙ୍କ ଗହଣରେ ବସିଥିଲି ସେତେବେଳେ ଜଣେ ୟହୁଦୀ ଆଲିମ୍ ସେଠାରେ ଆସି ପହଂଚିଗଲା ଓ ସେ ଆମ ସମ୍ମୁଖରେ କୟାମତ୍, ହିସାବ, ମାପ ଏବଂ ସ୍ୱର୍ଗ ନର୍କ ବିଷୟରେ କହିବା ଆରମ୍ଭ କରିଦେଲା ଓ ପୁଣି କହିଲା କି ମୁସ୍‌ରିକ୍ (ଯେଉଁମାନେ ଏକ ଇଶ୍ୱରଙ୍କୁ ପରିତ୍ୟାଗ କରି ବହୁ ଇଶ୍ୱର ଗ୍ରହଣ କରିଥାନ୍ତି) ଏବଂ ବୁତ୍‌ପରସ୍ତ୍ (ପିତୁଳା ପୂଜକ) ନର୍କରେ ପଡିଲେ । ତାଙ୍କ କୁଟୁମ୍ବର୍ ଲୋକମାନେ ଯେହେତୁ ପିତୁଳା ପୂଜକ ଥିଲେ ସେଇଥିଯୋଗୁ ସେମାନେ ସେହି ବାସ୍ତବିକତାକୁ ବୁଝିପାରୁ ନଥିଲେ କି ମରିବା ପରେ ଲୋକମାନେ ପୁନର୍ବାର ଜିବୀତ ହେବେ ବୋଲି । ସେମାନେ ଉକ୍ତ ୟହୁଦୀ ଆଲିମ୍‌ଙ୍କୁ ପଚାରିଲେ କଣ ପ୍ରକୃତରେ ଲୋକମାନେ ମରିବା ପରେ ନୂନର୍ବାର ଜୀବନ ପାଇବେ ? ଏବଂ ନିଜ କର୍ମର ଫଳ ପାଇବେ । ପରକାଳର ଜୀବନ ଉପରେ ସେମାନଙ୍କର କୌଣସି ଧାରଣା ନଥିଲା । ଏହା ଶୁଣି ସେହି ୟହୁଦୀ ଆଲିମ୍ ଜଣକ କହିଲେ କି ହଁ । ଏଥିରେ ସେମାନେ ତାଙ୍କୁ ପଚାରିଲେ କି ଏହାର ଲକ୍ଷଣ କଣ ? ଏଥିରେ ସେ ମକ୍କା ଏବଂ ୟମନ୍ ଆଡକୁ ଇଂଗିତ କରି କହିଲେ କି ସେହି ସ୍ଥାନରୁ ଜଣେ ନବୀ ଆସିବେ । ଏଥିରେ ସେମାନେ ପଚାରିଲେ କି ସେ କେବେ ଆସିବେ ? ଏଥିରେ ସେ ମୋ ଆଡକୁ ଇସାରା କଲେ । କହୁଛନ୍ତି କି ମୁଁ ସେତେବେଳେ ପିଲା ଥିଲି, ଛୋଟ ଥିଲି । ସେ ମୋ ଆଡକୁ ଇଂଗୀତ କରି କହିଲେ କି ଯଦି ଏହି ପିଲାଟିକୁ ବୟସ ମିଳିବ ତେବେ ସେ ନିଶ୍ଚିତ ରୂପେ ଉକ୍ତ ନବୀଙ୍କୁ ଦେଖିବ । ହଜ୍‌ରତ୍ ସଲ୍‌ମା କହୁଛନ୍ତି କି ଏହି ଘଟଣାକୁ କିଛି ବର୍ଷ ହିଁ ବିତିଥିଲା ଯେ ନବୀ କରିମ୍ ସ:ଆ:ସଙ୍କ ଆଗମନ ସମ୍ବନ୍ଧରେ ଆମକୁ ଏତେଲା ମିଳିଲା । ଏବଂ ଆମେ ସମସ୍ତେ ତାଙ୍କ ଉପରେ ଇମାନ୍ ନେଇଆସିଲୁ । (ହଜୁର୍ କହୁଛନ୍ତି) ସେହି ବୁତ୍‌ପରସ୍ତ୍ (ପିତୁଳା ପୂଜକ) ଏବଂ ଅଗ୍ନିପୂଜକ ସମସ୍ତେ ଇମାନ୍ ନେଇଆସିଲେ । ସେ କହୁଛନ୍ତି- ସେ ସମୟରେ ଉକ୍ତ ୟହୁଦୀ ଆଲିମ୍ ଜଣକ ମଧ୍ୟ ଜୀବିତ ଥିଲେ । କିନ୍ତୁ ଇର୍ଷା ଯୋଗୁ ସେ ଇମାନ୍ ଆଣିଲେ ନାହିଁ ଓ ଆମେ ତାଙ୍କୁ କହିଲୁ କି ତୁମେ ତ ନବୀ କରିମ୍ ସ:ଆ:ସଙ୍କ ଆଗମନ ସମ୍ବନ୍ଧରେ ଆମକୁ ଖବର ଶୁଣାଉଥିଲ । ଏବେ ନିଜେ ହିଁ ଇମାନ୍ ଆଣୁନାହଁ । ଏଥିରେ ସେ ଆମକୁ କହିଲେ କି ମୁଁ ଯାହାର ଚର୍ଚ୍ଚା କରୁଥିଲି ସେ ଏ ନବୀ ନୁହଁନ୍ତି । କହୁଛନ୍ତି କି ପରିଶେଷରେ ସେହି ବ୍ୟକ୍ତିଜଣକ ଏହିଭଳି କୁଫୁର୍ (ଅମାନ୍ୟକାରୀ) ଅବସ୍ଥାରେ ମୃତ୍ୟୁବରଣ କଲା ।

ହଜ୍‌ରତ୍ ଉସ୍‌ମାନଙ୍କ ଖିଲାଫତ୍ ସମୟରେ ଯେତେବେଳେ ଫିତ୍‌ନା (ବିଭ୍ରାଟ) ମୁଣ୍ଡ ଟେକିଲା ସେତେବେଳେ ସେ ଅଲଗା ହୋଇଗଲେ ଓ ନିଜକୁ ଅଲ୍ଲାହ୍‌ଙ୍କ ଉପସନା କରିବାରେ ହିଁ ନିୟୋଜିତ କରିଦେଲେ । (ରହ୍‌ମତ୍ ଦାରେନ୍‌ର ଦୁଇଜଣ ଉସ୍‌ର୍ଗୀ, ପୃଷ୍ଠା-୫୭୪-୫୭୬ ତାଲିବୁଲ୍ ହାଶ୍‌ମି, ଅଲ୍‌ବଦର୍ ପବ୍ଲିକେସନ୍‌ସ୍ ଲାହୋର୍ ୨୦୦୩)

ଅର୍ଥାତ୍ ସେ ଏକୁଟିଆ ଅଲଗା ହୋଇ ରହିଲେ । କାରଣ ସେ ସମୟରେ ବହୁ ମାତ୍ରାରେ ଫିତ୍‌ନା ବଢ଼ିଯାଇଥିଲା । ତେଣୁ ସେ କେବଳ ଇଶ୍ୱରଙ୍କ ଉପାସନା କରିବାକୁ ଉଚିତ୍ ମଣିଲେ । ତାଙ୍କ ଦେହାନ୍ତ ସମ୍ବନ୍ଧରେ ଭିନ୍ନ ଭିନ୍ନ ମତ ରହିଛି । କିଛି ଲୋକେ କହୁଛନ୍ତି- ତାଙ୍କର ଦେହାନ୍ତ ୩୪ ହିଜ୍‌ରିରେ ହୋଇଛି ଓ ଆଉକିଛି ଲୋକେ ୪୫ ହିଜ୍‌ରିରେ ହୋଇଛି ବୋଲି କହୁଛନ୍ତି । ତାଙ୍କ ମୃତ୍ୟୁ ବେଳକୁ ତାଙ୍କୁ ୭୪ବର୍ଷ ହୋଇଥିଲା । ଏବଂ ମଦିନାରେ ହିଁ ତାଙ୍କର ଦେହାନ୍ତ ହୋଇଥିଲା । (ଅଲ୍ ଅସାବା ଫିତମିଜିସ୍ ସାହାବା, ଖଣ୍ଡ-୩, ପୃଷ୍ଠା-୧୨୫, ସଲ୍‌ମା ବିନ୍ ସଲାମା ବିନ୍ ଓ୍ୱକଶ୍, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା, ବେରୁତ ୨୦୦୫)

ପୁଣି ହଜ୍‌ରତ୍ ଜବର୍ ବିନ୍ ଅତିକ୍ ନାମକ ଜଣେ ବଦ୍‌ରି ସାହାବୀ ଥିଲେ । ବଦର୍ ଯୁଦ୍ଧ ଏବଂ ରସୁଲେ କରିମ୍ ସ:ଆ:ସ ଯୋଗ ଦେଇଥିବା ସମସ୍ତ ଯୁଦ୍ଧରେ ସେ ସାମିଲ୍ ହୋଇଛନ୍ତି ।

ମଦିନାରେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଦେହାନ୍ତ ପର୍ଯ୍ୟନ୍ତ ସେ ରହିଥିଲେ । ହଜ୍‌ରତ୍ ଜବର୍ ବିନ୍ ଅତିକ୍‌ଙ୍କ କୁନିୟତ୍ ଅବ୍‌ଦୁଲ୍ଲାଃ ଥିଲା । ସନ୍ତାନ ମାନଙ୍କ ମଧ୍ୟରେ ଦୁଇଜଣ ପୁତ୍ର ଅତିକ୍ ଏବଂ ଅବ୍‌ଦୁଲ୍ଲାଃ ଏବଂ ଜଣେ ଝିଅ ଉମ୍ମେ ସାବିତ୍ ଥିଲେ । ରସୁଲୁଲ୍ଲାଃ ସ:ଆ:ସ ହଜ୍‌ରତ୍ ଜବର୍ ବିନ୍ ଅତିକ୍ ଏବଂ ଖବାବ୍ ବିନ୍ ଅଲ୍ ଅରତ୍‌ଙ୍କ ମଧ୍ୟରେ ମୁଆଖାତ୍ କାଏମ୍ କରିଥିଲେ । ମକ୍କା ବିଜୟ ଅବସରରେ ବନୁ ମାଓ୍ୱିୟା ବିନ୍ ମାଲିକ୍‌ଙ୍କ ଧୋଜା ତାଙ୍କ ନିକଟରେ ଥିଲା । ହଜ୍‌ରତ୍ ଜବର୍ ବିନ୍ ଅତିକ୍‌ଙ୍କ ଦେହାନ୍ତ ୬୧ ହିଜ୍‌ରିରେ ୟଜିଦ୍ ବିନ୍ ମାଓ୍ୱିୟାଙ୍କର ଖିଲାଫତ୍ ସମୟରେ ୭୧ ବର୍ଷ ବୟସରେ ହେଲା । (ହଜୁର୍ କହୁଛନ୍ତି) କହିବାକୁ ଗଲେ ସେ ସମୟରେ ଖିଲାଫତ୍ ନଥିଲା । (ତବକାତୁଲ୍ କୁବ୍‌ରା ଲେ ଇବ୍‌ନେ ସାଆଦ୍, ଖଣ୍ଡ-୩, ପୃଷ୍ଠା-୩୫୭, ଜବର୍ ବିନ୍ ଅତିକ୍, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୧୯୯୦)

ଆଉଜଣେ ସାହାବୀ ହେଉଛନ୍ତି ହଜ୍‌ରତ୍ ସାବିତ୍ ବିନ୍ ସାଲବା । ତାଙ୍କୁ ସାବିତ୍ ବିନ୍ ଜଜଅ ମଧ୍ୟ କୁହାଯାଏ । ୭୦ ଜଣ ଅନ୍‌ସାରଙ୍କ ସହିତ ସେ ଉକ୍‌ବା ସାନିଆରେ ଉପସ୍ଥିତ ହୋଇଥିଲେ । ବଦର୍, ଓ୍ୱହଦ୍, ଖନ୍ଦକ ଯୁଦ୍ଧରେ ସେହିପରି ହୃଦବିୟା, ଖୈବର୍ ଏବଂ ଫତାହ୍ ମକା ଏବଂ ତାଏଫ୍ ଯୁଦ୍ଧରେ ସେ ଆଁ ହଜ୍‌ରତ୍ ସ:ଆ:ସଙ୍କ ସହିତ ଥିଲେ । ହଜ୍‌ରତ୍ ସାବିତ୍ ତାଏଫ୍ ଯୁଦ୍ଧରେ ଶହୀଦ୍ ହେଲେ । ସେ ନିଜ ବାପା ହଜ୍‌ରତ୍ ସାଲବାଙ୍କ ସହିତ ବଦର୍ ଯୁଦ୍ଧରେ ମଧ୍ୟ ସାମିଲ୍ ହୋଇଥିଲେ । (ତବକାତୁଲ୍ କୁବ୍‌ରା ଲେ ଇବ୍‌ନେ ସାଆଦ୍, ଖଣ୍ଡ-୩, ପୃଷ୍ଠା-୪୨୮-୪୨୯, ସାବିତ୍ ବିନ୍ ସାଲବା, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୧୯୯୦) (ଅସଦୁଲ୍ ଗାବା, ଖଣ୍ଡ-୧, ପୃଷ୍ଠା-୩୨୪...ବେରୁତ୍ ୨୦୦୩)

ପୁଣି ଆଉଜଣେ ସାହାବୀ ହେଉଛନ୍ତି ହଜ୍‌ରତ ସୁହେଲ୍ ବିନ୍ ଓ୍ୱହବ୍ । ତାଙ୍କ ନାମ ହଜ୍‌ରତ୍ ସୁହେଲ୍ ବିନ୍ ଓ୍ୱହବ୍ ବିନ୍ ରବିୟା ବିନ୍ ଉମ୍‌ରୋ ବିନ୍ ଆମିର୍ କୁରୈଶି ଥିଲା । ତାଙ୍କ ମାଆଙ୍କ ନାମ ଦଅଦ୍ ଥିଲା । କିନ୍ତୁ ସେ ବୈଜା ନାମରେ ପ୍ରସିଦ୍ଧ ଥିଲେ । ସେଇଥିଯୋଗୁ ସୁହେଲ୍ ମଧ୍ୟ ଇବ୍‌ନେ ବୈଜା ନାମରେ ପ୍ରସିଦ୍ଧ ହେଲେ । ସୁତରାଂ ପୁସ୍ତକ ଗୁଡିକରେ ତାଙ୍କ ନାମ ସୁହେଲ୍ ବିନ୍ ବୈଜା ମଧ୍ୟ ଉଲ୍ଲେଖ ଅଛି । ତାଙ୍କର ସମ୍ବନ୍ଧ କୁରୈଶ କବିଲାର ବନୁ ଫହର୍ କୁଟୁମ୍ବ ସହିତ ଥିଲା । (ଅଲ୍ ଅସାବା ଫିତମିଜିସ୍ ସାହାବା, ଖଣ୍ଡ-୩, ପୃଷ୍ଠା-୧୬୦, ସୋହେଲ୍ ବିନ୍ ବୈଜା ଅଲ୍‌କୁର୍‌ଶି, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା, ବେରୁତ ୨୦୦୫) (ଅସଦୁଲ୍ ଗାବା, ଖଣ୍ଡ-୨, ପୃଷ୍ଠା-୩୪୪, ସାଲବା ବିନ୍ ଅଲ୍ ହାରିସ୍, ବେରୁତ ୨୦୦୩)

ସେ ପ୍ରାରମ୍ଭିକ ଯୁଗରେ ଇସ୍‌ଲାମ୍ ଗ୍ରହଣ କରିଛନ୍ତି । ଇସ୍‌ଲାମ୍ ଗ୍ରହଣ କରିବା ପରେ ହବ୍‌ଶା ଆଡକୁ ହିଜ୍‌ରତ୍ କଲେ । ସେଠାରେ ବହୁ ଦିନ ପର୍ଯ୍ୟନ୍ତ ରହିଲେ । ଯେତେବେଳେ ଇସ୍‌ଲାମ୍‌ର ଖୋଲାଖୋଲି ରୂପେ ତବ୍‌ଲିଗ୍ ହେଲା ସେତେବେଳେ ସେ ମକ୍କା ଫେରିଆସିଲେ ଏବଂ ପୁଣି ଆଁ ହଜ୍‌ରତ୍ ସ:ଆ:ସଙ୍କ ହିଜ୍‌ରତ୍ କରିବା ପରେ ସେ ମଦନା ଚାଲିଗଲେ । (ସିରତୁସ୍ ସାହାବା, ଖଣ୍ଡ-୨, ପୃଷ୍ଠା-୫୭୭, ସୁହେଲ୍ ବିନ୍ ବୈଜା, ଦାରୁଲ୍ ଇସାଅତ୍, କରାଚି ।

ହଜ୍‌ରତ୍ ସୁହେଲ୍‌ଙ୍କ ସହିତ ତାଙ୍କର ଆଉଜଣେ ଭାଇ ହଜ୍‌ରତ୍ ସଫ୍‌ଓ୍ୱାନ୍ ବିନ୍ ବୈଜା ମଧ୍ୟ ବଦର୍ ଯୁଦ୍ଧରେ ସାମିଲ୍ ହୋଇଥିଲେ । (ତବକାତୁଲ୍ କୁବ୍‌ରା ଲେ ଇବ୍‌ନେ ସାଆଦ, ଖଣ୍ଡ-୩, ପୃଷ୍ଠା-୩୧୮, ସଫ୍‌ଓ୍ୱାନ୍ ବିନ୍ ବୈଜା, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ୧୯୯୦)

ଯେତେବେଳେ ସେ ବଦର୍ ଯୁଦ୍ଧରେ ସାମିଲ୍ ସାମିଲ୍ ହୋଇଥିଲେ ସେତେବେଳେ ତାଙ୍କ ବୟସ ୩୪ ବର୍ଷ ହୋଇଥିଲା । ଓ୍ୱହଦ୍, ଖନ୍ଦକ ଏବ ଆଁ ହଜ୍‌ରତ୍ ସ:ଆ:ସ ଯୋଗ ଦେଇଥିବା ସମସ୍ତ ଯୁଦ୍ଧ ଗୁଡିକରେ ସେ ସାମିଲ୍ ହୋଇଥିଲେ । ତାଙ୍କର ତୃତୀୟ ଭାଇ ସହଲ୍ ମୁସ୍‌ରିକ୍ ମାନଙ୍କ ତରଫରୁ ବଦର୍ ଯୁଦ୍ଧରେ ସାମିଲ୍ ହୋଇଥିଲେ । ଅଲାମା ଇବ୍‌ନେ ହଜର୍ ଅସ୍‌କଲାନି ଲେଖୁଛନ୍ତି କି ସୋହେଲ୍ ମକ୍କାରେ ଇସ୍‌ଲାମ୍ ଗ୍ରହଣ କଲେ । କିନ୍ତୁ ନିଜର ଇସ୍‌ଲାମ୍ ଗ୍ରହଣ କରିଥିବା ବିଷୟ କାହାଠାରେ ପ୍ରକାଶ କଲେନାହିଁ । କୁରୈଶ୍ ତାଙ୍କୁ ବଦର୍ ଯୁଦ୍ଧରେ ସାମିଲ୍ ହେବାପାଇଁ ନେଇଗଲେ । ପୁଣି ଯେତେବେଳେ ସେ ଗିରଫ ହେଲେ ହଜ୍‌ରତ୍ ଇବ୍‌ନେ ମସ୍‌ଉଦ୍ ତାଙ୍କ ସମ୍ବନ୍ଧରେ ସାକ୍ଷୀ ଦେଲେ କି ମୁଁ ତାଙ୍କୁ ମକାରେ ନମାଜ ପଢ଼ିବାର ଦେଖିଛି ବୋଲି । ଏଥିରେ ତାଙ୍କୁ ସ୍ୱାଧୀନ କରିଦିଆଗଲା । ପୁଣି ମଦିନାରେ ତାଙ୍କର ଦେହାନ୍ତ ହେଲା । ତାଙ୍କର ଏବଂ ହଜ୍‌ରତ୍ ସୋହେଲ୍‌ଙ୍କର ଯନାଜାଃ ରସୁଲେ କରିମ୍ ସ:ଆ:ସ ମସ୍‌ଜିଦ୍‌ରେ ପଢ଼ାଇଲେ ।

ହଜ୍‌ରତ୍ ସୁହେଲ୍ ବିନ୍ ବୈଜା ରିଓ୍ୱାୟତ୍ କରୁଛନ୍ତି କି ରସୁଲୁଲ୍ଲାଃ ସ:ଆ:ସ ତବୁକ୍ ଯୁଦ୍ଧ ଯିବା ସମୟରେ ରାସ୍ତାରେ ତାଙ୍କୁ ବାହାନ ପଛରେ ବସାଇଲେ । ସେ କହୁଛନ୍ତି କି ରସୁଲୁଲ୍ଲାଃ ସ:ଆ:ସ ଉଚ୍ଚ ସ୍ୱରରେ କହିଲେ ହେ ସୁହେଲ୍ ! ଏହିପରି ଆଁ ହଜ୍‌ରତ୍ ସ:ଆ:ସ ତିନିଥର କହିଲେ । ପ୍ରତ୍ୟେକ ଥର ହଜ୍‌ରତ୍ ସୁହେଲ୍ ଏହାର ଉତରରେ ଲବେକ୍ ୟା ରସୁଲଲ୍ଲାଃ କହୁଥିଲେ । ଏପରିକି ଲୋକମାନେ ଜାଣିନେଲେ କି ଏହାର ଅର୍ଥ ହେଉଛି କି ରସୁଲୁଲ୍ଲାଃ ସ:ଆ:ସ । ଏହିପରି ଯେଉଁ ଲୋକମାନେ ଆଗରେ ଥିଲେ ଓ ଯେଉଁମାନେ ପଛରେ ଥିଲେ ସମସ୍ତେ ଆପଣଙ୍କ ନିକଟରେ ପହଂଚିଗଲେ । ଏହା ମଧ୍ୟ ଲୋକମାନଙ୍କୁ ଡାକିବାର ଏକ ଶୈଳୀ ଥିଲା । ଯେତେବେଳେ ଲୋକମାନେ ଏକାଠି ହୋଇଗଲେ ସେତେବେଳେ ରସୁଲୁଲ୍ଲାଃ ସ:ଆ:ସ କହିଲେ ଯେ ଯିଏ ସାକ୍ଷୀ ଦେଉଛି କି ଅଲ୍ଲାଃଙ୍କ ବ୍ୟତୀତ ଆଉ କେହି ଉପାସଯୋଗ୍ୟ ନୁହେଁ ଏବଂ ସେ ହେଉଛି ଏକ ଓ ତାର ସମକକ୍ଷ ଆଉକେହି ନୁହଁନ୍ତି, ଏପରି ବ୍ୟକ୍ତି ଉପରେ ଅଲ୍ଲାଃତାଲା ନର୍କକୁ ହରାମ୍ (ଅବୈଧ) କରିଦେବ । (ଅଲ୍ ଅସାବା ଫିତମିଜିସ୍ ସାହାବା, ଖଣ୍ଡ-୩, ପୃଷ୍ଠା-୧୬୨-୧୬୩, ସୁହେଲ୍ ବିନ୍ ବୈଜା ଅଲ୍ କୁର୍‌ଶି, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା, ବେରୁତ ୧୯୯୫) (ଅଲ୍ ଅସାବା ଫିତମିଜିସ୍ ସାହାବା, ଖଣ୍ଡ-୩, ପୃଷ୍ଠା-୧୭୬.....ଦାରୁଲ୍ କୁତୁବୁଲ୍ ଇଲମିୟା ବେରୁତ ୧୯୯୫) (ତବକାତୁଲ୍ କୁବ୍‌ରା ଲେ ଇବ୍‌ନେ ସାଆଦ୍, ଖଣ୍ଡ-୩, ପୃଷ୍ଠା-୩୧୭, ସୋହେଲ୍ ଇବ୍‌ନେ ବୈଜା ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୧୯୯୦)

ଏବେ ଏହି ଇତିହାସର ପୁସ୍ତକ ଗୁଡିକ ଦେଖନ୍ତୁ ଯାହାକୁ ଏ ମୁସଲ୍‌ମାନ୍ ଲୋକମାନେ ମଧ୍ୟ ପଢୁଛନ୍ତି କି ମୁସଲ୍‌ମାନ୍ ହେବାର ଏହା ମଧ୍ୟ ଏକ ସଂଜ୍ଞା ଅଟେ । କିନ୍ତୁ ସେମାନଙ୍କର କାର୍ଯ୍ୟ ଏହା ହେବ ଓଲଟା ସେ ସେମାନଙ୍କର ଫତ୍‌ଓ୍ୱା ମଧ୍ୟ ଏହାର ଓଲଟା ଅଟେ ।

ହଜ୍‌ରତ୍ ଅନସ ବର୍ଣ୍ଣନା କଲେ କି ଆମ ନିକଟରେ ଖଜୁରୀ ମଦ ବ୍ୟତୀତ ଆଉ ଅନ୍ୟ କୌଣସି ମଦ ନଥିଲା । ତାକୁ ଫଜିଇ କୁହାଯାଏ । ସେକହୁଛନ୍ତି- ମୁଁ ଏକଦା ଅବୁ ତଲ୍‌ହା ଏବଂ ଅମୁକ ଅମୁକ ବ୍ୟକ୍ତିଙ୍କୁ ମଦ ପାନ କରାଉଥିଲି । ସେତିକିବେଳେ ଜଣେ ବ୍ୟକ୍ତି ଆସି କହିଲା କି ତୁମକୁ କଣ କୌଣସି ଖବର ପହଂଚିନାହିଁ । କୁହାଗଲା କି ଖବର ? ସେ କହିଲା କି ମଦ୍ୟପାନ ହରାମ କରିଦିଆଯାଇଛି । ଯେଉଁମାନଙ୍କୁ ସେ ମଦ୍ୟପାନ କରାଉଥିଲେ ସେମାନେ ହଜ୍‌ରତ୍ ଅନସକୁ କହିଲେ କି ହେ ଅନସ୍ ! ଏହି ମଦ ହାଣ୍ଡିକୁ ଢ଼ାଳିଦିଅ । ସେ କହୁଥିଲେ ପୁଣି ସେମାନେ ଉକ୍ତ ବ୍ୟକ୍ତିଙ୍କ ଖବର ଦେବାପରେ ନା ତ ମଦ ବିଷୟରେ କେତେ ପଚାରିଛନ୍ତି ଓ ନା କେବେ ତାକୁ ପୁନର୍ବାର ପିଇଛନ୍ତି । (ସହି ବୁଖାରୀ କିତାବୁଲ୍ ତଫଶିର୍.....ହଦିସ୍ ନଂ-୪୬୧୭)

ଦେଖନ୍ତୁ ଗୋଟିଏ ନିର୍ଦ୍ଦେଶ ମିଳିବା ପରେ ତା ଉପରେ ପରି ପରିଚାଳିତ ହେଉଥିଲେ ଯେ ପୁନର୍ବାର ଉକ୍ତ ମଦ ବିଷୟରେ ଚର୍ଚ୍ଚା ମଧ୍ୟ ହେଲାନାହିଁ । ଆଉଗୋଟିଏ ହଦିସ୍‌ରେ ଉଲ୍ଲେଖ ଅଛି କି ହଜ୍‌ରତ୍ ଅବୁ ତଲାହ୍‌ଙ୍କ ହଜ୍‌ର୍‌ତ୍ ଅବୁ ଦୁଖାନା ଏବଂ ହଜ୍‌ରତ୍ ସୁହେଲ୍ ବିନ୍ ବୈଜା ଥିଲେ ଯିଏ ସେ ସମୟରେ ମଦ୍ୟପାନ କରିଥିଲେ । (ସହି ବୁଖାରୀ କିତାବୁଲ୍ ଅଶ୍‌ରବା...ହଦିସ୍ ନଂ-୫୬୦୦)

ତବୁକ୍ ଯୁଦ୍ଧରୁ ଫେରିବା ସମୟରେ ୯ ହିଜ୍‌ରିରେ ତାଙ୍କର ଦେହାନ୍ତ ହେଲା ଓ ତାଙ୍କର ନମାଜ ଯନାଜାଃ ମସ୍‌ଜିଦ୍ ନବଓ୍ୱିଠାରେ ଆଁ ହଜ୍‌ରତ୍ ସ:ଆ:ସ ପଢ଼ାଇଲେ । ମୃତ୍ୟୁ ବେଳକୁ ତାଙ୍କର କୌଣସି ସନ୍ତାନ ମଧ୍ୟ ନଥିଲେ । (ତବକାତୁଲ୍ କୁବ୍‌ରା ଲେ ଇବ୍‌ନେ ସାଆଦ୍, ଖଣ୍ଡ-୩, ପୃଷ୍ଠା-୩୧୭, ସୋହେଲ୍ ଇବ୍‌ନେ ବୈଜା ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୧୯୯୦)

ହଜ୍‌ରତ୍ ଇବାଦ୍ ବିନ୍ ଅବ୍‌ଦୁଲ୍ଲାଃ ବିନ୍ ଜୁବୈର୍‌ଙ୍କ ଠାରୁ ବର୍ଣ୍ଣିତ ଅଛି କି ହଜ୍‌ରତ୍ ଆଇସା ର:ଅ ନିର୍ଦ୍ଦେଶ ଦେଲେ ଯେ ହଜ୍‌ରତ୍ ସାଆଦ୍ ବିନ୍ ଅବି ଓ୍ୱକାସ୍‌ଙ୍କ ଯନାଜାଃ ମସ୍‌ଜିଦ୍ ଭିତରକୁ ଅଣାଯାଉ । ଯଦ୍ୱାରା ସେ ମଧ୍ୟ ତାଙ୍କ ନମାଜ ଯନାଜାଃ ପଢ଼ିପାରିବେ । ଲୋକେ ହଜ୍‌ରତ୍ ଆଇଶାଙ୍କ ଏପରି କଥାରେ ଆଶ୍ଚର୍ଯ୍ୟ ହେଲେ । ଏଥିରେ ହଜ୍‌ରତ୍ ଆଇଶା ର:ଅ କହିଲେ କି ଲୋକମାନେ କେତେ ଶିଘ୍ର ଭୁଲିଯାଉଛନ୍ତି । ରସୁଲୁଲ୍ଲାଃ ସ:ଆ:ସ ହଜ୍‌ରତ୍ ସୁହେଲ୍ ବିନ୍ ବୈଜାଙ୍କ ନମାଜ ଯନାଜାଃ ମସ୍‌ଜିଦ୍‌ରେ ହିଁ ପଢ଼ାଇଥିଲେ । (ମୁତରଜିମ୍, ସହି ମୁସଲ, କିତାବୁଲ୍ ଜନାଇଜ.....ହଦିସ୍ - ୧୬୦୩, ଖଣ୍ଡ-୪, ପୃଷ୍ଠା-୧୩୫, ନୁର୍ ଫାଉଂଡେସନ୍)

ସେମାନଙ୍କର ଏ ଧରଣା ଥିଲା କି ନମାଜ ଯନାଜାଃ କୌଣସି ଖୋଲା ଯାଗାରେ ପଢ଼ିବା ଉଚିତ୍ । ତେବେ ହଜ୍‌ରତ୍ ଆଇସା ର:ଅ ତାଙ୍କର ଏ ଧାରଣାକୁ ସୁଧାରି ଦେବେ କି ମସ୍‌ଜିଦ୍‌ରେ ମଧ୍ୟ ନମାଜ ଯନାଜାଃ ପଢ଼ାଯାଇତା ।

ହଜ୍‌ରତ୍ ତୁଫେଲ୍ ବିନ୍ ହାରିସ୍ ନାମକ ଜଣେ ସାହାବୀ ଥିଲେ । ହଜ୍‌ରତ୍ ତୁଫେଲ୍ ନିଜ ଭାଇ ହଜରତ୍ ଉବୈଦା ଏବଂ ହଜ୍‌ରତ୍ ହସିନ୍‌ଙ୍କ ସହିତ ବଦର୍, ଓ୍ୱହଦ୍, ଖନ୍ଦକ ଏବଂ ରସୁଲୁଲ୍ଲାଃ ସ:ଆ:ସ ଯୋଗଦେଇଥିବା ସମସ୍ତ ଯୁଦ୍ଧରେ ସାମିଲ୍ ହୋଇଥିଲେ । (ଅସଦୁଲ୍ ଗାବା, ଫି ମାରେଫତୁ ସାହାବା, ଖଣ୍ଡ-୨, ପୃଷ୍ଠା-୪୬୬, ''ତୁଫେର୍ ବିନ୍ ହାରିସ୍'', ମୁଦ୍ରଣ ଦାରୁଲ୍ ଫିକର୍, ବେରୁତ୍ ୨୦୦୩)

ରସୁଲୁଲ୍ଲାଃ ସ:ଆ:ସ ହଜ୍‌ରତ୍ ତୁଫୈଲ୍ ବିନ୍ ହାରିସ୍‌ଙ୍କ ମୁଆଖାତ୍ ହଜ୍‌ରତ୍ ମୁନ୍‌ଜିଲ୍ ବିନ୍ ମୁହମ୍ମଦ୍‌ଙ୍କ ସହିତ କରିଥିଲେ ଓ ଆଉକିଛି ରିଓ୍ୱାୟତ୍ ମୁତାବକ ହଜ୍‌ରତ୍ ସୁଫିଆନ୍ ବିନ୍ ନସଲ୍‌ଙ୍କ ସହିତ କାଏମ୍ କରିଥିଲେ । ହଜ୍‌ରତ୍ ତୁଫୈଲ୍‌ଙ୍କ ଦେହାନ୍ତ ୭୦ବର୍ଷ ବୟସରେ ୩୨ ହିଜରିରେ ହେଲା । (ତବକାତୁଲ୍ କୁବ୍‌ରା ଲେ ଇବ୍‌ନେ ସାଆଦ୍, ଖଣ୍ଡ-୩, ପୃଷ୍ଠା-୩୮, ତୁଫୈଲ୍ ବିନ୍ ହାରିସ୍, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୧୯୯୦)

ପୁଣି ଆଉଜଣେ ସାହାବୀ ହେଉଛନ୍ତି ହଜ୍‌ରତ୍ ଅବୁ ସଲିତ୍ ଉସୈରା ବିନ୍ ଉମ୍‌ରୋ ର:ଅ । ଉସୈରା ବିନ୍ ଉମ୍‌ରେ ତାଙ୍କ ନାମ ଥିଲା ଓ ତାଙ୍କର କୁନିୟତ୍ ଅବୁ ସଲିତ୍ ଥିଲା ଓ ସେ ଅବୁ ସଲିତ୍ ନାମରେ ଅଧିକ ପ୍ରସିଦ୍ଧ ଥିଲେ । ତାଙ୍କ ବାପା ଉମ୍‌ରୋ ମଧ୍ୟ ଅବୁ ଖାରଜା କୁନିୟତ୍‌ରେ ପରିଚିତ ଥିଲେ । ବଦର୍ ଯୁଦ୍ଧ ଏବଂ ନବୀ କରିମ୍ ସ:ଆ:ସ ଯୋଗ ଦେଇଥିବା ସମସ୍ତ ଯୁଦ୍ଧରେ ସେ ସାମିଲ୍ ହୋଇଥିଲେ । (ଅସ୍‌ହାବେ ବଦର୍, ଲେଖକ- କାଜି ମୁହମ୍ମଦ୍ ସୁଲେମାନ୍, ମନ୍‌ସୁର୍ ପୁରୀ, ପୃଷ୍ଠା-୧୩୧, ମକତବା ଇସ୍‌ଲାମିୟା ୨୦୧୫)

ହଜ୍‌ରତ୍ ଅବୁ ସୁଲେତ୍ ଖଜ୍‌ରଜ୍ କବିଲାର ଶାଖା ଅଦିବିନ୍ ନଜାର ସହିତ ସମ୍ପର୍କ ରଖିଥିଲେ । ତାଙ୍କ ବାପା ଅବୁ ଖାର୍‌ଜା ଉମ୍‌ରୋ ବିନ୍ କଏସ୍ ମଧ୍ୟ ସାହାବୀ ଥିଲେ । (ସାହାବା କରାମ୍ କା ଇନ୍‌ସାଇକ୍ଲୋପେଡିଆ, ଲେଖକ ଡାକ୍ତର୍ ଜୁଲ୍‌ଫିକାରଙ୍କ ଜମ୍, ପୃଷ୍ଠା-୫୦୮, ଅବୁ ସଲିତ୍, ଉସୈରା ବିନ୍ ଉମ୍‌ରୋ, ବଇତୁଲ୍ ଉଲୁମ୍ ଲାହୋର୍)

ସେ ବଦର୍ ଯୁଦ୍ଧରେ ସାମିଲ୍ ହୋଇଥିଲେ । ତାଙ୍କ ପୁତ୍ର ଅବ୍‌ଦୁଲ୍ଲାଃ ତାଙ୍କଠାରୁ ରିଓ୍ୱାୟତ୍

କରୁଛନ୍ତି କି ନବୀ କରିମ୍ ସ:ଆ:ସ ଗଧ ମାଂସ ଖାଇବା ପାଇଁ ମନା କରିଥିଲେ ଓ ସେ ସମୟରେ ହାଣ୍ଡି ଚୁଲିରେ ଚଢ଼ିଯାଇଥିଲା । ଯେଉଁଥିରେ ଗଧ ମାଂସ ପ୍ରସ୍ତୁତ ହେଉଥିଲା । ସେତେବେଳେ ଆମେ ଉକ୍ତ ହାଣ୍ଡିଟିକୁ ଓଲଟାଇଦେଲୁ । (ଅସଦୁଲ୍ ଗାବା, ଫି ମାରେଫତୁ ସାହାବା, ଖଣ୍ଡ-୫, ପୃଷ୍ଠା-୧୫୬, ''ଅବୁ ସଲିତ୍ ଅଲ୍ ଅନ୍‌ସାରି'', ମୁଦ୍ରଣ ଦାରୁଲ୍ ଫିକର୍, ବେରୁତ୍ ୨୦୦୩)

ହଜ୍‌ରତ୍ ସାଲ୍‌ବା ବିନ୍ ହାତିବ୍ ଅନ୍‌ସାରୀ ନାମକ ଜଣେ ସାହାବୀ ଥିଲେ । ତାଙ୍କର ସମ୍ବନ୍ଧ ବନୁ ଉମ୍‌ରୋ ବିନ୍ ଅଓଫ୍ ସହିତ ଥିଲା । ବଦର୍ ଓ ଓ୍ୱହଦ୍ ଯୁଦ୍ଧରେ ସେ ସାମିଲ୍ ହୋଇଥିଲେ । (ଅସ୍‌ହାବେ ବଦର୍, ଲେଖକ- କାଜି ମୁହମ୍ମଦ୍ ସୁଲେମାନ୍, ମନ୍‌ସୁର୍ ପୁରୀ, ପୃଷ୍ଠା-୧୩୬, ମକତବା ଇସ୍‌ଲାମିୟା ୨୦୧୫)

ଯେପରିକି ବତାଗଲା ଅଓସ୍ କବିଲାର ଶାଖା ବନୁ ଉମ୍‌ରୋ ବିନ୍ ଅଓଫ୍‌ଙ୍କ ସହିତ ତାଙ୍କର ସମ୍ବନ୍ଧ ଥିଲା । ବଦର୍ ଯୁଦ୍ଧ ଏବଂ ଅନ୍ୟାନ୍ୟ ଯୁଦ୍ଧ ଗୁଡିକରେ ଯୋଗ ଦେଇଥିବାର ରିଓ୍ୱାୟତ୍ ମିଳୁଛି । (ସାହାବା କରାମ୍ କା ଏନ୍‌ସାଇକ୍ଳୋପେଡିଆ । ଲେଖକ ଡକ୍ଟର୍ ଜୁଲ୍‌ଫୁକାର୍, ପୃଷ୍ଠା-୪୫୦, ସାଲବା ବିନ୍ ହାତିବ୍ ଅନ୍‌ସାରି ବଇତୁଲ୍ ଉଲୁମ୍, ଲାହୋର)

ହଜ୍‌ରତ୍ ଉମାମା ବାହାଲୀ ବର୍ଣ୍ଣନା କରୁଛନ୍ତି କି ସାଲ୍‌ବା ବିନ୍ ହାତିବ୍ ଅନ୍‌ସାରୀ ରସୁଲୁଲ୍ଲାଃ ସ:ଆ:ସଙ୍କ ନିକଟକୁ ଆସି ଏ ନିବେଦନ କଲେ କି ହେ ଅଲ୍ଲାଃଙ୍କ ରସୁଲ୍ ! ଅଲ୍ଲାଃଙ୍କ ନିକଟରେ ପ୍ରାର୍ଥନା କରନ୍ତୁ କି ସେ ମୋତେ ଧନ ପ୍ରଦାନ କରନ୍ତୁ । ଆପଣ ସ:ଆ:ସ ଏଥିରେ କହିଲେ କି ଦୁଃଖର କଥା ହେଉଛି ଏହା ଯେ ବହୁତ କମ୍ ଲୋକେ କୃତଜ୍ଞତା ଜ୍ଞାପନ କରିଥାନ୍ତି । ଏବଂ ଧନକୁ ସମ୍ଭାଳି ରଖିବାର ଶକ୍ତି ରଖନ୍ତୁ ନାହିଁ । ଦୁଆ କଲେନାହିଁ, କିଛି ସମୟ ପରେ ପୁଣି ସେ ଆସି କହିଲେ କି ଦୁଆ କରନ୍ତୁ ମୋତେ ଧନ ପ୍ରାପ୍ତ ହେଉ । ଏହା ଦେଖି ଆପଣ ସ:ଆ:ସ କହିଲେ ଯେ କଣ ତୁମପାଇଁ ମୋର ସୁନ୍ଦର ଆଦର୍ଶ ଯଥେଷ୍ଟ ନୁହେଁ । ସେଥିପାଇଁ ତୁମେ ଧନପ୍ରାପ୍ତ କରିବାର ଇଚ୍ଛା ପ୍ରକାଶ କରୁଅଛ ? ଆପଣ ସ:ଆ:ସ କହିଲେ କି ମୁଁ ତା ରାଣ ଖାଇ କହୁଛି ଯାହା ହାତରେ ମୋ ଜୀବନ ଅଛି କି ଯଦି ମୁଁ ପାହାଡକୁ କହିବି କି ସେ ମୋ ପାଇଁ ସୁନା ଏବଂ ରୂପାରେ ପରିବର୍ତନ ହୋଇଯାଉ ତେବେ ସେପରି ହୋଇଯିବେ । କିନ୍ତୁ ଆପଣ ସ:ଆ:ସ କହିଲେ ମୁଁ ଏପରି କରିବି ନାହିଁ । ଧନ ସହିତ ଅଧିକରା ମୋହ ରଖିବା ଉଚିତ୍ ନୁହେଁ । ପୁଣି ତୃତୀୟ ଥର ସେ ରସୁଲୁଲ୍ଲାଃ ସ:ଆ:ସଙ୍କ ନିକଟରେ ନିବେଦନ କଲେ କି ଅଲ୍ଲାତାଲା ଆପଣଙ୍କ ସତ୍ୟତାର ସହିତ ପ୍ରେରଣ କରିଛନ୍ତି, ତେଣୁ ପ୍ରାର୍ଥନା କରନ୍ତୁ ଯେ ମୋତେ ଧନ ପ୍ରାପ୍ତ ହେଉ । ଏଥିରେ ଆଁ ହଜ୍‌ରତ୍ ସ:ଆ:ସ ଦୁଆ କଲେ କି ସାଲବାକୁ ଧନ ପ୍ରାପ୍ତ ହେଉ । ରାଓ୍ୱି ବର୍ଣ୍ଣନା କରୁଛନ୍ତି ଯେ ତାଙ୍କ ନିକଟରେ ଅଳ୍ପ କିଛି ଛେଳି ଥିଲେ ଏହି ଦୁଆପରେ ସେ ସବୁରେ ଏତେ ମାତ୍ରାରେ ବର୍‌କତ୍ ହେଲା ଯଦ୍ୱାରା ସେ ଏପରି ବଢ଼ିବାକୁ ଲାଗିଲେ ଯେପରି ପୋକ ଜୋକ ବଢ଼ିଥାନ୍ତି ଓ ପୁଣି ସେମାନଙ୍କ ଦେଖାଶୁଣା କରିବା ପାଇଁ ଜୋହର୍ ଏବ ଅସର ନମାଜ ମସ୍‌ଜିଦ୍‌ରେ ଆସି ପଢ଼ିବା ଛାଡିଦେଲେ ଓ ସେଠାରେ ହିଁ ପଢ଼ିଲେ । ଏବଂ ଯେତେବେଳେ ଆହୁରି ଅଧିକା ବଢ଼ିଗଲେ ସେ ଜୁମା ପଢ଼ିବା ପାଇଁ ମଧ୍ୟ ଆସିଲେ ନାହିଁ । ଜୁମା ଦିନ ଆଁ ହଜ୍‌ରତ୍ ସ:ଆ:ସ ଲୋକମାନଙ୍କର ହାଲ୍‌ଚାଲ ପଚାରି ବୁଝନ୍ତି । ଥରେ ଆଁ ହଜ୍‌ରତ୍ ସ:ଆ:ସ ସାଲବାଙ୍କ ସମ୍ବନ୍ଧରେ ଲୋକମାନଙ୍କୁ ପଚାରିବାରୁ ସେମାନେ କହିଲେ କି ତା ନିକଟରେ ଏତେ ମାତ୍ରାରେ ଛେଳିପଟ ବଢ଼ିଯାଇଛନ୍ତି ଯେ ଏ ପୁରା ଉପତ୍ୟକାଟି ଭରିଯିବ । ତେଣୁ ସେ ସମସ୍ତଙ୍କୁ ସମ୍ଭାଳିବା ପାଇଁ ତାଙ୍କୁ ସମୟ ଲାଗୁଛି । ତେଣୁ ସେ ଜୁମା ପଢ଼ିବାକୁ ଆସୁନାହାଁନ୍ତି । ଏଥିରେ ଆଁ ହଜ୍‌ରତ୍ ସ:ଆ:ସ ଦୁଃଖ ପ୍ରକାଶ କଲେ । ପୁଣି ଯେତେବେଳେ ଜକାତ୍‌ର ଆୟତ୍ ଅବତୀର୍ଣ୍ଣ ହେଲା ଆପଣ ସ:ଆ:ସ ଜକାତ୍ ନେବାପାଇଁ ତା ନିକଟକୁ ଦୁଇଜଣ ଲୋକ ପଠାଇଲେ । ଏମାନେ ଯେତେବେଳେ ସାଲବାଙ୍କ ନିକଟରେ ପହଂଚିଲେ ସେ ଏପରି କିଛି ବାହାନା କରି ଜକାତ୍ ଦେଲାନାହିଁ । ଓ କହିଲେ କି ତୁମେ ବର୍ତମାନ ଅନ୍ୟଯାଗାରୁ ଜକାତ୍ ନିଅ ଓ ସେଠାରୁ ଆସିବା ବେଳେ ଚିନ୍ତା କରିବା । ଏଥିରେ ସୋମନେ ଯେଉଁଠାକୁ ଗଲେ ସେଠାରେ ଜଣେ ବ୍ୟକ୍ତି ତାକୁ ସୁନ୍ଦର ଓଟ ଜକାତ୍ ଦେଲେ । ସେମାନେ କହିଲେ କି ଆମେ ଭଲ ତ ମାଗିନଥିଲୁ । ଏଥିରେ ସେ କହିଲେ ଆମେ ଖୁସିରେ ଦେଉଅଛୁ । ସେ ଯାହାହେଉ ଏହା ଗୋଟିଏ ବଡ ଲମ୍ବା କାହାଣୀ । ସେ ଜକାତ୍ ଦେଲେ ନାହିଁ ଓ ଜକାତ୍ ନେବାପାଇଁ ଯେଉଁମାନେ ଯାଇଥିଲେ ସେମାନେ ଫେରିଆସି ଆଁ ହଜ୍‌ରତ୍ ସ:ଆ:ସଙ୍କୁ ରିପୋର୍ଟ୍ କଲେ । ଆଁ ହଜ୍‌ରତ୍ ସ:ଆ:ସଙ୍କ ଉପରେ ସେ ସମୟରେ ଏହି ଆୟତ ଅବତୀର୍ଣ୍ଣ ହେଲା । *ଓ୍ୱ ମିନ୍‌ହୁମ୍ ମନ୍ ଆହଦା.....ମିନ୍ ଫଜ୍‌ଲେହି* ଓ ପୁଣି ଏହି ଆୟତଟି *ଓ୍ୱବିମାକାନୁ ୟୁକଜ୍ ଜିବୁନ୍* (ତୌବା:୭୫-୭୭) । ରସୁଲୁଲ୍ଲାଃ ସ:ଆ:ସଙ୍କ ନିକଟରେ ସେ ସମୟରେ ସାଲ୍‌ବାଙ୍କର ଜଣେ ସମ୍ପର୍କୀୟ ବସିଥିଲେ । ଏକଥା ଶୁଣି ସେ ସାଲବା ନିକଟକ ଗଲେ ଏବଂ କହିଲେ କି ହେ ସାଲବା ! ତୁମ ଉପରେ ଦୁଃଖ ଲାଗୁଛି । ଅଲ୍ଲାଃତାଲା ତୁମ ସମ୍ବନ୍ଧରେ ଅଲଗା ଅଲଗା ଆୟତ ଅବତୀର୍ଣ୍ଣ କରିଛନ୍ତି । ଏଥିରେ ସାଲବା ରସୁଲୁଲ୍ଲାଃ ସ:ଆ:ସଙ୍କୁ ଯାଇ ନିବେଦନ କଲେ କି ମୋଠାରୁ ଜକାତ୍ ଗ୍ରହଣ କରାଯାଉ । ଆପଣ ସ:ଆ:ସ କହିଲେ ଏବେ ତୁମଠାରୁ ଜକାତ ଉସୁଲ୍ କରିବା ପାଇଁ ଅଲ୍ଲାଃତାଲା ମୋତେ ମନା କରିଦେଇଛନ୍ତି । ସୁତରାଂ ସେ ଅସଫଳ ହୋଇ ଫେରିଗଲା । ପୁଣି ହଜ୍‌ରତ୍ ଅବୁବକର୍ ର:ଅଙ୍କ ସମୟରେ ସେ ଜକାତ୍ ନେଇ ଆସିଲା । ହଜ୍‌ରତ୍ ଅବୁ ବକର୍ ମଧ୍ୟ ଗ୍ରହଣ କଲେନାହିଁ । ହଜ୍‌ରତ୍ ଉମର୍ ର:ଅଙ୍କ ସମୟରେ ସେ ଜକାତ୍ ଦେବାପାଇଁ ଆସିଲେ । ଏଥିରେ ହଜ୍‌ରତ୍ ଉମର୍ ମଧ୍ୟ ସେ ସବୁକୁ ଗ୍ରହଣ କଲେନାହିଁ କି ଯେଉଁ କଥାକୁ ଆଁ ହଜ୍‌ରତ୍ ସ:ଆ:ସ ଗ୍ରହଣ କରିନଥାନ୍ତି ମୁଁ କିପରି ଗ୍ରହଣ କରିପାରିବି । ପୁଣି ହଜ୍‌ରତ୍ ଉସ୍‌ମାନ୍ ର:ଅ ଯେତେବେଳେ ଖଲିଫା ହେଲେ ସେ ସେତେବେଳେ ଆସି ଜକାତ୍ ଦେବାକୁ ଚାହିଁଲେ କିନ୍ତୁ ସେ ଗ୍ରହଣ କଲେନାହିଁ । ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ଖିଲାଫତ୍ ସମୟରେ ହିଁ ତାଙ୍କର ଦେହାନ୍ତ ହେଲା । (ଅସଦୁଲ୍ ଗାବା, ଫି ମାରେଫତୁ ସାହାବା, ଖଣ୍ଡ-୩, ପୃଷ୍ଠା-୩୧୭-୩୧୮, ''ଅବ୍‌ଦେ ରବ୍‌ବୁ ବିନ୍ ହକ୍'', ମୁଦ୍ରଣ ଦାରୁଲ୍ ଫିକର୍, ବେରୁତ୍ ୨୦୦୩)

ବର୍ତମାନ ଏ ଯେଉଁ ଘଟଣାଟି ଅଛି ତାହା ଗୋଟିଏ ପଟେ ବଦ୍‌ରି ସାହାବାଙ୍କ ସମ୍ବନ୍ଧରେ ଅଛି କି ସେମାନେ ସ୍ୱର୍ଗକୁ ଯିବେ ବୋଲି ଓ ଅନ୍ୟପଟେ ଜକାତ ଗ୍ରହଣ କନ କରିବା ସମ୍ବନ୍ଧରେ ମଧ୍ୟ ଗୋଟିଏ ଲମ୍ବା ରିଓ୍ୱାୟତ୍ ରହିଛି । ମୋ ମନରେ ମଧ୍ୟ ଏ ଧାରଣା ସୃଷ୍ଟି ହୋଇଥିଲା ଏବଂ ଏହାକୁ ପଢ଼ିବା ଓ ଶୁଣିବା ପରେ ଆପଣମାନଙ୍କ ମନରେ ଏ ଧାରଣା ସୃଷ୍ଟି ହେବ କି ଏହା କିପରି ହୋଇପାରେ ? ଏପରି ଲାଗୁଛି ଯେମିତି ଉକ୍ତ ରିଓ୍ୱାୟତ୍‌ଟି ଭୁଲ୍ ଅଟେ । ତାହା ଅନ୍ୟ କୌଣସି ବ୍ୟକ୍ତିଙ୍କ ସମ୍ବନ୍ଧରେ ଥିବ । ସୁତରାଂ ଅଲାମାବିନ୍ ହଜର୍ ଅସ୍‌କଲନି ଏ ଘଟଣା ବିଷୟରେ ଚର୍ଚ୍ଚା କରିଛନ୍ତି । ସେ ମଧ୍ୟ ନିଜର ମତ ପ୍ରକାଶ କରି ଲେଖିଛନ୍ତି କି ଯଦି ଏହା ସଠିକ୍ ପ୍ରମାଣିତ ହେବ କି କୌଣସି ଜଣେ ସାହାବୀଙ୍କ ଠାରୁ ଜକାତ୍ ନେବା ଏବଂ ନନେବାର ଏ ଘଟଣା ଏହିପରି ଥିଲା ବୋଲି ତେବେ ପୁଣି ଘଟଣାରେ ବର୍ଣ୍ଣିତ ଥିବା ଉକ୍ତ ବ୍ୟକ୍ତିଙ୍କ ସମ୍ବନ୍ଧରେ ମୋ ମତରେ ତାକୁ ହଜ୍‌ରତ୍ ସାଲବାଙ୍କ ପ୍ରତି ଇଂଗିତ କରିବା ଠିକ୍ ହେବନାହିଁ । କାରଣ ସେ ବଦ୍‌ରି ସାହାବା ଥିଲେ ଏବଂ ବଦ୍‌ରି ସାହାବାଙ୍କ ସମ୍ବନ୍ଧରେ ଅଲ୍ଲାଃତାଲା ସମ୍ପୂର୍ଣ୍ଣ ରୂପେ ଅନୁଗ୍ରହ ପ୍ରଦାନ କରିବା ପାଇଁ ଘୋଷଣା କରିଛନ୍ତି । ତେଣୁ ସେମାନଙ୍କ ନିକଟରେ ମୁନାଫିକତ୍ ଏବଂ କୌଣସି ପ୍ରକାରର ଦୋଷ ଦୁର୍ବଳତା ଦୃଷ୍ଟିଗୋଚର ହେବାର ନଥିଲା । ଅଲାମା ଇବ୍‌ନେ ହଜର୍ ଅସ୍‌କଲାନି ଏକଥା ଲେଖୁଛନ୍ତି କି ଇବ୍‌ନେ କଲ୍‌ବିଙ୍କ କଥନରୁ ଏ ବିଷୟ ନିଶ୍ଚିତ ହୋଇଯାଉଛି କି ବଦ୍‌ରି ସାହାବୀ ଓ୍ୱହଦ୍ ଯୁଦ୍ଧରେ ଶହୀଦ୍ ହୋଇଛନ୍ତି ଯାହାର ସମର୍ଥନ ଏଥିରେ ମଧ୍ୟ ହେଉଅଛି କି ଇବ୍‌ନେ ମର୍‌ଦୁଓ୍ୱିୟା ନିଜ ତଫଶିର୍‌ରେ ଏକଥା ଲେଖିଛନ୍ତି ଯାହା ସେ କହୁଛନ୍ତି କି ଜଣେ ବ୍ୟକ୍ତି ଥିଲା ଯାହାଙ୍କୁ ସାଲବା ବିନ୍ ଅବି ହାତିବ୍ କୁହାଯାଉଥିଲା । ସେ ଅନ୍‌ସାରୀ ଥିଲା । ସେ ତାଙ୍କର ଗୋଟିଏ ମଜ୍‌ଲିସ୍‌ରେ ଆସି କହିବାକୁ ଲାଗିଲା ଯେ ଯଦି ଅଲ୍ଲାଃତାଲା ଆମକୁ ତା କରୁଣା ବଳରୁ କିଛି ପ୍ରଦାନ କରିବେ ପୁଣି ଏହି ସମସ୍ତ ଲମ୍ବା ଘଟଣାବଳୀ ବର୍ଣ୍ଣନା କରାଯାଇଛି । ସେ ସାଲବା ବିନ୍ ଅବି ହାତିବ୍ ଅଟନ୍ତି । ଏବଂ ବଦ୍‌ରି ସାହାବାଙ୍କ ସମ୍ବନ୍ଧରେ ସମସ୍ତଙ୍କର ଏକଥାରେ ସହମତି ଯେ ସେ ହେଉଛନ୍ତି ସାଲବା ବିନ୍ ହାତିବ୍ । ଏବଂ ଏହି ରିଓ୍ୱାୟତ୍ ପ୍ରମାଣ ହୋଇଗଲା ଯେ ଆପଣ ସ:ଆ:ସ କହିଥିଲେ କି ଯେଉଁ ଲୋକମାନେ ବଦର୍ ଏବଂ ହୃଦବିୟାରେ ଯୋଗ ଦେଇଥିଲେ ସେମାନଙ୍କୁ ମଧ୍ୟରୁ ଜଣେ ମୁସଲ୍‌ମାନ୍ ମଧ୍ୟ ନର୍କକୁ ଯିବେ ନାହିଁ । ତତ୍ ସହିତ ଏହା ହେଉଛି ଗୋଟିଏ ହଦିସ୍ କୁଦୁସି (ଅଲ୍ଲାଃତାଲାଙ୍କ ଠାରୁ ନିର୍ଦ୍ଦେଶ ମିଳିଥିବା କଥା) ଅଟେ କି ଅଲ୍ଲାଃତାଲା ବଦର୍‌ରେ ସାମିଲ୍ ହୋଇଥିବା ଲୋକମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ତୁମେ ଯାହାଇଚ୍ଛା ତାହା କର ମୁଁ ତୁମକୁ କ୍ଷମା ଦେଇଦେଲି । ତେବେ ସେମାନେ ଲେଖୁଛନ୍ତି କି ଯାହାର ଏ ପଦମର୍ଯ୍ୟାଦା ଥିବ ତାକୁ ଅଲ୍ଲାଃତାଲା ତାଙ୍କ ମନ ଭିତରେ ନଫାକ୍‌ର ପ୍ରତିବଦଳ କିପରି ଦେବ ? ମନ ଭିତରେ ଯଦି ନଫାକ୍ ଥିବ ତେବେ ଏପରି ହୋଇପାରେନା କି ସ୍ୱର୍ଗ ଯିବାପାଇଁ ତାକୁ ଉପହାର ମିଳିବ । ପୁଣି ଲେଖୁଛନ୍ତି କି ଯାହା ମନ ଭିତରେ ନଫାକ୍ ଅଛି ତା ସମ୍ବନ୍ଧରେ କିପରି ଆୟତ ଅବତୀର୍ଣ୍ଣ ହୋଇପାରେ ତେଣୁ ଏଥିରୁ ପ୍ରମାଣିତ ହେଲା ଯେ ଯେଉଁ ବ୍ୟକ୍ତିଙ୍କ ସମ୍ବନ୍ଧରେ କୁହାଯାଇଛି ସେ ବ୍ୟକ୍ତି ହେଉଛନ୍ତି ଅଲଗା । (ଅଲ୍ ଅସାବା ଫିତମିଜିସ୍ ସାହାବା, ଖଣ୍ଡ-୧, ପୃଷ୍ଠା-୫୧୬-୫୧୭, ସାଲ୍‌ବା ବିନ୍ ହାତିବ, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା, ବେରୁତ ୨୦୦୫)

ଅର୍ଥାତ୍ ସେ ବ୍ୟକ୍ତି ହଜ୍‌ରତ୍ ସାଲ୍‌ବା ନଥିଲେ ଆଉ ଅନ୍ୟ କେହିଜଣେ ଥିଲେ । ସେ ପ୍ରଥମେ ଶହୀଦ୍ ହୋଇଯାଇଥିଲେ । ଏବେ ନାମରେ ସମାନତା ରହିଛି । ତେଣୁ ଏପରି ଭୁଲ୍ ବୁଝାମଣା ହୋଇଗଲା । ସେଇଥିପାଇଁ ସାଲବା ବିନ୍ ହାତିବ୍ ଏବଂ ସାଲବା ବିନ୍ ଅବି ହାତିବ୍ ଦୁଇଜଣ ହେଉଛନ୍ତି ଅଲଗା ଅଲଗା ଲୋକ । ସୁତରାଂ ଏପରି ଭୁଲ୍ ବୁଝାମଣା କୌଣସି ବଦ୍‌ରି ସାହାବୀଙ୍କ ସମ୍ବନ୍ଧରେ କଦାପି ହୋଇପାରିବ ନାହିଁ ଯେ ସେମାନେ ଏପରି କୌଣସି ଆଚରଣ କରିଥିବେ । ଅଲ୍ଲାଃତାଲା ଅଲ୍ଲାମା ଇବ୍‌ନେ ହଜର୍ ଅସ୍‌କଲାନିଙ୍କୁ ପୁଣ୍ୟ ପ୍ରତିଫଳ ପ୍ରଦାନ କରନ୍ତୁ ଯେ ସେ ମଧ୍ୟ ଏହି ସମସ୍ୟାକୁ ବହୁତ ସ୍ୱଷ୍ଟ ରୂପେ ବର୍ଣ୍ଣନା କରିଦେଇଛନ୍ତି ଓ ସେହି ବଦ୍‌ରି ସାହାବୀଙ୍କ ଉପରେ ଯେଉଁ ଆରୋପ ଲାଗିଥିଲା ତାଙ୍କୁ ଉକ୍ତ ଐତିହାସିକ ରିଓ୍ୱାୟତ୍ ଦ୍ୱାରା ହିଁ ନିର୍ଦ୍ଦୋଶ ପ୍ରମାଣିତ କରିଛନ୍ତି ।

ପୁଣି ଆଉଜଣେ ସାହାବୀ ହେଉଛନ୍ତି ହଜ୍‌ରତ୍ ସାଆଦ୍ ବିନ୍ ଉସ୍‌ମାନ୍ ବିନ୍ ଖୁଲ୍‌ଦା ଅନ୍‌ସାରୀ । କେତେକଙ୍କ ନିକଟରେ ତାଙ୍କର ନାମ ସଇଦ୍ ବିନ୍ ଉସ୍‌ମାନ୍ ବର୍ଣ୍ଣିତ ଅଛି । ସେ ବଦର୍ ଯୁଦ୍ଧରେ ସାମିଲ୍ ହୋଇଥିଲେ ସେ ସେହି ବ୍ୟକ୍ତିମାନଙ୍କ ମଧ୍ୟରୁ ଜଣେ ଯେଉଁମାନଙ୍କର ପାଦ ଓ୍ୱହଦ୍ ଯୁଦ୍ଧରେ ଟଳମଳ ହୋଇଯାଇଥିଲା ଏବଂ ପୁଣି ଅଲ୍ଲାଃତାଲା ସେ ସମସ୍ତଙ୍କୁ କ୍ଷମା ଦେବା ବିଷୟ ପବିତ୍ର କୋରାନ୍‌ରେ ଅବତୀର୍ଣ୍ଣ କଲେ । ସେ ହଜ୍‌ରତ୍ ଅକ୍‌ବାଙ୍କ ଭାଇ ଥିଲେ । ଥରେ ନବୀ କରିମ୍ ସ:ଆ:ସ ହର୍‌ରା ନାମକ ସ୍ଥାନରେ ବିରେ ଇହାବ୍‌ଠାରେ ପହଂଚିଲେ ଯାହା ସେତେବେଳେ ଆପଣଙ୍କର ଅର୍ଥାତ୍ ସେହି ସାହାବୀଙ୍କର ସମ୍ପତି ଥିଲା । ଯେଉଁଠି ସେ ନିଜର ପୁତ୍ର ଅବାଦାଃଙ୍କୁ ଛାଡିଯାଇଥିଲେ । ଯଦ୍ୱାରା ସେ ଲୋକମାନଙ୍କୁ ପାଣି ପିଆଇବ । ହଜ୍‌ରତ୍ ଅବାଦା ନବୀ କରିମ୍ ସ:ଆ:ସଙ୍କ ଚିହ୍ନି ପାରିଲେ ନାହିଁ । ସେ ତାଙ୍କର ସାନ ପୁଅ ଥିଲେ । ପରେ

ଯେତେବେଳେ ହଜରତ୍ ସାଆଦ୍ ସେଠାକୁ ଆସିଲେ ଓ ଅବାଦା ତାଙ୍କୁ ଆସିଥିବା ବ୍ୟକ୍ତିଙ୍କ ରୂପ ସମ୍ବନ୍ଧରେ ବର୍ଣ୍ଣନା କଲେ । ଏଥିରେ ହଜରତ୍ ସାଆଦ୍ କହିଲେ କି ସେ ତ ରସୁଲୁଲ୍ଲାଃ ସ:ଆ:ସ ଥିଲେ ଯାହାକୁ ତୁମେ ଚିହ୍ନିପାରିଲ ନାହିଁ । ଯାଓ ଓ ତାଙ୍କ ସହିତ ଯାଇ ମିଶ । ତତ୍‌କ୍ଷଣାତ୍ ତାଙ୍କ ପଛରେ ପଛରେ ଦଉଡଯାଅ । ସୁତରାଂ ସେ ଆଁ ହଜରତ୍ ସ:ଆ:ସଙ୍କ ନିକଟରେ ପହଂଚିଗଲେ ଏବଂ ଆଁ ହଜରତ୍ ସ:ଆ:ସ ତାଙ୍କ ମୁଣ୍ଡ ଉପରେ ହାତ ବୁଲାଇ ଆଣି ଆଶିର୍ବାଦ ଦେଲେ । ହଜରତ୍ ସାଆଦ୍ ବିନ୍ ଉସ୍‌ମାନ ଯେତେବେଳେ ମୃତ୍ୟୁବରଣ କଲେ ସେତେବେଳେ ତାଙ୍କୁ ଅଶୀବର୍ଷ ହୋଇଥିଲା । (ଅସହାବେ ବଦର, ଲେଖକ- କାଜି ମୁହମ୍ମଦ୍ ସୁଲେମାନ୍ ମନ୍‌ସୁର୍ ପୁରୀ, ପୃଷ୍ଠା-୧୪୮ ସାଆଦ୍ ବିନ୍ ଉସ୍‌ମାନ୍, ମକ୍‌ତବା ଇସ୍‌ଲାମିୟା ୨୦୧୫) (ଅସଦୁଲ୍ ଗାବା, ଖଣ୍ଡ-୨, ପୃଷ୍ଠା-୨୬୩, ''ସଇଦ୍ ବିନ୍ ଉସ୍‌ମାନ୍'', ମୁଦ୍ରଣ ଦାରୁଲ୍ ଫିକର, ବେରୁତ୍ ୨୦୦୩) (ଅଲ୍ ଅସାବା ଫିତମିଜିସ୍ ସାହାବା, ଖଣ୍ଡ-୩, ପୃଷ୍ଠା-୫୮, ସାଆଦ୍ ବିନ୍ ଉସ୍‌ମାନ୍ ବିନ୍ ଖୁଲ୍‌ଦା, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା, ବେରୁତ ୨୦୦୫)

ପୁଣି ଆଉଜଣେ ସାହାବୀ ହେଉଛନ୍ତି ହଜରତ୍ ଆମିର୍ ବିନ୍ ଉମେୟା । ସେ ହଜରତ୍ ହୁସାମ୍ ବିନ୍ ଆମିରଙ୍କ ବାପା ଥିଲେ । ବଦର ଯୁଦ୍ଧରେ ସାମିଲ୍ ହୋଇଥିଲେ ଓ ଓହଦ୍ ଯୁଦ୍ଧରେ ସାମିଲ୍ ହୋଇ ଶହୀଦ୍ ହୋଇଥିଲେ । ସେ କବିଲା ବନୁ ଅଦି ବିନ୍ ନଜାରର ଥିଲେ । (ତବକାତୁଲ୍ କୁବ୍‌ରା ଲେ ଇବ୍‌ନେ ସାଆଦ୍, ଖଣ୍ଡ-୩, ପୃଷ୍ଠା-୩୮୯, ଆମିର୍ ବିନ୍ ଉମୈୟା, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୧୯୯୦)

ହଜରତ୍ ହୁଶାମ୍ ବିନ୍ ଆମିରଙ୍କ ଠାରୁ ବର୍ଣ୍ଣିତ ଅଛି କି ଆଁ ହଜରତ୍ ସ:ଆ:ସଙ୍କ ନିକଟରେ ଓହଦ୍ ଯୁଦ୍ଧରେ ଶହୀଦ୍ ହୋଇଥିବା ସାହାବା ମାନଙ୍କୁ ଦଫନେଇବା (କବର ଦେବା) ସମ୍ବନ୍ଧରେ ପ୍ରଶ୍ନ ପଚରାଗଲା । ଏଥିରେ ଆପଣ ସ:ଆ:ସ କହିଲେ କି ବଡ ବଡ କବର ଖୋଳ ଏବଂ ସେଥିରେ ଦୁଇଜଣ ବା ତିନିଜଣଙ୍କୁ ଏକାଠି କବର ଦିଅ । କହୁଛନ୍ତି କି ଯାହାଙ୍କୁ ପବିତ୍ର କୋରାନ୍ ଅଧିକ ଆସୁଥିବ ତାକୁ ପ୍ରଥମେ କବର ଭିତରେ ଦାଖଲ କର । ହଜରତ୍ ହୁଶାମ୍ ବିନ୍ ଆମିର୍ ବର୍ଣ୍ଣନା କରୁଛନ୍ତି କି ମୋ ବାପା ଆମିର୍ ବିନ୍ ଉମୈୟାଙ୍କୁ ଦୁଇଜଣଙ୍କ ପୂର୍ବରୁ କବର ଭିତରକୁ ନିଆଗଲା । (ସୁନତେ ତିରିମିଜି, ଅବୁଆବ ଫଜାଏଲୁଲ୍ ଜିହାଦ୍, ମାଯାଆ ଫି ଦଫନିସ୍ ଶୋହ୍‌ଦା, ହଦିସ୍ ନଂ-୧୭୧୩)

ହଜରତ୍ ଆମିରଙ୍କ ପୁତ୍ର ହୁଶାମ୍ ବିନ୍ ଆମିର୍ ଏକଦା ହଜରତ୍ ଆଇଶା ର:ଅଙ୍କ ନିକଟକୁ ଗଲେ । ସେ କହିଲେ କି ଆମୀର ବହୁତ ସୁନ୍ଦର ବ୍ୟକ୍ତିବିଶେଷ ଥିଲେ । କିନ୍ତୁ ତାଙ୍କର ଆଗକୁ ବଂଶ ଚାଲିଲା ନାହିଁ । (ଅସଦୁଲ୍ ଗାବା, ଖଣ୍ଡ-୩, ପୃଷ୍ଠା-୧୨, ''ଆମିର୍ ବିନ୍ ଉମୈୟା'', ମୁଦ୍ରଣ ଦାରୁଲ୍ ଫିକର, ବେରୁତ୍ ୨୦୦୩)

ହଜରତ୍ ଉମ୍‌ରୋ ବିନ୍ ଅବି ସରହ୍ ନାମକ ଜଣେ ସାହାବୀ ଥିଲେ । ୱାକଦି ତାଙ୍କ ନାମକୁ ମୁଆମ୍ମର୍ ବିନ୍ ଅବି ସରହ୍ ରୂପେ ବର୍ଣ୍ଣନା କରିଛନ୍ତି । ସେ କବିଲା ବନୁ ହାରିସ୍ ବିନ୍ ଫହରର ଥିଲେ । ତାଙ୍କର କୁନିୟତ୍ ଅବୁ ସଇଦ୍ ଥିଲା । ଉସ୍‌ମାନ୍ ର:ଅଙ୍କ ଖିଲାଫତ୍ ସମୟରେ ୩୦ ହିଜରି ରେ ତାଙ୍କର ଦେହାନ୍ତ ହେଲା । ତାଙ୍କ ଭାଇ ହଜରତ୍ ୱହବ୍ ବିନ୍ ଅବି ସରହ୍ ହବ୍‌ସା ଦେଶକୁ ହିଜରତ୍ କରିଥିଲେ । ସେ ଦୁଇଭାଇ ବଦର୍ ଯୁଦ୍ଧରେ ସାମିଲ୍ ହୋଇଥିଲେ । ଓହଦ୍ ଏବଂ ଖନ୍ଦକ ଯୁଦ୍ଧରେ ସେହିପରି ଆଁ ହଜରତ୍ ସ:ଆ:ସଙ୍କ ସହିତ ଅନ୍ୟାନ୍ୟ ଯୁଦ୍ଧରେ ମଧ ସାମିଲ୍ ହୋଇଥିଲେ । ତାଙ୍କର ବଂଶ ଆଗକୁ ବଢ଼ିପାରିଲା ନାହିଁ । (ଅସଦୁଲ୍ ଗାବା, ଖଣ୍ଡ-୩, ପୃଷ୍ଠା-୭୨୪-୭୨୫, ''ଉମ୍‌ରୋ ବିନ୍ ଅବି ସରହ୍'', ମୁଦ୍ରଣ ଦାରୁଲ୍ ଫିକର, ବେରୁତ୍ ୨୦୦୩)

ମକ୍କାରୁ ସେ ମଦିନା ହିଜରତ୍ କରି ହଜରତ୍ କୁଲ୍‌ସୁମ୍ ବିନ୍ ହଦମ୍‌ଙ୍କ ଘରେ ଆସି ରହିଲେ । (ତବକାତୁଲ୍ କୁବ୍‌ରା ଲେ ଇବ୍‌ନେ ସାଆଦ୍, ଖଣ୍ଡ-୩, ପୃଷ୍ଠା-୩୧୮, ମୁଅମ୍ମର୍ ବିନ୍ ଅବି ସରହ୍, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୧୯୯୦) ।

ପୁଣି ହଜରତ୍ ଅସ୍‌ମା ବିନ୍ ହସିନ ନାମକ ଜଣେ ସାହାବୀ ଥିଲେ । ସେ କବିଲା ବନୁ ଅଓଫ ବିନ୍ ଖଜ୍‌ରଜ୍‌ର ଥିଲେ । ତାଙ୍କ ଭାଇ ହବିଲ୍ ବିନ୍ ୱବ୍‌ରାଃ ନିଜ ଦାଦା (ଜେଜେବାପା) ଔବ୍‌ରାଙ୍କ ପ୍ରତି ସମ୍ବନ୍ଧିତ । ସେ ଏବଂ ତାଙ୍କର ଭାଇ ବଦର୍ ଯୁଦ୍ଧରେ ସାମିଲ୍ ହୋଇଥିଲେ । କିଛି ଲୋକେ ତାଙ୍କ ବଦର୍ ଯୁଦ୍ଧରେ ସାମିଲ୍ ହେବା ସମ୍ବନ୍ଧରେ ମତଭେଦ ରଖିଛନ୍ତି । (ଅସହାବେ ବଦର, କାଜି ମୁହମ୍ମଦ୍ ସୁଲେମାନ୍ ମନ୍‌ସୁର୍ ପୁରୀ, ପୃଷ୍ଠା-୧୭୭....୨୦୧୫) କିନ୍ତୁ ସେ ଯାହା ହେଉ କିଛି ଲୋକେ ଲେଖିଛନ୍ତି କି ସେ ବଦର୍ ଯୁଦ୍ଧରେ ସାମିଲ୍ ହୋଇଥିଲେ ।

ହଜରତ୍ ଖଲିଫା ବିନ୍ ଅଦି ତାଙ୍କର ଏହି ନାମ ସମ୍ବନ୍ଧରେ ମଧ ମତଭେଦ ରହିଛି । ତାଙ୍କ ନାମକୁ କିଛି ଲୋକେ ଖଲିଫା ବିନ୍ ଅଦି ବୋଲି ଲେଖିଛନ୍ତି ଓ ଆଉ କିଛି ଲୋକେ ଉଲେଫା ବିନ୍ ଅଦି ବୋଲି ଲେଖିଛନ୍ତି । ସେ ବଦର୍ ଓ ଓହଦ୍ ଯୁଦ୍ଧରେ ସାମିଲ୍ ହୋଇଥିଲେ । ଉଲେଫା ବିନ୍ ଅଦି ବିନ୍ ଉମ୍‌ରୋ ବିନ୍ ମାଲିକ୍ ବିନ୍ ଅଲୀ ବିନ୍ ବିୟାଜା ବଦରର ସାହାବୀ ମାନଙ୍କ ମଧ୍ୟରୁ ଥିଲେ । (ଅସଦୁଲ୍ ଗାବା, ଖଣ୍ଡ-୧, ପୃଷ୍ଠା-୭୧୦-୭୧୧, ''ଖଲିଫା ବିନ୍ ଅଦି'', ମୁଦ୍ରଣ ଦାରୁଲ୍ ଫିକର, ବେରୁତ୍ ୨୦୦୩) (ଅସହାବେ ବଦର, ଲେଖକ- କାଜି ମୁହମ୍ମଦ୍ ସୁଲେମାନ୍ ମନ୍‌ସୁର୍ ପୁରୀ, ପୃଷ୍ଠା-୧୭୯, ଉଲେଫା ବିନ୍ ଅଦି, ମକ୍‌ତବା ଇସ୍‌ଲାମିୟା ୨୦୧୫)

ବଦର୍ ଯୁଦ୍ଧ ପୂର୍ବରୁ ସେ ଇସ୍‌ଲାମ୍ ଗ୍ରହଣ କରିଥିଲେ ଓ ସର୍ବପ୍ରଥମେ ବଦର୍ ଯୁଦ୍ଧରେ ସାମିଲ୍ ହୋଇ ବଦରି ସାହାବା ହେବାର ସୌଭାଗ୍ୟ ପାଇଲେ । ଏହାପରେ ସେ ଓହଦ୍ ଯୁଦ୍ଧରେ ସାମିଲ୍ ହେଲେ । ଓହଦ୍ ଯୁଦ୍ଧ ପରେ ତାଙ୍କର ନାମ ପରଦା ଆଢୁଆଳରେ ଲୁଚିଗଲା । ପ୍ରକାଶ ହେଉନଥିଲା । ତାଙ୍କ ବିଷୟରେ ଆଉକିଛି ଅଧିକା ଜଣାନାହିଁ । ଏବଂ ହଜରତ୍ ଅଲୀ ର:ଅଙ୍କ ଖିଲାଫତ୍ ସମୟରେ ତାଙ୍କର ନାମ ସର୍ବସାଧାରଣକୁ ଆସିଲା । ବହୁତ ଦିନ ପର୍ଯ୍ୟନ୍ତ ତାଙ୍କ ସମ୍ବନ୍ଧରେ କୌଣସି ଖବର ନଥିଲା । ପୁଣି ଅଲୀ ର:ଅଙ୍କ ଖିଲାଫତ୍ ସମୟରେ ଘଟିଥିବା ସମସ୍ତ ଯୁଦ୍ଧରେ ସେ ହଜରତ୍ ଅଲୀଙ୍କ ସହିତ ଯୋଗ ଦେଇଥିଲେ । ତାଙ୍କ ଦେହାନ୍ତ ହେବାର ସମୟ ଓ ବର୍ଷ ସମ୍ବନ୍ଧରେ ସିରତ୍‌ର କୌଣସି ପୁସ୍ତକରେ କିଛି ମିଳୁନାହିଁ । (ହବିବେ କିବ୍‌ରିଆ କେ ତିନ୍ ସଓ ଅସ୍‌ହାବ୍, ଲେଖକ ତାଲିବୁଲ୍ ହାସ୍‌ମି, ପୃଷ୍ଠା-୨୨୧, ଖଲିଫା ବିନ୍ ଅଦି, ଅଲ୍‌କମର୍ ଏଂଟର୍ ପ୍ରାଇଜ୍ ଲାହୋର୍ ୧୯୯୯)

ହଜରତ୍ ମାଆଜ୍ ବିନ୍ ମାଆସ୍ ବିରେ ମାଉନାରେ ଘଟିଥିବା ଦୁର୍ଘଟଣାରେ ଶହୀଦ୍ ହୋଇଛନ୍ତି । ତାଙ୍କ ବାବାଙ୍କ ନାମ ମାଆସ୍ ମଧ ବର୍ଣ୍ଣନା ହୋଛି । ତାଙ୍କର ସମ୍ବନ୍ଧ ଖଜରଜର୍ କବିଲା ଜର୍‌କି ସହିତ ଥିଲା । କିଛି ରିୱାୟତ୍ ମୁତାବକ ସେ ବଦର୍ ଓ ଓହଦ୍ ଯୁଦ୍ଧରେ ମଧ ସାମିଲ୍ ହୋଇଥିଲେ । ଓ ବିରେ ମାୱିନ ଶହୀଦ୍ ହେଲେ । ଆଉ ଗୋଟିଏ ରିୱାୟତ୍ ମୁତାବକ ସେ ବଦର୍ ଯୁଦ୍ଧରେ କ୍ଷତାକ୍ତ ହୋଇଯାଇଥିଲେ । ସେହି କ୍ଷତାକ୍ତ ଯୋଗୁ ସେ ପ୍ରାଣତ୍ୟାକ କରିଦ୍ଦଲେ । (ଅସଦୁଲ୍ ଗାବା, ଖଣ୍ଡ-୫, ପୃଷ୍ଠା-୧୯୬, ''ମାଆଜ ବିନ୍ ମାଆସି'', ମୁଦ୍ରଣ ଦାରୁଲ୍ ଫିକର, ବେରୁତ୍ ୨୦୦୩) ତାଙ୍କ ସହିତ ତାଙ୍କ ଭାଇ ଆଇଜବିନ୍ ମାଆସ୍ ମଧ ବଦର୍ ଯୁଦ୍ଧରେ ସାମିଲ୍ ହୋଇଥିଲେ । (ଅସଦୁଲ୍ ଗାବା, ଖଣ୍ଡ-୩, ପୃଷ୍ଠା-୧୪୭, ''ଆଇଜ ବିନ୍ ମାଆସ୍, ମୁଦ୍ରଣ ଦାରୁଲ୍ ଫିକର, ବେରୁତ୍ ୨୦୦୩)

ସୁଲାହ୍ ହୁଦବିୟା ପରେ ଯେବେ ଉୟୈନା ବିନ୍ ହସନ୍ ଗତାନ୍ କବିଲା ସହିତ ଜଙ୍ଗଲରେ ଚରୁଥିବା ଆଁ ହଜରତ୍ ସ:ଆ:ସ ଓଟ ମାନଙ୍କ ଉପରେ ଆକ୍ରମଣ କଲା ଏବଂ ସେମାନଙ୍କ ସୁରକ୍ଷାରେ ଥିବା ଜଗୁଆଳ ବ୍ୟକ୍ତିକୁ ହତ୍ୟା କରି ଓଟଗୁଡିକୁ ଘଉଡାଇ ନେଇଗଲା ଏବଂ ଶହୀଦ୍ ହୋଇଥିବା ବ୍ୟକ୍ତିଙ୍କ ସ୍ତ୍ରୀ କୁ ମଧ ଉଠାଇ ନେଇଗଲା । ଯେବେ ଆଁ ହଜରତ୍ ସ:ଆ:ସଙ୍କୁ ଏ ବିଷୟରେ ଏତେଲା ମିଳିଲା ସେତେବେଳେ ଆପଣ ସ:ଆ:ସ ଆଠଜଣ ଘୋଡା ଆରୋହୀଙ୍କୁ ଶତ୍ରୁମାନଙ୍କ ପିଛା କରିବା ପାଇଁ ପଠାଇଲେ । ସେହି ଆଠଜଣ ଘୋଡା ଆରୋହୀ ମାନଙ୍କ ମଧ୍ୟରେ ହଜରତ୍ ମୁଆଜ୍ ବିନ୍ ମାଆସ୍ ମଧ ସାମିଲ୍ ଥିଲେ ।

ଏ ଘଟଣାର ଆଉଗୋଟିଏ ରିୱାୟତ୍ ମଧ ଏପରି ରହିଛି କି ଉକ୍ତ ଆଠଜଣ ଆରୋହୀଙ୍କ ମଧ୍ୟରେ ହଜରତ୍ ଅବୁ ଅୟାଶ ସାମିଲ୍ ଥିଲେ । ତାଙ୍କୁ ପଠାଇବା ପୂର୍ବରୁ ଆଁ ହଜରତ୍ ସ:ଆ:ସ ଅବୁ ଅୟାସ୍‌କୁ ନିର୍ଦ୍ଦେଶ ଦେଲେ କି ତୁମେ ତୁମର ଘୋଡାଟିକୁ ଆଉ କାହାକୁ ଦେଇଦିଅ ଯିଏ ତୁମଠାରୁ ଭଲ ଘୋଡା ଆରୋହୀ ଥିବ । ଅବୁ ଅୟାସ୍ କହିଲେ କି ହେ ରସୁଲୁଲ୍ଲାଃ ମୁଁ ଏମାନଙ୍କ ମଧ୍ୟରେ ସବୁଠାରୁ ଭଲ ଘୋଡାଚାଳକ । କହୁଛନ୍ତି କି ଏତିକି କହି ଏବେ ପଚାଶ ଗଜ ରାସ୍ତା ଯାଇଥିଲି କି ନାହିଁ, ଘୋଡା ମୋତେ ତଳେ ପକାଇଦେଲା । ଅବୁ ଅୟାସ୍ କହୁଛନ୍ତି କି ଏହାଦ୍ୱାରା ମୁଁ ବହୁତ ଚିନ୍ତିତ ହେଲି । କାରଣ ରସୁଲୁଲ୍ଲାଃ ସ:ଆ:ସ ନିର୍ଦ୍ଦେଶ ଦେଇଥିଲେ କି ଯଦି ତୁମେ ନିଜ ଘୋଡାକୁ ଆଉ କାହାକୁ ଦେଇଦେବ ତାହାଲେ ଭଲ ହେବ ଯେବେ କି ମୁଁ ଏକଥା କହୁଥିଲି କି ମୁଁ ହେଉଛି ସବୁଠାରୁ ଭଲ ଘୋଡାଚାଳକ । ପୁଣି ବନୁ ଜୁରୈକ୍‌ର ଲୋକମାନଙ୍କର ଧାରଣା ଏହା କି ତା ପରେ ହଜରତ୍ ରସୁଲୁଲ୍ଲାଃ ସ:ଆ:ସ ହଜରତ୍ ଅୟାସ୍‌ଙ୍କ ଘୋଡା ଉପରେ ମାଆଜ୍ ବିନ୍ ମାଆସ୍ ବା ଆଏଜ୍ ବିନ୍ ମାଆସଙ୍କୁ ଆରୋହଣ କରାଇଦେଲେ । (ତାରିଖୁଲ୍ ତିବ୍‌ରି, ଖଣ୍ଡ-୩, ପୃଷ୍ଠା-୧୧୩, ୧୧୫...ବେରୁତ୍ ୨୦୦୨) (ସିରତ୍ ଇବ୍‌ନେ ହୁସାମ୍, ପୃଷ୍ଠା-୪୮୬..... ବେରୁତ୍ ୨୦୦୯)

ହଜରତ୍ ସାଆଦ୍ ବିନ୍ ଜଏଦ୍ ଅଲ୍ ଅଶ୍‌ହଲି ନାମକ ଜଣେ ସାହାବୀ ଥିଲେ । ତାଙ୍କର ସମ୍ବନ୍ଧ ଅନ୍‌ସାରର କବିଲା ବନୁ ଅବ୍‌ଦଲ୍ ଅଶହଲ୍ ସହିତ ଥିଲା । ସେ ବଦର୍ ଯୁଦ୍ଧରେ ସାମିଲ୍ ହୋଇଥିଲେ । କେତେକଙ୍କର ଏ ମତ ରହିଛି କି ସେ ବୟତେ ଉକ୍‌ବାରେ ମଧ ସାମିଲ୍ ହୋଇଛନ୍ତି । ବଦର୍, ଓହଦ୍ ଏବଂ ଖନ୍ଦକ ସମେତ ସମସ୍ତ ଯୁଦ୍ଧରେ ଯେଉଁଥିରେ ରସୁଲୁଲ୍ଲାଃ ସ:ଆ:ସ ସାମିଲ୍ ହୋଇଥିଲେ ସେ ମଧ ସାମିଲ୍ ହୋଇଛନ୍ତି । ନବୀ କରିମ୍ ସ:ଆ:ସ ତାଙ୍କ ଦ୍ୱାରା ବନୁ କୁରୈଜାର କଏଦୀମାନଙ୍କୁ ପଠାଇଥିଲେ । ସେ ସେହି କଏଦୀ ମାନଙ୍କ ପ୍ରତିବଦଳରେ ନଜଦ୍‌ଠାରେ ଘୋଡା ଏବଂ ଅସ୍ତ୍ର ଶସ୍ତ୍ର କିଣିଥିଲେ । (ଅସଦୁଲ୍ ଗାବା, ଖଣ୍ଡ-୨, ପୃଷ୍ଠା-୨୧୭-୨୧୮, ସାଆଦ୍ ବିନ୍ ଜଏଦ୍ ବିନ୍ ମାଲିକ୍....ବେରୁତ୍ ୨୦୦୩)

ରିୱାୟତ୍‌ରେ ଆସୁଛି କି ହଜରତ୍ ସାଆଦ୍ ବିନ୍ ଜଏଦ୍ ଗୋଟିଏ ନଜ୍‌ରାନି ତରବାରି ରସୁଲୁଲ୍ଲାଃ ସ:ଆ:ସଙ୍କୁ ଉପହାର ଦେଇଥିଲେ । ଆଁ ହଜରତ୍ ସ:ଆ:ସ ଉକ୍ତ ତରବାରିଟିକୁ ହଜରତ୍ ମୁହମ୍ମଦ୍ ବିନ୍ ମୁସ୍‌ଲିମାକୁ ଦାନ କରିଦେଲେ ଏବଂ କହିଥିଲେ ଯେ ଏହା ମାଧ୍ୟମରେ ଅଲ୍ଲାଃଙ୍କ ମାର୍ଗରେ ଜିହାଦ୍ କରିବ ଏବଂ ଯେତେବେଳେ ଲୋକମାନେ ମତଭେଦ ସୃଷ୍ଟି କରିବେ ସେତେବେଳେ ତାକୁ ପଥର ଉପରେ ମାରିବ ଏବଂ ଘରେ ପଶିଯିବ ଅର୍ଥାତ୍ କୌଣସି ପ୍ରକାରର ଫିତ୍‌ନା ଏବଂ ବିଭ୍ରାଟରେ ସାମିଲ୍ ହେବନାହିଁ । (ଅସଦୁଲ୍ ଗାବା, ଖଣ୍ଡ-୨, ପୃଷ୍ଠା-୨୧୬, ସାଆଦ୍ ବିନ୍ ଜଏଦ୍ ବିନ୍ ଅଶ୍‌ହଲି....ବେରୁତ୍ ୨୦୦୩)

ଅଲ୍ଲାଃତାଲା କରନ୍ତୁ କି ଆଜିକାଲିର ଏହି ମୁସଲମାନ୍‌ମାନେ, ଯେଉଁମାନେ ଜଣେ ଅନ୍ୟଜଣକୁ ହତ୍ୟା କରୁଛନ୍ତି ଉକ୍ତ ଉପଦେଶ ଉପରେ ଅମଳ କରନ୍ତୁ । ଯଦ୍ୱାରା ଏ ସଂସାରରେ ଶାନ୍ତି ପ୍ରତିଷ୍ଠା ହେଉ । ଅଲ୍ଲାଃତାଲା ଉକ୍ତ ସାହାବା ମାନଙ୍କ ପଦମର୍ଯ୍ୟାଦା ଉନ୍ନତରୁ ଉନ୍ନତତର କରିଚାଲନ୍ତୁ ଏବଂ ଆମକୁ ମଧ ପୁଣ୍ୟ କରିବା ପାଇଁ ଏବଂ କୁର୍ବାନୀ କରିବା ପାଇଁ ଓ ନିଷ୍ଠା ଓ ଭକ୍ତି ଭାବର ସହିତ ନିଜ ଜୀବନ ବିତାଇବା ପାଇଁ ଶକ୍ତି ପ୍ରଦାନ କରନ୍ତୁ ।

ପୃଷ୍ଠା- ୨ ର ଅବଶିଷ୍ଟାଂଶ ...

ବରଂ ଆମେ ଜଣେ ଅନ୍ୟଜଣଙ୍କର ଧ୍ୟାନ ରଖିବା ଉଚିତ୍ ଓ ଇମାମ୍ ଜମାତ୍ ଏହି ବାର୍ତା ଆମକୁ ଦେଇଛନ୍ତି ଓ ଏହା ମଧ୍ୟ କହିଛନ୍ତି କି ଆମେ ସମସ୍ତେ ଅଧିକାର ଦୃଷ୍ଟିରୁ ହେଉଛେ ସମାନ । ପ୍ରତ୍ୟେକ ବ୍ୟକ୍ତିଙ୍କୁ ଜୀବନ ବିତାଇବାର ଏକ ଉତମ ମାନ ଓ ମର୍ଯ୍ୟାଦା ମିଳିବା ଉଚିତ୍ ।

EL Periodico ଖବରକାଗଜର ଜଣେ ପତ୍ରକାର Fernando Tineta ସାହେବ୍ କହୁଛନ୍ତି କି ଉକ୍ତ ଭାଷଣଟି ମୋ ଉପରେ ଗଭୀର ପ୍ରଭାବ ପକାଇଛି ଏବଂ ଆପଣଙ୍କ ସହିତ ସାକ୍ଷାତ୍କାର୍ ମଧ୍ୟ ବହୁତ ଭଲ ଥିଲା ଓ ମୁଁ ଏଠାରେ କହିବାକୁ ଚାହୁଁଛି କି ନାସିର୍ ହସ୍ପିଟାଲ୍‌ର ପ୍ରୋଜେକ୍ଟ ହେଉଛି ବହୁତ ଭଲ ପ୍ରୋଜେକ୍ଟ । ଆମ ଦେଶରେ ଏହିଭଳି ଅନେକ ପ୍ରୋଜେକ୍ଟର ଆବଶ୍ୟକ ରହିଛି ।

ପୁଣି ଆଉଜଣେ ବ୍ୟାଙ୍କ୍ ଅଫିସର୍ କହୁଛନ୍ତି କି ହଜୁରଙ୍କର ଉକ୍ତ ଅଭିଭାଷଣର ସାରାଂଶ ଏହା ଥିଲା କି ପ୍ରାଣୀଜଗତ ସହିତ ସହାନୁଭୂତି ଦେଖାଇବା । ଏଠାରେ ଆପଣମାନେ ଯେଉଁ ନାସର୍ ହସ୍ପିଟାଲ୍ ଖୋଲିଛନ୍ତି ତାହା ହେଉଛି ଏହାର ଗୋଟିଏ ଉତମ ଓ ସ୍ପଷ୍ଟ ଉଦାହରଣ ।

ପୁଣି ଆଉଜଣେ ବ୍ୟାଙ୍କ୍ ମ୍ୟାନେଜର୍ କହୁଛନ୍ତି କି ହଜୁରଙ୍କର୍ ବାର୍ତା ଅତ୍ୟନ୍ତ ସୁନ୍ଦର ଓ ସହଜରେ ବୁଝିହେଉଥିବା ବାର୍ତା ଥିଲା । ସମ୍ପୂର୍ଣ୍ଣ ଇସ୍‌ଲାମ୍ ଜାତି ତରଫରୁ ଏ ବାର୍ତା ଦିଆଯାଇଛି କି ମାନବ ସମାଜକୁ ସାହାଯ୍ୟ କରିବା ହେଉଛି ଆମ ସମସ୍ତଙ୍କର ଦାୟିତ୍ୱ ଓ ମୁଁ ଆଜି ଏଠାରେ ଜମାତ୍ ଅହେମଦୀୟାର ଫିଲୋସଫି ବିଷୟରେ ପରିଚିତ ହେଲି ଓ ମୁଁ ପୁଣି ଆଗକୁ ଏ ସମ୍ବନ୍ଧରେ ଅଧିକା ଜ୍ଞାନ ଆହରଣ କରିବି ।

ଗୋଟେମାଲାରେ ରିଭ୍ୟୁ ଅଫ୍ ରିଲିଜିଅନ୍‌ସ୍‌ର ସ୍ପାନିସ୍ (ସ୍ପେନ୍ ଭାଷାରେ ପରିବେଷ୍ଟିତ) ଅଙ୍କର ମଧ୍ୟ ଶୁଭାରମ୍ଭ କରାଗଲା ଅର୍ଥାତ୍ ନୂଆ ସଂଖ୍ୟା ଆରମ୍ଭ ହେଲା । ଆମେରିକା, ଲାଟିନ୍ ଆମେରିକା ଏବଂ ସେଂଟ୍ରାଲ୍ ଆମେରିକା ଇତ୍ୟାଦିରେ ପାଖାପାଖି ୪୦୦ ମିଲିୟନ୍ ଲୋକେ ସ୍ପାନିସ୍ କୁହନ୍ତି । ଯେତେବେଳେ ସ୍ପେନ୍ ଆଡକୁ ଆମର ଧ୍ୟାନ ଆକର୍ଷଣ ହେଲା ତେବେ ସେଠାରେ ଗୋଟେମାଲାର ଆମର ଜଣେ ବହୁତ ନିଷ୍ଠାବାନ୍ ଅହେମଦୀ David ସାହେବ୍ ଅଛନ୍ତି । ସେ ହେଉଛନ୍ତି ଗୋଟେମାଲାର ପ୍ରଥମ ଅହେମଦୀମାନଙ୍କ ମଧ୍ୟରୁ ଜଣେ । ସେ କହୁଛନ୍ତି କି ଆପଣଙ୍କର ଧ୍ୟାନ ସ୍ପେନ୍ ଆଡକୁ ତ ରହିଛି । ସେଠାରେ ଏବେ ଇସ୍‌ଲାମ୍‌କୁ ପ୍ରଚାର କରିବାକୁ ହେବ ଯାହାର ଜନସଂଖ୍ୟା କେବଳ ଚାଳିଶି ମିଲିୟନ୍ ଯେବେ କି ଆମେଦେଶ ଗୁଡିକର ଜନସଂଖ୍ୟା ହେଉଛନ୍ତି ୪୦୦ ମିଲିୟନ୍ । ଏଥିପ୍ରତି ଆପଣଙ୍କର ଧ୍ୟାନ ନାହିଁ । ଏହାପରେ ସେଠିକାର ମିଶନ୍ ପ୍ରତି ମଧ୍ୟ ଧ୍ୟାନ ଆକର୍ଷଣ କରାଗଲା ଓ ଜାମିଆର ଛାତ୍ରମାନଙ୍କୁ ସେଠାକୁ ପଠାଇବା ଆରମ୍ଭ କରାଗଲା । ଏବେ ଅଲ୍ଲାହଙ୍କ କୃପାରୁ ସେଠାରେ ଜମାତ୍ ସ୍ଥାପନ ହେଉଅଛି । ସେ ଯାହା ହେଉ ସେଠାରେ ସ୍ପେନିସ୍ ଭାଷାରେ ରିଭ୍ୟୁ ଅଫ୍ ରିଲିଜିଅନ୍‌ସ ଆରମ୍ଭ କରାଗଲା ।

(ହଜୁର୍ ଅନ୍‌ୱର୍ ଅ:ବ:ଅ କହିଲେ) ଏହା ତ ଅନ୍ୟ ଲୋକମାନଙ୍କର ମନୋଭାବ ବ୍ୟକ୍ତ ଥିଲା । ଗୋଟେମାଲାରେ ବିଭିନ୍ନ ପଡୋଶୀ ରାଷ୍ଟ୍ରଗୁଡିକର, ସ୍ପେନିସ୍ ଭାଷା କୁହାଯାଉଥିବା ଦେଶଗୁଡିକରୁ ଆସିଥିବା ଅହେମଦୀମାନେ ମଧ୍ୟ ଆସି ସାମିଲ୍ ହୋଇଥିଲେ । ଡାକ୍ତରଖାନାର ଉଦ୍‌ଘାଟନ ପାଇଁ କୁହାଯାଇପାରେ ବା ମୋ ସହିତ ସାକ୍ଷାତ୍ କରିବା ପାଇଁ । ସେମାନେ ମଧ୍ୟ ବହୁତ ଭାବ ବିହ୍ୱଳପୂର୍ଣ୍ଣ ମନୋଭାବ ବ୍ୟକ୍ତ କଲେ । ଯେଉଁମାନେ ପ୍ରଥମଥର ପାଇଁ ଖଲିଫାଏ ଓ୍ୱକ୍ତଙ୍କ ସହିତ ସାକ୍ଷାତ୍ କରିବାର ସୁଯୋଗ ପାଉଥିଲେ ଖିଲାଫତ୍ ସହିତ ଥିବା ତାଙ୍କର ପ୍ରେମଭାବ ସେମାନଙ୍କ ଆଖି ଓ ହୃଦୟରୁ ସ୍ପଷ୍ଟ ରୂପେ ବାରି ହୋଇପଡୁଥିଲା ।

ମେକ୍‌ସିକୋରୁ ଆସିଥିବା ଜଣେ ନୌ ମୁବାଏ ମହିଳା Laura Matilde ସାହିବା ଯିଏ କିଛିଦିନ ପୂର୍ବେ ବୟତ୍ କରିଛନ୍ତି ସେ କହୁଛନ୍ତି କି ଗୋଟେମୋଲାର ଯାତ୍ରା ପରେ ଗୋଟିଏ କଥା ମୋ ମନ ଭିତରେ ଘର କରିଯାଇଛି ଯେ ଯାହା ଇଶ୍ୱର ଚାହୁଁଛନ୍ତି ମୁଁ ସେଠାରେ ପହଂଚିଯାଇଛି । ମୋ ମନ ଭିତରେ ଏ ପ୍ରସଙ୍ଗରେ କୌଣସି ଶଙ୍କା ନାହିଁ ଯେ ମୁଁ ଆଧ୍ୟାତ୍ମିକ୍ ଓ ଭାବନାତ୍ମକ ରୂପେ ବହୁତ ଶାନ୍ତି ଅନୁଭବ କରୁଅଛି । ଅନ୍ୟ ଦେଶରୁ ଆସିଥିବା ଅହେମଦୀ ଭାଇଭଉଣୀଙ୍କ ସହିତ ମିଶି ମୋର ଇମାନ୍ ସତେଜ୍ ହୋଇଛି ଓ ସବୁଠାରୁ ବଳି ଖଲିଫାଏ ଓ୍ୱକ୍ତଙ୍କ ନେତୃତ୍ୱରେ ନମାଜ ପାଠ କରି ମୋର ଇମାମ୍ ଅଲ୍ଲାହ୍‌ତାଲା ଓ ଅହେମଦୀୟତ୍ ଉପରେ ଅର୍ଥାତ୍ ପ୍ରକୃତ ଇସ୍‌ଲାମ୍ ଉପରେ ଆହୁରି ଅଧିକା ସୁଦୃଢ଼ ହୋଇଯାଇଛି । ମୋର ଏ ଆନ୍ତରିକ ଇଛା କି ମୁଁ ଏହି ମାର୍ଗରେ କାଏମ୍ ରହିବି । ଅଲ୍ଲାହ୍ କରନ୍ତୁ କି ଏପରି ହିଁ ହେଉ ।

ପୁଣି ମେକ୍‌ସିକୋର ଜଣେ ନୌମୁବାଏ (ନୂଆ ଅହେମଦୀ) Ivan Francisco ସାହେବ୍ କହୁଛନ୍ତି କି ଆମେ ଖଲିଫାଏ ଓ୍ୱକ୍ତଙ୍କ ହାତରେ ବୟତ୍ କରିଛୁ । ସେଠି ମସ୍‌ଜିଦ୍ ଭିତରେ ବୟତ ଉତ୍ସବ ମଧ୍ୟ ହୋଇଥିଲା । ତାହା ଏପରି କ୍ଷଣ ଥିଲା ଯାହାକୁ ଶବ୍ଦରେ ବର୍ଣ୍ଣନା କରାଯାଇପାରିବ ନାହିଁ । ସେହିକ୍ଷଣି ମୋତେ ଶାରିରୀକ ଦୃଷ୍ଟିକୋଣରୁ ଏପରି ଅନୁଭବ ହେଉଥିଲା ଯେପରି ମୋର ସମ୍ପୂର୍ଣ୍ଣ ଶରୀରଟି ଉତପ୍ତ ହୋଇଯାଇଛି ଓ ମୋ ଦେହରୁ ଝାଳ ବହିବାକୁ ଲାଗିଲା ଓ ଏପରି ଲାଗିଲା ଯେପରି ଏକ ବିଜୁଳି ମୋ ଶରୀର ଭିତର ଦେଇ ଗତି କରୁଥିଲା ଓ ଯିବା ସମୟରେ ତା ସହିତ ସେ ମୋର ପାପଗୁଡିକୁ ମଧ୍ୟ ନେଇଗଲା । ଇଶ୍ୱରଙ୍କରଙ୍କୁ ଲକ୍ଷ ଲକ୍ଷ ଧନ୍ୟବାଦ ଯେ ସେ ଆମକୁ ଖିଲାଫତ୍ ପ୍ରଦାନ କରିଛନ୍ତି । ମୁଁ ଜାଣିବାକୁ ଚାହୁଁଛି କି ଏହା ମୋ ପାଇଁ ଭଲଆଡକୁ ବଢ଼ିବା ପାଇଁ ହେଉଛି ପ୍ରଥମ ପଦକ୍ଷେପ ଏବଂ ଏହା ମୋ ଭିତରେ ଏକ ପରିବର୍ତନ ସୃଷ୍ଟି କରିବ ।

ପୁଣି ମେକ୍‌ସିକୋରୁ ଆସିଥିବା ଜଣେ ନୌମୁବାଏ Miguel Angel ସାହେବ୍ କହୁଛନ୍ତି କି ସତକଥା ହେଉଛି ଏହା ଯେ ଇସ୍‌ଲାମେ ଅହେମଦୀୟତ୍‌ରେ କୌଣସି ବର୍ଡର୍ ନାହିଁ । କୌଣସି ପ୍ରକାରର ପ୍ରତିବନ୍ଧକ ନାହିଁ ଯାହା ଆମକୁ ଅଲଗା କରିପାରିବ । ଆମେ ସମସ୍ତେ ହେଉଛୁ ଭାଇଭାଇ । ଯଦିକିଛି ପ୍ରଭେଦ ଅଛି ତାହା ହେଉଛି କେବଳ ଭାଷାର ପ୍ରଭେଦ ନଚେତ୍ ଆମେ ସମସ୍ତେ ହେଉଛୁ ଭାଇଭାଇ । ଖଲିଫାଙ୍କ ପଛରେ ନମାଜ ପଢୁଥିବା ସମୟରେ ଆମେ ୧୦-୧୫ଟି ଦେଶରୁ ଆସିଥିବା ଲୋକମାନେ ଥିଲୁ । କିନ୍ତୁ ଏହା ସତ୍ୱେ ମଧ୍ୟ ଆମେ ଏକ ହୋଇଥିଲୁ ଓ ଜଣେ ଖଲିଫାଙ୍କ ପଛରେ ନମାଜ ପଢୁଥିଲୁ ।

ପୁଣି Vicente Briones ସାହେବ୍ କହୁଛନ୍ତି କି ମୋ ସମ୍ବନ୍ଧ ମେକ୍‌ସିକୋ ଜମାତ୍ ସହିତ ଅଛି । ଯେତେବେଳେ ମୋତେ ବତାଗଲା ଯେ ଗୋଟୋମାଲା ଯିବାପାଇଁ ମଉକା ମିଳୁଅଛି ସେତେବେଳେ ମୁଁ ବହୁତ ଖୁସି ହୋଇଗଲି । ପୁଣି ଯେତେବେଳେ ଏକଥା ଶୁଣିଲି ସେଠାରେ ଖଲିଫାଏ ଓ୍ୱକ୍ତଙ୍କ ସହିତ ସାକ୍ଷାତ୍କାର୍ ହେବ, ମୋ ଖୁସି ଆହୁରି ଅଧିକ ବଢ଼ିଗଲା ଓ ଯେତେବେଳେ ମୋର ସାକ୍ଷାତ୍କାର୍ ହେଲା ସେଥିରେ ମୁଁ ବହୁତ ଆନନ୍ଦିତ ହୋଇଗଲା କାରଣ ମୋତେ ବହୁ ସମୟ ପର୍ଯ୍ୟନ୍ତ ତାଙ୍କ ନିକଟରେ ବସିବା ପାଇଁ ଅବସର ମିଳିଲା । ମୁଁ କିଛି ଦିନ ପୂର୍ବେ ମେକ୍‌ସିକୋ ସିଟିରେ ବୟତ୍ କରିଥିଲି କିନ୍ତୁ ହାତରେ ବୟତ୍ କରିବା ମୋ ଜୀବନରେ ଏପରି ଏକ ଅବସର ଥିଲା ଯାହାକୁ ମୁଁ ଶବ୍ଦରେ ବର୍ଣ୍ଣନା କରିପାରିବି ନାହିଁ । ସେ କହୁଛନ୍ତି କି ମୁଁ ମୋ ଆଖିରୁ ଲୁହ ପୋଛି କହିଲି କି ଏହା ମୋ ଜୀବନର ସବୁଠାରୁ ଅଧିକ ସୁନ୍ଦର ଦିନ ଥିଲା ।

Honduras ଦେଶରୁ ଆସିଥିବା ଜଣେ ନୌମୁବାଇୟା Rosa Delmi ସାହିବା କହୁଛନ୍ତି କି ପ୍ରଥମଥର ପାଇଁ ମୋ ଦେଶରୁ ବାହାରକୁ ଯିବା ପାଇଁ ଅବସର ମିଳିଲା ଓ ବହୁତ ଲମ୍ବା ଯାତ୍ରା ଗସ୍ତ କରିବାକୁ ପଡିଲା । ଆମକୁ ହାଣ୍ଡୁରାସ୍‌ଠାରୁ ଗୋଟେମୋଲା ଯିବାପାଇଁ ୧୬ଘଂଟା ଲାଗିଲା । ଯଦିଚ ଆମକୁ ଯାତ୍ରା ସମୟରେ ବିଭିନ୍ନ ପ୍ରକାରର ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଲା କିନ୍ତୁ ଯେଉଁକ୍ଷଣି ଜମାତ୍‌ର ମସ୍‌ଜିଦ୍ ଏବଂ ଖଲିଫାଏ ଓ୍ୱକ୍ତଙ୍କୁ ଦେଖିଲୁ ଯାତ୍ରାର କଠିନତାର ଅନୁଭବ ତତ୍‌କ୍ଷଣାତ୍ ବାହାରି ଚାଲିଗଲା । ଜମାତ୍‌ର ବହୁତ ପ୍ରିୟ ଓ ବହୁତ ଭଲ ଲୋକମାନଙ୍କ ସହିତ ମିଶିବାର ଅବସର ମିଳିଲା । ଯେଉଁମାନେ ମୋ ସହିତ ନିଜ ଫ୍ୟାମିଲିର ସଦସ୍ୟମାନଙ୍କ ପରି ବ୍ୟବହାର କଲେ । ଆମେରିକାରୁ ଆସିଥିବା ଜଣେ ଅହେମଦୀ ମହିଳା ମୋତେ କହିଲେ କି ମୁଁ ହେଉଛି ତାଙ୍କ ଝିଅ ପରି । ଏହି ଗସ୍ତର ସବୁଠାରୁ ଉତମ ଅଂଶ ହେଉଛି ଖଲିଫାଏ ଓ୍ୱକ୍ତଙ୍କ ସହିତ ସାକ୍ଷାତ୍କାର୍ । ମୁଁ ନିଜେ କୌଣସି କଥା ହୋଇନାହିଁ କାରଣ ଏପରି ଅନୁଭବ ହେଉଥିଲା କି ମୁଁ ଆଉଗୋଟିଏ ସଂସାର ଭିତରେ ଅଛି । ମୁଁ ଚାହୁଁଥିଲି କି ଖାଲି ବସି ଚାହିଁ ରହିଥିବି ଓ କଥା ଶୁଣି ଚାଲିଥିବି । ଏହା ଏପରି ଏକ ଅନୁଭବ ଥିଲା ଯାହା ଅବର୍ଣ୍ଣନୀୟ । ଏହି ଯାତ୍ରା ସମୟରେ ଜମାତ୍‌ର ଶିକ୍ଷାଗୁଡିକ ବିଷୟରେ ମୋର ଜ୍ଞାନ ବୃଦ୍ଧି ହେଲା ଏବଂ ଆମକୁ ସେଠାରେ ନଜମ୍ ପଢ଼ିବା ପାଇଁ ମଧ୍ୟ ଅବସର ମିଳିଲା ।

ପୁଣି ହାଣ୍ଡୁରାସ୍ ଦେଶର Edwin Armando ସାହେବ୍ କହୁଛନ୍ତି କି ଏହି ଗସ୍ତର ସବୁଠାରୁ ଭଲକଥା ମୋତେ ଏହା ଲାଗିଲା କି ମୋତେ ଖଲିଫାଙ୍କ ସହିତ ସାକ୍ଷାତ୍ କରିବା ପାଇଁ ସୌଭାଗ୍ୟ ମିଳିଲା ଓ ମୋ ମନରେ ଯେଉଁ ସବୁ ପ୍ରଶ୍ନଗୁଡିକ ରହିଥିଲା ସେ ସବୁ ପ୍ରଶ୍ନର ଉତର ମୋତେ ମିଳିଗଲା ।

ପୁଣି Ecuador ଦେଶରୁ ଆସିଥିବା ଜଣେ ନୌମୁବାଏ ଅହେମଦୀ କହୁଛନ୍ତି କି ଖଲିଫାଙ୍କ ଉପସ୍ଥିତି ଦ୍ୱାର ମୋତେ ଏକ ଅମୂଲ୍ୟ ସମ୍ପତି ପ୍ରାପ୍ତ ହେଲା । ସେହିପରି ଆଧ୍ୟାତ୍ମିକ, ଶାନ୍ତି, ଖୁସି ଓ ଆନନ୍ଦର ଭାବନା ମୋ ଭିତରେ ଭରିଗଲା । ମୋତେ ବହୁତ ଶାନ୍ତି ମିଳିଲା । ବୟତ୍ ସମୟରେ ଯେତେବେଳେ ହଜୁର୍ ନିଜର ହାତ ମୋ ହାତ ଉପରେ ରଖିଲେ ତାହା ମୋ ପାଇଁ ଏକ ସୌଭାଗ୍ୟ ଥିଲା ଯାହା ଏହା ପୂର୍ବରୁ ମୋତେ କେବେ ପ୍ରାପ୍ତ ହୋଇନଥିଲା ।

Ecuador ରୁ ଆସିଥିବା ଜଣେ ଲଜ୍‌ନା ଯିଏ ଏକବର୍ଷ ପୂର୍ବେ ଅହେମଦୀ ହୋଇଥିଲେ ସେ କହୁଛନ୍ତି କି ଗୋଟେମୋଲାର ଯାତ୍ରା ମୋ ପାଇଁ ଓ ମୋ ପୁଅପାଇଁ ଅତ୍ୟନ୍ତ ମଙ୍ଗଳକର ଥିଲା । ଯେତେବେଳେ ଆମେ ପ୍ରଥମଥର ଖଲିଫାଙ୍କୁ ଦେଖିଲୁ ତାହା ଆମପାଇଁ ଏକ ବିଶେଷ ଅବସରଥିଲା କାରଣ ଏହାଦ୍ୱାରା ଆମ ମଧ୍ୟରେ ଶାନ୍ତି, ପ୍ରେମ ଓ ସହନଶୀଳ ଭାବ ଅନୁଭବ ସୃଷ୍ଟି ହେଉଥିଲା । ସାକ୍ଷାତ୍କାର୍ ସମୟରେ ଯେତେବେଳେ ମୋ ପୁଅ ଖଲିଫତୁଲ୍ ମସିହ୍‌ଙ୍କ ସହିତ କାନ୍ଧ ମିଳାଇଲେ ସେତେବେଳେ ଆମକୁ ବହୁତ ଖୁସି ଅନୁଭବ ହେଲା ଓ ଆମେ ତାହା ନିଜ ପାଇଁ ସୌଭାଗ୍ୟ ଓ ବରକତ୍ ରୂପେ ବିବେଚନା କରୁଅଛୁ । Ecuador କୁ ଫେରିଯିବା ସମୟରେ ଆମକୁ ବହୁତ ଦୁଃଖ ଲାଗିଲା କାରଣ ଆମକୁ ଅହେମଦୀ ଭାଇମାନେ ଓ ଖଲିଫା ଓ୍ୱକ୍ତ ବହୁତ ମନେ ପଡ଼ିବେ । ଆମେ ଆଶା ରଖିଛୁ କି ପୁନର୍ବାର ସାକ୍ଷାତ୍ କରିବୁ ।

ପୁଣି ଗୋଟେମୋଲାରୁ ଜଣେ ନୌମୁବାଏ ସୁଲେମାନ୍ ରୁଡ୍‌ରିଗେଜ୍ ସାହେବ୍ କହୁଛନ୍ତି କି ଖଲିଫତୁଲ୍ ମସିହ୍‌ଙ୍କ ଗୋଟେମୋଲା ଆସିବା ଆମପାଇଁ ବହୁତ ସୌଭାଗ୍ୟର କଥା । ଆମ ଜମାତ୍ ଉପରେ ଅଲ୍ଲାହ୍‌ତାଲାଙ୍କର କରୁଣା ରହିଛି ଯେ ଏଠାକୁ ହଜୁର୍ ଆସିଛନ୍ତି ।

ଯେତେବେଳେ ଆମେ ଜାଣିବାକୁ ପାଇଲୁ କି ହଜୁର୍ ଗୋଟେମାଲା ଆସୁଛନ୍ତି ବୋଲି ସେତେବେଳେ ଆମେ ଖୁସିରେ ଆତ୍ମହରା ହୋଇଗଲୁ । ମୋ ଭିତରେ ଗୋଟିଏ ଆଧ୍ୟାତ୍ମିକ ଦୃଢ଼ତା ସୃଷ୍ଟି ହେବାକୁ ଲାଗିଲା ଓ ଏଥିରେ କୌଣସି ଶଙ୍କା ନାହିଁ କି ମୁଁ ନିଜ ଭିତରେ ବହୁତ ପରିବର୍ତ୍ତନ ଉପଲବ୍ଧି କରିଛି ।

ପୁଣି ଗୋଟେମାଲାରୁ ଜଣେ ନୌମୁବାଏ ମହିଳା ଲିଜା ପିନ୍‌ଟୋ ସାହିବା କହୁଛନ୍ତି ମୁଁ ଅଲ୍ଲାଃତାଲାଙ୍କର କୃତଜ୍ଞତା ଜ୍ଞାପନ କରୁଛି କି ଖଲିଫତୁଲ୍ ମସିହ୍ ଗୋଟେମୋଲା ଆସିଛନ୍ତି । ମୋ ପାଇଁ ବହୁତ ଗର୍ବ ଓ ସମ୍ମାନର କଥା ଓ ମୋ ପାଇଁ ଏକ ମହାନ୍ ଅନୁଭବ ଥିଲା । ମୋ ହୃଦୟ ଆନନ୍ଦରେ ଭରିଗଲା ।

ପୁଣି ଗୋଟେମୋଲାର ଜଣେ ବନ୍ଧୁ ଡୋମିଙ୍ଗୋ ତିୟୁଲ୍ ସାହେବ୍ କହୁଛନ୍ତି- ମୋର ସମ୍ପର୍କ କେବୁନ୍ ଜମାତ୍ ସହିତ ରହିଛି ଓ ଏଠାକୁ ଖଲିଫାଙ୍କର ଆଗମନ ହୋଇଥିବା ଯୋଗୁ ମୁଁ ନିଜକୁ ବିଶ୍ୱାସ ଓ ଆଧ୍ୟାତ୍ମିକତା ଦୃଷ୍ଟିକୋଣରୁ ବହୁତ ଉତ୍ସାହିତ ମନେ କରୁଛି । ମୁଁ ବହୁତ ଆନନ୍ଦିତ ଯେ ଖଲିଫାଙ୍କ ସହିତ ମୋତେ ସମୟ ବିତାଇବା ପାଇଁ ଅବସର ମିଳିଲା । (ହଜୁର୍ ଅନୁଓ୍ୱର୍ କହୁଛନ୍ତି) ତାଙ୍କୁ ଅହେମଦୀ ହେବାପାଇଁ କିଛି ଦିନ ହୋଇଛି । ବୋଧହୁଏ ସେ ବହୁତ ଭାବବିହ୍ୱଳ ହୋଇ ମୋତେ କହିଥିଲେ ଯେ ଆମ ଇଲାକାରେ ବହୁତ ଗରିବ ଲୋକ ଅଛନ୍ତି । ବିଲ୍‌କୁଲ୍ ବର୍ଡର୍ ଇଲାକାରେ ବହୁତ ଦୂର ଦୂରାନ୍ତ ଇଲାକା ସେଠିକାର ରାସ୍ତା ଇତ୍ୟାଦି ମଧ୍ୟ ଭଲନାହିଁ । ଦୁଆ କରନ୍ତୁ ଓ କାହାକୁ ପଠାନ୍ତୁ ମଧ୍ୟ ଯଦ୍ୱାରା ସେ ଇଲାକାରେ ମୋ ଜାତି ଭାଇମାନେ ମଧ୍ୟ ଅହେମଦୀ ମୁସଲ୍‌ମାନ୍ ହେବେ । ଏବଂ ଅଲ୍ଲାଃତାଲାଙ୍କର ଯେଉଁ ଫଜଲ୍ (କୃପା) ମୋତେ ହାସଲ୍ ହୋଇଛି, ଯେଉଁ ପୁରସ୍କାର ମୋତେ ମିଳିଛି ତାହା ମୋ ଜାତି ଭାଇମାନଙ୍କୁ ମଧ୍ୟ ମିଳୁ ଓ ସେ ବହୁତ ଭାବ ବିହ୍ୱଳ ହୋଇ ଦୁଆ କରିବା ପାଇଁ ନିବେଦନ କରିଥିଲେ । ଅଲ୍ଲାଃତାଲା ଏପରି କରନ୍ତୁ ଯେ ସେଠାରେ ମଧ୍ୟ ଜମାତ୍ ବ୍ୟାପିଯାଉ ।

ପୁଣି ଗୋଟେମୋଲାରୁ ମାର୍‌ତେଜା ତିୟୁଲ୍ ସାହିବା କହୁଛନ୍ତି ପ୍ରଥମେ ଖଲିଫାଙ୍କୁ ତ କେବଳ ଫଟୋରେ ଦେଖିଥିଲି । ବର୍ତ୍ତମାନ ନିକଟରେ ଦେଖିବାକୁ ଅବସର ମିଳିଲା ଓ ବସିବା ପାଇଁ ଅବସର ମିଳିଲା । ମୁଁ ନିଜ ଭିତରେ ବହୁତ ବଡ ପରିବର୍ତ୍ତନ ଅନୁଭବ କରୁଅଛି ।

ପୁଣି କ୍ଲାଉଡିଆ ସାହିବା କହୁଛନ୍ତି କି ମୁଁ ବହୁତ ଆନନ୍ଦିତ ଓ ନିଜକୁ ସୌଭାଗ୍ୟବାନ୍ ବିବେଚନା କରୁଅଛି । ଇଶ୍ୱର ମୋ ଉପରେ କୃପା କରିଛନ୍ତି । ମୋ ନିକଟରେ ଭାଷା ନାହିଁ କି ମୁଁ ନିଜର ମନୋଭାବକୁ ବର୍ଣ୍ଣନା କରିପାରିବି । ଏବଂ ନିଜର ଇମାନ୍ ଓ ନିଷ୍ଠାକୁ ବୃଦ୍ଧି କରିବା ପାଇଁ ଦୁଆ ନିମନ୍ତେ ଦରଖାସ୍ତ କରୁଅଛି ।

ପୁଣି ଚିଆପାସ୍ ମେକ୍‌ସିକୋରୁ ଖଦିଜା ସାହିବା କହୁଛନ୍ତି କି ମୁଁ ଇଶ୍ୱରଙ୍କୁ ଧନ୍ୟବାଦ ଜଣାଉଛି ଯେ ଖଲିଫତୁଲ୍ ମସିହ୍‌ଙ୍କ ସହିତ ସାକ୍ଷାତ୍ କରିବା ପାଇଁ ଅବସର ମିଳିଲା । ଆମ ପ୍ରଶ୍ନଗୁଡିକର ଉତର ମିଳିଲା । ଇସ୍‌ଲାମ୍ ପ୍ରତି ମୋର ପ୍ରେମଭାବ ବଢୁଅଛି । ବୟତ୍ କରିବା ଦ୍ୱାରା ମୋ ଇମାନ୍ ନୂତନ ରୂପେ ଜିବୀତ ହେଲା । ମୁଁ ଦୁଆ କରିବା ପାଇଁ ନିବେଦନ କରୁଅଛି କି ମୋ ପାଇଁ ମୋର ଜମାତ୍ ଚିଆପସ୍‌ର ସମସ୍ତ ଲୋକମାନଙ୍କ ଇମାନ୍ ଏବଂ ଇର୍‌ଫାନ୍‌ରେ ବୃଦ୍ଧି ଘଟୁ ।

ୟାସ୍‌ମିନ୍ ଗୋମେଜ୍ ସାହିବା କହୁଛନ୍ତି ଏହା ମୋ ପାଇଁ ବହୁତ ସୁନ୍ଦର ସ୍ମୃତି ଏବଂ ସୁନ୍ଦର ଅନୁଭବ ଥିଲା ଓ ମୋତେ ଏପରି ଖୁସି ଲାଗୁଥିଲା କି ଆନନ୍ଦର ଅଶ୍ରୁ ବହୁଥିଲା ଯାହାକୁ ମୁଁ ବର୍ଣ୍ଣନା କରିପାରିବି ନାହିଁ । ଏହି ସାକ୍ଷାତ୍‌କାର୍ ପରେ ମୋତେ ନିଜ ଜୀବନରେ ଉନ୍ନତି ଆଣିବା ପାଇଁ ଅବସର ମିଳିବ ।

ପୁଣି ଜଣେ ମହିଳା ସୁରୈୟା ଗୋମେଜ୍ ସାହିବା କହୁଛନ୍ତି କି ମୋର ମନୋଭାବ ମୋ ହୃଦୟର ଅନ୍ତରରୁ ବାହାରୁ ଅଛି । ଏଠାରେ ମୋତେ ବହୁତ ବଡ ଅନୁଭବ ମିଳିଛି । ଅଲ୍ଲାଃତାଲା ଇମାନ୍ ଏବଂ ନିଷ୍ଠାରେ ବୃଦ୍ଧି କରନ୍ତୁ ।

ମେକ୍‌ସିକୋରୁ ଜଣେ ନୌମୁବାଏ ଜେସସ୍ ସାହେବ୍ କହୁଛନ୍ତି କି ଜମାତ୍ ସହିତ ସମ୍ପର୍କ ସ୍ଥାପନ କରିବା ବହୁତ ବଡ ପୁରସ୍କାର । ମୋର ଏ ସୌଭାଗ୍ୟ କି ଅଲ୍ଲାଃତାଲା ମୋ ପ୍ରାର୍ଥନାକୁ ଶୁଣିଛନ୍ତି । ମୁଁ ଅନ୍ଧାର ଭିତରେ ଥିଲି, ଅଲ୍ଲାଃତାଲା ମୋତେ ଓ ମୋ ଫ୍ୟାମିଲିକୁ ଆଲୋକ ଆଡକୁ ନେଇ ଆସିଲେ ଓ ମୋତେ ମୋ ଜୀବନରେ ପରିବର୍ତ୍ତନ ଆଣିବା ପାଇଁ ଅବସର ମିଳିଲା । ଏବଂ ପୁଣି ମୁଁ ଉପାସନା ଇତ୍ୟାଦି ସମ୍ବନ୍ଧରେ ପ୍ରଶ୍ନ ପଚାରିଲି ଯାହାର ଉତର ମୋତେ ବହୁତ ଶାନ୍ତ୍ୱନାମୂଳକ ମିଳିଲା ।

ଲୈଲା ଲତିଫ୍ ସାହିବା କହୁଛନ୍ତି କି ପ୍ରଥମତଃ ଟି.ଭି ମାଧ୍ୟମରେ ପରିଚୟ ହୋଇଥିଲା । ବର୍ତମାନ ମୁଁ ନିଜେ ସାକ୍ଷାତ୍ କରିବା ଦ୍ୱାରା ଆଉ ଏକ ପ୍ରକାରର ଉତ୍ସାହ ଓ ମନୋଭାବ ଅନୁଭବ ହେଉଅଛି ।

ପାନାମାର ଜଣେ ବ୍ୟକ୍ତି Heliodoro ସାହେବ୍ ଯିଏ ନିଜ ସ୍ତ୍ରୀ ଓ ଝିଅଙ୍କ ସହିତ ଆସିଥିଲେ ସେ କହୁଛନ୍ତି କି ସାକ୍ଷାତ୍‌କାରର ଦିନଟି ମୋ ପାଇଁ ଆନନ୍ଦର ପରିପୁର୍ଣ୍ଣ ଦିନ ଥିଲା ଯାହାକୁ ମୁଁ ବର୍ଣ୍ଣନା କରିବା ପାଇଁ ଶବ୍ଦ ପାଉନାହିଁ । ସେ ଅତ୍ୟନ୍ତ ପ୍ରେମ ଓ ନିଷ୍ଠାଭାବକୁ ପରିପ୍ରକାଶ କରେ ।

ବେଲିଜ୍‌ରୁ ଏକ ପ୍ରତିନିଧି ମଣ୍ଡଳ ଆସିଥିଲା । ସେମାନଙ୍କ ମଧ୍ୟରୁ ଜଣେ ହେଉଛନ୍ତି Golda Martina ସାହିବା କହୁଛନ୍ତି କି ଏହା ଅତ୍ୟନ୍ତ ବିଭୁତିମୟ ଏବଂ ବାବର୍‌କତ୍ କ୍ଷଣ ଥିଲା । ମୁଁ ବହୁତ ଭାବ ବିହ୍ୱଳ ହୋଇଗଲି ଓ ସର୍ବଦା ଏହି ଯାତ୍ରା ମୋତେ ମନେ ରହିଗଲା ।

ପୁଣି ଆଉଜଣେ ସଦସ୍ୟ Nicole Avilez ସାହିବା କହୁଛନ୍ତି କି ଏହା ଅତ୍ୟନ୍ତ ଭାବନାତ୍ମକ ସାକ୍ଷାତ୍‌କାର୍ ଥିଲା ଓ ମୋତେ ଖଲିଫାଏ ଓ୍ୱକ୍ତ ୟୁ.କେ ଜଲ୍‌ସାରେ ଆସିବାପାଇଁ ମଧ୍ୟ ନିମନ୍ତ୍ରଣ ଦେଲେ । ସେଥିପାଇଁ ମୁଁ ବହୁତ ଆନନ୍ଦିତ । ଲଜ୍‌ନାର ଜଣେ ସଦସ୍ୟ Florentina ସାହିବା କହୁଛନ୍ତି- ଏହା ବହୁତ ଆନନ୍ଦର ଅବସର ଥିଲା । ସାକ୍ଷାତ୍ ମିଳିଲା ଓ ଆତ୍ମାକୁ ଶାନ୍ତି ଲାଭ ହେଲା । ୧୩-୧୪ବର୍ଷର ଗୋଟିଏ ଝିଅ କହୁଛନ୍ତି କି ପ୍ରଥମେ ମୋତେ ଭୟ ଲାଗୁଥିଲା କି ଖଲିଫାଙ୍କ ସମ୍ମୁଖରେ ମୁଁ ଏପରି କୌଣସି କଥା ନକହିଦିଏ ଯଦ୍ୱାରା ମୋତେ ଲଜ୍ଜିତ ହେବାକୁ ପଡ଼ିବ । କିନ୍ତୁ ଏଡି ଶାକ୍ଷାତ୍‌କାର୍ ବହୁତ ସୁନ୍ଦର ସାକ୍ଷାତ୍‌କାର ଥିଲା । (ହଜୁର୍ ଅନୁଓ୍ୱର୍ ଅ:ବ:ଅ କହୁଛନ୍ତି) ଖିଲାଫତ୍‌ର ସମ୍ମାନ ସେମାନଙ୍କ ମଧ୍ୟରେ ବହୁ ମାତ୍ରାରେ ରହିଛି । ପୁଣି ସେହି ଝିଅମାନେ ''ହୈ ଦସ୍‌ତେ କିବ୍‌ଲା ନୁମା'' ନଜମ୍ ମଧ୍ୟ ପଢ଼ିଲେ ।

ଏହିପରି ଆହୁରି ଅନେକ ମହିଳା ଯେଉଁମାନେ ବିଭିନ୍ନ ଦେଶରୁ ଗୋଟେମୋଲା ଆସିଥିଲେ ଏବଂ ବହୁତ ଲମ୍ବା ଯାତ୍ରା ଗସ୍ତ କରି ଆସି ଏଠାରେ ପହଂଚିଥିଲେ ସେମାନେ ସମସ୍ତେ ବହୁତ ନିଷ୍ଠାଭାବ ପରିପ୍ରକାଶ କଲେ । ଅଲ୍ଲାଃତାଲା ସମସ୍ତଙ୍କ ନିଷ୍ଠା ଓ ଭକ୍ତିକୁ ବୃଦ୍ଧି କରିଚାଲନ୍ତୁ ଏବଂ ସେମାନଙ୍କୁ ପ୍ରକୃତ ଅହେମଦୀ ବନାନ୍ତୁ ।

ୟୁ.ଏସ୍.ଏ ର ମିଡିଆ ଟିମ୍ ତରଫରୁ କଭରେଜ୍ । ଅଲ୍ଲାଃତାଲାଙ୍କ ଫଜଲ୍‌ରୁ ୟୁ.ଏସ୍.ଏର ମିଡିଆ ଟିମ୍ ବହୁତ ଭଲ କାମ କରିଛି ଓ ତାଙ୍କର ଭଲ ସମ୍ପର୍କ ରହିଛି । ବର୍ତମାନ ଏହି ଟିମ୍‌ରେ ଅଳ୍ପମାତ୍ରାରେ ପରିବର୍ତନ କରାଯାଇଛି କିନ୍ତୁ ପୂର୍ବରୁ ଯେଉଁ ଟିମ୍ ଥିଲା ସେ ମଧ୍ୟ ବହୁତ ଭଲ କାମ କରିଛି । ଆମେରିକାରେ ଟି.ଭି ମାଧ୍ୟମରେ ମୋଟ ୨୮ ଲକ୍ଷ ୬୯ ହଜାର୍‌ରୁ ଅଧିକା ଲୋକମାନଙ୍କ ପର୍ଯ୍ୟନ୍ତ ବାର୍ତା ପହଂଚିଛି । ରେଡିଓ ମାଧ୍ୟମରେ ମୋଟ ୫୩ ଲକ୍ଷ ୯୮ ହଜାର୍‌ରୁ ଅଧିକା ଲୋକମାନଙ୍କ ନିକଟରେ ବାର୍ତା ପହଂଚିଛି । ଡିଜିଟାଲ୍ ଫୋରମ୍ ଓ୍ୱେବ୍‌ସାଇଟ୍‌ସ୍ ଓ ସୋସିଆଲ୍ ମିଡ଼ିଆ ଇତ୍ୟାଦି ମାଧ୍ୟମରେ ୨୦ ଲକ୍ଷ ଲୋକଙ୍କ ନିକଟରେ ବାର୍ତା ପହଂଚିଛି, ଯେଉଁ ଖବରକାଗଜ ଗୁଡିକରେ ମୋ ଗସ୍ତ ସମ୍ବନ୍ଧରେ ୪୫ଟି ଆର୍ଟିକିଲ୍ ପ୍ରକାଶ ପାଇଛି । ସେହି ଖବରକାଗଜ ଗୁଡିକ ମଧ୍ୟରେ ପ୍ରସିଦ୍ଧ ଖବରକାଗଜ The Baltimore Sun, The Philadelphia Inquirer, Religion News Service and Houston Chronicle ସାମିଲ୍ ଅଛନ୍ତି । ଏହି ଖବରକାଗଜ ଗୁଡିକ ମାଧ୍ୟମରେ ୧୦ ମିଲିୟନ୍‌ରୁ ଅଧିକା ଲୋକମାନଙ୍କ ନିକଟରେ ବାର୍ତା ପହଂଚିଛି ।

ଗୋଟେମାଲାରେ ମଧ୍ୟ ମିଡିଆ କଭ୍‌ରେଜ୍ ବହୁତ ଭଲ ହେଲା । ଗୋଟେମାଲାର ଜାତୀୟ ଖବରକାଗଜ Prensa Libre , ଯାହାର ସଂଖ୍ୟା ହେଉଛି ପ୍ରତ୍ୟହ ୧ଲକ୍ଷ ୩୦ହଜାର ଏବଂ ୪ ମିଲିୟନ୍‌ରୁ ଅଧିକା ଲୋକ ତାହା ପଢୁଛନ୍ତି, ୨୪ ଅକ୍ଟୋବର ସଂଖ୍ୟାର ପ୍ରଥମ ପୃଷ୍ଠାରେ ନାସିର୍ ହସ୍‌ପିଟାଲ୍‌ର ଗୋଟିଏ ସ୍ୱତନ୍ତ୍ର ଛବି ପ୍ରକାଶ କରିଛି ଏବଂ ଉଦ୍‌ଘାଟନୀ ଉତ୍ସବ ପ୍ରସଙ୍ଗରେ ରିପୋର୍ଟ୍ ମଧ୍ୟ ପ୍ରକାଶ କରିଛି । ଆଉଗୋଟିଏ ଜାତୀୟ ଖବରକାଗଜର ସ୍ତମ୍ଭକାର ନାସିର୍ ହସ୍‌ପିଟାଲ୍ ସମ୍ବନ୍ଧରେ ଗୋଟିଏ ଆର୍ଟିକିଲ୍ ମଧ୍ୟ ଲେଖିଛନ୍ତି । ଆଉ ଗୋଟିଏ ଜାତୀୟ ଖବରକାଗଜ Elperiodico ମଧ୍ୟ ଏ ସମ୍ବନ୍ଧରେ ଗୋଟିଏ ରିପୋର୍ଟ୍ ପ୍ରକାଶ କରିଛି । ଗୋଟେମାଲାର ନ୍ୟାସ୍‌ନାଲ୍ ଟି.ଭି ମୋ ସମ୍ବନ୍ଧରେ ଖବର ଦେଇଛି ଓ ହସ୍‌ପିଟାଲ୍‌ର ପରିଚୟ ପ୍ରଦାନ କରିବା ଆଧାରରେ ରିପୋର୍ଟ୍ ମଧ୍ୟ ପ୍ରସାରଣ କରିଛି । ଜାତୀୟ ରେଡିଓ ଚ୍ୟାନେଲ୍‌ରେ ମଧ୍ୟ ରିପୋର୍ଟ୍ ଆସିଛି । ଏ ଦୃଷ୍ଟିକୋଣରୁ ଗୋଟିଏ ଆକଳନ ମୁତାବକ ଲାଟିନି ଆମେରିକାର ବିଭିନ୍ନ ଦେଶଗୁଡିକର ପ୍ରିଂଟ୍ ମିଡିଆ, ବିଭିନ୍ନ ଖବରକାଗଜ ଏବଂ ଟେଲିଭିଜନ୍ ମାଧ୍ୟମରେ ପାଖାପାଖି ୩୨ ମିଲିୟନ୍ ଲୋକମାନଙ୍କ ପର୍ଯ୍ୟନ୍ତ ନାସିର୍ ହସ୍‌ପିଟାଲ୍‌ର ଉଦ୍‌ଘାଟନୀ ଉତ୍ସବର ଖବର ପ୍ରସଙ୍ଗରେ ଇସ୍‌ଲାମ୍‌ର ବାର୍ତା ପହଂଚିଲା । ଏତଦ୍‌ବ୍ୟତୀତ ସୋସିଆଲ୍ ମିଡିଆ, ଟ୍ୱିଟର୍, ଇନ୍‌ଷ୍ଟାଗ୍ରାମ୍ ଏବଂ ୟୁଟୁବ୍ ମାଧ୍ୟମରେ ୨୩ ଲକ୍ଷ ଲୋକଙ୍କ ନିକଟରେ ଖବର ପହଂଚିଛି ଏବଂ ଅଲ୍ଲାଃତାଲାଙ୍କ ଫଜଲ୍‌ରୁ ଏହି ଗସ୍ତ ପ୍ରତି କ୍ଷେତ୍ରରୁ ବହୁତ ବାବର୍‌କତ୍ ଓ ସଫଳ ଗସ୍ତ ଥିଲା । ଅଲ୍ଲାଃତାଲା ଆସନ୍ତାକୁ ମଧ୍ୟ ଏହାର ପୁଣ୍ୟଫଳ ପ୍ରଦାନ କରନ୍ତୁ ।

ନମାଜ ପରେ ଗୋଟିଏ ନମାଜ ଯନାଜାଃ ଗାଏବ୍ ପଢ଼ାଇବି । ତାହା ହେଉଛି ମୋହତ୍‌ରମ୍ Sawadogo Ismail ସାହେବ୍‌ଙ୍କର । ସେ ବୁର୍କିନାଫାଶୋ ନିବାସୀ ଥିଲେ । ୧୪ ନଭେମ୍ବର୍ ଦିନ ଫଜର୍ ନମାଜ ପଢ଼ିବା ପାଇଁ ଘରୁ ବାହାରିଥିଲେ । ରାସ୍ତାରେ ହୃଦ୍‌ଘାତ୍ ଯୋଗୁ ଟଳିପଡିଲେ । ନିକଟରେ ଏକ ହସ୍‌ପିଟାଲ୍‌କୁ ନିଆଗଲା କିନ୍ତୁ ଜୀବନ ବଂଚିପାରିଲା ନାହିଁ । *ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ୍* ।

୧୯୬୪ ମସିହାରେ ସେ ଜନ୍ମ ହୋଇଥିଲେ । ୧୯୯୪ ମସିହାରେ ଅହେମଦୀୟତ୍ ଗ୍ରହଣ କଲେ । ସର୍ବଦା ଏ ଚେଷ୍ଟା କରୁଥିଲେ କି କିପରି ସେ ମିଶନ୍ ହାଉସ୍ ନିକଟରେ ରହିବେ । ଯେତେବେଳେ ମିଶନ୍ ହାଉସ୍ ପରିବର୍ତ୍ତନ କରାଗଲା ଓ ଆଉଗୋଟିଏ ନୁଆଯାଗାକୁ ମିଶନ୍ ହାଉସ୍ ଚାଲିଗଲା ସେ ମଧ୍ୟ ସେଠାରେ ମିଶନ୍ ହାଉସ୍ ନିକଟରେ

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।**

ଗୋଟିଏ ଘର ଭଡା ନେଲେ । ମସ୍‌ଜିଦ୍‌ରେ ଅଜାନ୍ ଦେବାପାଇଁ ସେ ସର୍ବଦା ଚେଷ୍ଟା କରୁଥିଲେ । ଜଲ୍‌ସାସାଲାନାରେ ଲୋକମାନଙ୍କୁ ତହ୍‌ଜୁଦ୍ ନମାଜ ପଢ଼ିବା ନିମନ୍ତେ ଜଗାଇବା କାର୍ଯ୍ୟରେ ଲାଗି ରହିଥିଲେ । ବହୁତ ସୁନ୍ଦର ସ୍ୱରରେ ଅଜାନ୍ ଦେଉଥିଲେ । ସେଇଥିଯୋଗୁ ଲୋକମାନେ ତାଙ୍କୁ ''ସୟଦ୍‌ନା ବେଲାଲ୍'' କହୁଥିଲେ । ପ୍ରତ୍ୟେକ ବର୍ଷ ରମ୍‌ଜାନ୍ ମାସରେ ଏତେକାଫ୍‌ରେ ବସୁଥିଲେ । ନମାଜ ନିୟମିତ ପାଠ କରନ୍ତି ଓ ଅନ୍ୟମାନଙ୍କ ନମାଜ ପଢ଼ିବା ପାଇଁ ଧ୍ୟାନ ଆକର୍ଷଣ କରାଉଥିଲେ । ଫଜର୍ ନମାଜ ପୂର୍ବରୁ ଆସି ସେଠାରେ ଥିବା ଜମାତ୍‌ର ପିଲାମାନଙ୍କ ହଷ୍ଟେଲ୍‌ରେ ପିଲାମାନଙ୍କୁ ନମାଜ ପଢ଼ିବା ପାଇଁ ଜାଗ୍ରତ କରାଉଥିଲେ । ମସ୍‌ଜିଦ୍‌କୁ ସଫା ସୁତରା କରନ୍ତି । ଅଜାନ୍ ଦିଅନ୍ତି । ଯେତେବେଳେ ଲାହୋର୍‌ଠାରେ ମସ୍‌ଜିଦ୍ ଗୁଡିକ ଉପରେ ଆକ୍ରମଣ ହେଲା ଓ ସେଠାରେ ଅହେମଦୀମାନଙ୍କ ଶାହାଦତ୍ ବିଷୟ ଶୁଣିଲେ । ଏକଥା ତାଙ୍କୁ ବହୁତ ପ୍ରଭାବିତ କଲା । ଏଥିଯୋଗୁ ବହୁତ କାନ୍ଦୁଥିଲେ ଓ ବାରମ୍ବାର ଏ ଇଛା ପ୍ରକାଶ କରୁଥିଲେ କି କାଳେ ସେ ଉକ୍ତ ଶହୀଦ୍‌ମାନଙ୍କ ମଧ୍ୟରେ ସାମିଲ୍ ହୋଇଥାଆନ୍ତେ । ଜମାତ୍‌ର ସବୁ କାର୍ଯ୍ୟରେ ସର୍ବଦା ସମସ୍ତଙ୍କଠାରୁ ଆଗରେ ରହୁଥିଲେ । ୨୦୦୪ ମସିହାରେ ଯେତେବେଳେ ମୁଁ ସେଠାକୁ ଯାଇଥିଲି ସେତେବେଳେ ମଧ୍ୟ ସେ ସେଠାରେ ସିକ୍ୟୁରିଟି ଡ୍ୟୁଟିରେ ସର୍ବଦା ଆଗରେ ରହୁଥିଲେ ଓ ଏକଦା ସେଠିକାର ଗୋଟିଏ ସଭାରେ ଯେତେବେଳେ ମୁଁ ଭାଷଣ ପ୍ରଦାନ କରୁଥିଲି, ସେ ଡ୍ୟୁଟି ଦେବା ସମୟରେ ବେହୋସ୍ ହୋଇ ତଳେ ପଡିଗଲେ । ବୋଧହୁଏ କିଛି ଖିଆପିଆ କରିନଥିଲେ ବା ସିଧା ଛିଡା ହୋଇଥିବେ । ସେ ଯାହାହେଉ ସେଇଥିପାଇଁ ସେ ସର୍ବଦା ସେ ପ୍ରସଙ୍ଗରେ ଚିଠି ଲେଖୁଥିଲେ କି ମୁଁ ହେଉଛି ସେହି ବ୍ୟକ୍ତି ଯିଏ ପଡିଯାଇଥିଲା । ଅତ୍ୟନ୍ତ ନିଷ୍ଠାବାନ୍ ଏବଂ ଖିଲାଫତ୍ ଓ ଅହେମଦୀୟତ୍‌ର ସଚ୍ଚାପ୍ରେମୀ ଥିଲେ । ପେଶାରେ ସେ ଜଙ୍ଗଲ ବିଭାଗର ଜଣେ ସିକ୍ୟୁରିଟି ଗାର୍ଡ୍ ଥିଲେ । ତାଙ୍କର ତଦ୍‌ଫିନ୍ (ଅନ୍ତେଷ୍ଟିକ୍ରିୟା) ସମୟରେ ସେଂଟ୍ରାଲ୍ ମେୟର୍ ତରଫରୁ ଜଙ୍ଗଲ ବିଭାଗର କମାଣ୍ଡିଙ୍ଗ୍ ଅଫିସର୍ ତାଙ୍କ ସେବା ସମ୍ବନ୍ଧରେ ବହୁତ ଉତମ ରୂପେ ସମସ୍ତଙ୍କ ସମ୍ମୁଖରେ ଉପସ୍ଥାପନ କଲେ କି 'ଇସ୍‌ମାଇଲ, ନିଷ୍ଠାବାନ୍, ଇମାନ୍‌ଦାର୍, ହସହସ ମୁହଁ ସମ୍ପନ୍ନ ବ୍ୟକ୍ତି ଥିଲେ' । ସେ ନିଜର କର୍ତବ୍ୟ ଗୁଡିକୁ ବହୁତ ସୁନ୍ଦର ଶୈଳୀରେ ସମ୍ପାଦନ କରୁଥିଲେ । ଅଲ୍ଲାଃତାଲାଙ୍କ ଫଜଲ୍‌ରୁ ସେ ମୁସି ଥିଲେ ।

ସେ ତାଙ୍କ ଅନ୍ତେ ପ୍ରଥମ ସ୍ତ୍ରୀ ଙ୍କ ଠାରୁ ଗୋଟିଏ ପୁତ୍ର ଓ ଗୋଟିଏ ପୁତ୍ରୀ ଓ ଦ୍ୱିତୀୟ ସ୍ତ୍ରୀ ଙ୍କ ଠାରୁ ଗୋଟିଏ ଦୁଇମାସର ଝିଅ ସ୍ମୃତି ସନ୍ତକ ଛାଡିଯାଇଛନ୍ତି । ଅଲ୍ଲାଃତାଲା ମର୍‌ହୁମ୍‌ଙ୍କ ପଦମର୍ଯ୍ୟାଦା ଉନ୍ନତି କରିଚାଲନ୍ତୁ । ମଗ୍‌ଫିରତ୍ (ସମସ୍ତ ଦୋଷଦୁର୍ବଳତାକୁ ଘୋଡାଇଦେବା)ର ବ୍ୟବହାର କରନ୍ତୁ ଓ ତାଙ୍କ ପିଲାମାନଙ୍କୁ ମଧ୍ୟ ନିଜ ସୁରକ୍ଷାରେ ରଖନ୍ତୁ ।

---

*ପୃଷ୍ଠା- ୧୬ ର ଅବଶିଷ୍ଟାଂଶ ...*

ହେଉନଥିବ । ତେଣୁ ଜରୁରୀ ଅଟେ କି ମୁଁ ପ୍ରାର୍ଥନା କରେ ଏବଂ ନିଜର ମନୁଷ୍ୟଗତ ଦୋଷ ଦୁର୍ବଳତାର ମଧ୍ୟ ଓ ତୁମମାନଙ୍କର ଦୋଷ ଦୁର୍ବଳତା ପାଇଁ ମଧ୍ୟ ଅଲ୍ଲାଃତାଲାଙ୍କ ନିକଟରେ ସାହାଯ୍ୟ ଭିକ୍ଷା କରେ ଯଦ୍ୱାରା ଏ ବିଜୟଟି ନିଶ୍ଚିତ ବିଜୟରେ ପରିବର୍ତନ ହୋଇଯାଉ'' ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ସୁତରାଂ ଏହା ହେଉଛି ସେହି ଉପାୟ ଯାହାକୁ ଆମେ ଆମ ସମ୍ମୁଖରେ ରଖିବା ଉଚିତ୍ କି ସର୍ବଦା ଏ ଭାବନା ରହୁ କି ନିଶ୍ଚିତ ରୂପେ ଅଲ୍ଲାଃତାଲାଙ୍କର ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ମଧ୍ୟ ପ୍ରତିଶୃତି ଅଛି କି ମୁଁ ତୁମ ସହିତ ଅଛି ବୋଲି । ମୁଁ ତୁମକୁ ବିଜୟ ପ୍ରଦାନ କରିବି, ତୁମ ଜମାତ୍‌କୁ ପ୍ରସାର କରାଇବି । କିନ୍ତୁ ତା ସହିତ ଏ ସର୍ତାବଳୀ ମଧ୍ୟ ରହିଛି କି ଆମର କର୍ମ ମଧ୍ୟ ତା ମୁତାବକ ହେବା ଉଚିତ୍ । ସୁତରାଂ ଆମକୁ ଏକଥା ଭାବିନେବା ଠିକ୍ ହେବନାହିଁ କି ଆମେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ବୟତ କରିନେଇଛେ ତେଣୁ ଏହା ଆମପାଇଁ ଯଥେଷ୍ଟ ବୋଲି । ନୁହେଁ! ବରଂ ତା' ସହିତ କର୍ମ କରିବାକୁ ହେବ । ଅଲ୍ଲାଃତାଲାଙ୍କ ପୁସ୍ତକ ମୁତାବକ ପରିଚାଳିତ ହେବାପାଇଁ ଯଥା ସମ୍ଭବ ଚେଷ୍ଟା କରିବାକୁ ପଡ଼ିବ । ତେବେ ଯାଇ ଆମେ ଅଲ୍ଲାଃତାଲାଙ୍କୁ ରାଜି କରାଇପାରିବା । ତେବେ ଯାଇ ସେ ଆମକୁ କଠିନ ପରିସ୍ଥିତିରୁ ବାହାରିବାର ମାର୍ଗ ମଧ୍ୟ ଦେଖାଇବେ ଓ ପୁଣି ଏପରି ରାସ୍ତା ଦେଖାଇବେ ଯାହା ଆମ ଚିନ୍ତାଠାରୁ ମଧ୍ୟ ଉର୍ଦ୍ଧ୍ୱରେ ଥିବ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ପୁଣି ଚାରିତ୍ରିକ ଉନ୍ନତି ପ୍ରତି ଧ୍ୟାନ ଆକର୍ଷଣ କରାଇ ଆପଣ ଆ:ସ କହୁଛନ୍ତି କି ''ସୁତରାଂ ଆମ ଜମାତ୍ ପାଇଁ ଏହା ଜରୁରୀ ଅଟେ କି ସେ ଚାରିତ୍ରିକ ଉନ୍ନତି କରୁ । କାରଣ *ଅଲ୍ ଇସ୍‌ତିକାମତୁ ଫଉକଲ୍ କରାମତି* (ଅର୍ଥାତ୍ ଦୃଢ଼ତାର ସହିତ ଚରିତ୍ରବାନ ରହିବା ହେଉଛି ଗୁଣରେ କରାମତି ଦେଖାଇବା ଠାରୁ ଅଧିକ)ପ୍ରସିଦ୍ଧ ଅଛି । ସେ ମନେରଖୁ କି ଯଦି କେହି ତା ଉପରେ କଠୋରତା ଆଚରଣ କରେ ତେବେ ସେ ତା'ର ପ୍ରତିବଦଳରେ ନମ୍ରତାର ସହିତ ଉତର ଦେଉ । ପ୍ରତିଶୋଧ ପରାୟଣ ହୋଇ ସେ କଠୋରତା ଅବଲମ୍ବନ ନକରୁ'' । କୌଣସି ପ୍ରକାରର କଠୋର ଉତର ଦେବନାହିଁ, ପ୍ରତିଶୋଧ ନେବନାହିଁ । କହୁଛନ୍ତି ''ମନୁଷ୍ୟର ଚରିତ୍ର ଅଛି ଓ ଏହା ତିନି ପ୍ରକାରର । ଅମ୍ମାରାଃ, ଲଓ୍ୱାମାଃ ଏବଂ ମୁତ୍‌ମଇନାଃ । ଅମ୍ମାରାଃ ଅବସ୍ଥାରେ ମନୁଷ୍ୟ ନିଜର ମନୋଭାବ ଓ ଅନାବଶ୍ୟକ ଉଦ୍ଦିପନାକୁ ସମ୍ଭାଳି ପାରେନାହିଁ ଏବଂ ସୀମା ଅତିକ୍ରମ କରିଯାଏ, ଫଳତଃ ତାର ଚାରିତ୍ରିକ ଅବସ୍ଥା ତଳେ ପଡିଯାଏ । ଏହା ହେଉଛି ଅମ୍ମାରାଃର ଚରିତ୍ର । ଟିକିଏ ଟିକିଏ କଥାରେ ପ୍ରତିଶୋଧ ନେବାପାଇଁ ପ୍ରସ୍ତୁତ ହୋଇଯାଏ, ଲଢ଼ାଇ କରିବା ପାଇଁ ତୟାର୍ ହୋଇଯାଏ, ଗାଳିଗୁଲଜ କରିବା ପାଇଁ ପ୍ରସ୍ତୁତ ହୋଇପଡେ । କିନ୍ତୁ ଲଓ୍ୱାମା ଅବସ୍ଥାରେ ସେ ନିଜକୁ ସମ୍ଭାଳି ନିଏ । କ୍ରମଶଃ......

(ବହଓ୍ୱାଲା ଅଖ୍‌ବାର୍ ବଦର୍, ୨୨ ନଭେମ୍ବର୍ ୨୦୧୮)

---

*ପୃଷ୍ଠା- ୧ ର ଅବଶିଷ୍ଟାଂଶ ...*

(ସମସ୍ତ ଦୟାଳୁ ମାନଙ୍କଠାରୁ)ଙ୍କ ତରଫରୁ ଏ ସୁଯୋଗ ଦିଆଗଲା କି ଯଦି କିଏ ସେମାନଙ୍କ ମଧ୍ୟରୁ ମୁସଲ୍‌ମାନ୍ ହୋଇଯାଆନ୍ତି ତେବେ ତାହାର ବିଗତ ଅପରାଧ ଯେଉଁଥିପାଇଁ ସେ ମୃତ୍ୟୁ ଦଣ୍ଡ ପାଇବାର ଥିଲା, ତାକୁ କ୍ଷମା କରିଦିଆଯିବ । ସୁତରାଂ କେଉଁଠି ଏପରି ଦୟା ଏବଂ ଆଉ କେଉଁଠି ଜୋର୍ ଜବରଦସ୍ତି ।

(୨)କିଛି ଅବୋଧ ମୋ ଉପରେ ଆରୋପ ଲଗାଉଛନ୍ତି, ଯେପରି ମନାର୍‌ର ମାଲିକ ମଧ୍ୟ ଲଗାଇଛନ୍ତି ଯେ ଏହି ବ୍ୟକ୍ତି ଇଂରେଜଙ୍କ ଦେଶରେ ରହୁଅଛି, ସେଥିଯୋଗୁ ଜିହାଦ୍ କରିବା ପାଇଁ ମନା କରୁଅଛି । ଏ ଅବୋଧ ଜାଣନ୍ତି ନାହିଁ କି ଯଦି ମୁଁ ଏହି ସରକାରକୁ ଖୁସି କରାଇବା ପାଇଁ ଚାହୁଁଥାନ୍ତି ତେବେ ମୁଁ ବାରମ୍ବାର କାହିଁକି ଏକଥା କହିଥାନ୍ତି କି ଇସା ଇବ୍‌ନେ ମରିୟମ୍ କୃଶରୁ ମୁକ୍ତି ପାଇ ନିଜର ପ୍ରାକୃତିକ ମୃତ୍ୟୁକୁ ଶ୍ରୀନଗର କଶ୍ମୀରଠାରେ ବରଣ କଲେ ଓ ନା ତ ସେ ଇଶ୍ୱର ଥିଲେ ଓ ନା ସେ ଇଶ୍ୱରଙ୍କର ପୁତ୍ର ଥିଲେ । କଣ ଧାର୍ମିକ ଇଂରେଜମାନେ ମୋର ଏହି (ଉପରୋକ୍ତ) ବାକ୍ୟ ଦ୍ୱାରା କ୍ରୋଧିତ ହେବେନାହିଁ ? ତେଣୁ ଶୁଣି ରଖ ହେ ଅବୋଧମାନେ ! ମୁଁ ଏହି ସରକାରଙ୍କର କୌଣସି ଖୋସାମଦ କରୁନାହିଁ ବରଂ ଅସଲ କଥା ଏହା ହେଉଛି କି ଏପରି ସରକାର ଯିଏ ଇସ୍‌ଲାମ୍ ଧର୍ମ ଓ ତଥାକଥିତ ଧର୍ମ ଉପରେ କୌଣସ ହସ୍ତକ୍ଷେପ କରୁନାହିଁ ଏବଂ ନା ନିଜ ଧର୍ମକୁ ବିକାଶ କରିବା ପାଇଁ ଆମ ଉପରେ ତରବାରି ଚଳାଉଛନ୍ତି (ତେଣୁ) ପବିତ୍ର କୋରାନ୍ ଦୃଷ୍ଟିକୋଣରୁ ଧର୍ମ ଯୁଦ୍ଧ କରିବା ହରାମ୍ ଅଟେ କାରଣ ସେମାନେ ମଧ୍ୟ କୌଣସି ଧର୍ମଯୁଦ୍ଧ କରୁନାହାଁନ୍ତି । ସେଥିଯୋଗୁ ତାଙ୍କୁ ଧନ୍ୟବାଦ ଦେବା ଆମପାଇଁ ଜରୁରୀ ଅଟେ କି ଆମେ ନିଜର କାର୍ଯ୍ୟକୁ ମକ୍କା ଓ ମଦିନାରେ ମଧ୍ୟ କରିପାରିନଥାନ୍ତୁ କିନ୍ତୁ ତାଙ୍କ ଦେଶରେ (କରୁଅଛୁ) । ଏହା ଇଶ୍ୱରଙ୍କ ତରଫରୁ ଉଦ୍ଦିଷ୍ଟ ଥିଲା ଯେ ମୋତେ ଏ ଦେଶରେ ସେ ଜନ୍ମ କରିଛନ୍ତି । ତେଣୁ ମୁଁ କଣ ଇଶ୍ୱରଙ୍କ ନିୟତିର ବିରୋଧ କରିବି । ଯେପରିକି ପବିତ୍ର କୋରାନ୍‌ରେ ଏହି ଆୟତ ଅଛି- *ଓ୍ୱ ଆଓ୍ୱଇ ନା ହୁମା ଇଲା ରବ୍‌ଓ୍ୱତିନ୍ ଜାତେ କରାରିଉଁ ଓ୍ୱ ମଇନ୍* (ମୁମିନୁନ୍:୫୧) ରେ ଅଲ୍ଲାଃତାଲା ଆମକୁ ଏକଥା ବୁଝାଉଛନ୍ତି କି କୃଶ ଘଟଣା ପରେ ଆମେ ଇସା ମସିହ୍‌ଙ୍କୁ କୃଶୀୟ ଦୁଃଖରୁ ମୁକ୍ତି ଦେଇ ତାଙ୍କୁ ଓ ତାଙ୍କ ମାଆଙ୍କୁ ଏପରି ଏକ ଉଚ୍ଚା ମୁଣ୍ଡିଆ ଉପରେ ସ୍ଥାନ ଦେଇଥିଲୁ ଯାହା ଆରାମର ସ୍ଥାନ ଥିଲା । ଓ ସେଥିରେ ଝରଣା ବହୁଥିଲା ଅର୍ଥାତ୍ ଶ୍ରୀନଗର କଶ୍ମୀର୍ । ସେହିପରି ଇଶ୍ୱର ମୋତେ ଏହି ସରକାରଙ୍କ ଉଚ୍ଚ ପାହାଡ ଉପରେ ସ୍ଥାନ ଦେଇଛନ୍ତି ଯେଉଁ ପର୍ଯ୍ୟନ୍ତ ବିଭ୍ରାଟକାରୀଙ୍କର ହାତ ପହଂଚି ପାରିବ ନାହି, ଯାହା ଆରାମର ସ୍ଥାନ ଅଟେ ଏବଂ ଏହି ଦେଶରେ ସଚ୍ଚା ଜ୍ଞାନର ଝରଣା ବହିଚାଲିଛି ଏବଂ ବିଭ୍ରାଟକାରୀଙ୍କ ଆକ୍ରମଣରୁ ଏହା ଶାନ୍ତି ଓ ସୁରକ୍ଷାରେ ଅଛି । ତେବେ ପୁଣି କଣ ଏହା ଜରୁରୀ ନଥିଲା ଯେ ଆମେ ଏହି ସରକାରଙ୍କ ଅନୁଗ୍ରହର କୃତଜ୍ଞତା ଜ୍ଞାପନ ନକରିଥାନ୍ତୁ । ମିନ୍‌ହୁ ।

**EDITOR**
**Qamarul Haque Khan**
**Sub-Editor : Maqsood Ali Khan**
Mob : (+91) 9437128786
e-mail :odiabadar@gmail.com

**REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750**

*The Weekly Qadian* **BADAR** ସାପ୍ତାହିକ ବଦର କାଦିଆନ

Distt: Gurdaspur (Pb.) INDIA Qadian - 143516

**Postal Reg. No.GDP-40/2017-2019 Vol.4 Thursday 03-10 January 2018 Issue No.1-2**

**MANAGER**
NAWAB AHMAD
Tel : +91 -1872-224757
Mobile. : +91 - 94170-20616
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.500/- (Per Issue:Rs.9/-) (**WEIGHT** - 20-50gms/issue)

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ବେଲ୍‌ଜିୟମ୍ ଗସ୍ତ - (ସେପ୍ଟେମ୍ବର ୨୦୧୮)

**୧୬ ସେପ୍ଟେମ୍ବର ୨୦୧୮ (ରବିବାର)**
**(ହଜୁର୍ ଅନୁଓ୍ୱର୍‌ଙ୍କ ଅଭିଭାଷଣର ବଳକା ଅଂଶ)**

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ:- ସୁତରାଂ ଅଲ୍ଲାଃତାଲାଙ୍କ ସହିତ ପ୍ରେମଭାବ ରଖିବା ଜରୁରୀ ଅଟେ । ପୁଣି ନିଜର ବୟତ୍ ସମ୍ବନ୍ଧରେ ଜମାତ୍‌ର ସଦସ୍ୟମାନଙ୍କୁ ତକ୍‌ଓ୍ୱାରେ ପରିଚାଳିତ ହେବାପାଇଁ ଉପଦେଶ ଦେଇ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି:- ''ଆମ ଜମାତ୍ ପାଇଁ ବିଶେଷ ରୂପେ ତକ୍‌ଓ୍ୱା (ଧର୍ମପରାୟଣ ହେବା)ର ବିଶେଷ ଆବଶ୍ୟକ ରହିଛି । କାରଣ ସେମାନେ ଏପରି ଜଣେ ବ୍ୟକ୍ତିଙ୍କ ସହିତ ସମ୍ପର୍କ ରଖିଛନ୍ତି ଓ ତା ସିଲ୍‌ସିଲା ବୟତ୍‌ରେ ଦାଖଲ୍ ହୋଇଛନ୍ତି ଯାହାର ଦାବୀ ହେଉଛି ମାମୁରିୟତ୍ (ଇଶ୍ୱରଙ୍କ ନିକଟରୁ ପ୍ରେରିତ ହୋଇଥିବା ସୁଧାରକ ଓ ସଂସ୍କାରକ)ର ଦାବୀ । ଫଳତଃ ଯେଉଁ ଲୋକମାନେ ଯେକୌଣସି ପ୍ରକାରର ବିଦ୍ୱେଷ ଭାବ, କପଟତା ବା ଶିର୍କ୍ (ଏକେଶ୍ୱରବାଦକୁ ଛାଡି ଅନେକ ଇଶ୍ୱର ଗ୍ରହଣ କରିବା) ଲିପ୍ତ ରହିଥିଲେ ବା ସାଂସାରିକ ମାୟା ମୋହରେ ପଡିଥିଲେ, ସେମାନେ ଉକ୍ତ ସମସ୍ତ ବିପତିରୁ ମୁକ୍ତି ପାଇଯାଆନ୍ତୁ'' । ପୁଣି କହୁଛନ୍ତି ''ଆପଣମାନେ ଜାଣିଛନ୍ତି କି ଯଦି କେହି ବ୍ୟକ୍ତି ବେମାର ପଡ଼ିଯାଏ ତାହା ଛୋଟ ରୋଗ ହେଉ ବା ବଡ, ଯଦି ସେହି ରୋଗ ନିମନ୍ତେ ଔଷଧ କରାନଯାଏ ଓ ତା ଉପଚାର ପାଇଁ କଷ୍ଟ ଉଠା ନଯାଏ ସେପର୍ଯ୍ୟନ୍ତ ରୋଗ ଭଲ ହୋଇପାରେନାହିଁ । ଗୋଟିଏ କଳା ଦାଗ ମୁହଁରେ ବାହାରି ବହୁତ ବଡ ଚିନ୍ତାର କାରଣ ହୋଇଯାଏ କି କାଳେ ଏହି ଦାଗଟି ବଢ଼ିବଢ଼ି ସମ୍ପୂର୍ଣ୍ଣ ମୁହଁଟିକୁ କଳା ନକରିଦେଉ । ସେହିପରି ପାପର ମଧ୍ୟ ଗୋଟିଏ କଳାଦାଗ ହୃଦୟରେ ଲାଗିଯାଏ । ପାପର, ଦୁର୍ବଳତାର ଗୋଟିଏ ଦାଗ ହୃଦୟରେ ପଡିଯାଏ । ଯଦି ତା'ର ଉପଚାର କରାନଯାଏ ତେବେ ତାହା ଧିରେଧିରେ ବଡ ହୋଇଚାଲିବ । କହୁଛନ୍ତି କି ''ଛୋଟ ଛୋଟ ପାପ ଅବହେଳା ଯୋଗୁ ବଡ ବଡ ପାପରେ ପରିଣତ ହୋଇଯାଏ'' । ଯଦି ଛୋଟ ଛୋଟ ପାପଗୁଡିକ ଉପରେ ଧ୍ୟାନ ନଦେବ, ଅବହେଳା କରିବ ତେବେ ତାହା ବଡ ପାପରେ ପରିଣତ ହୋଇଯିବ, ସେଗୁଡିକ ଯେତେ ଛୋଟ ପାପ ହୋଇଥାଉ ନା କାହିଁକି । କହୁଛନ୍ତି କି ''ସଗାଇର୍ (ଛୋଟ ଛୋଟ ପାପ) ହେଉଛନ୍ତି ସେହି ଛୋଟ ଦାଗ ଯାହା ବଢ଼ି ବଢ଼ି ପରିଶେଷରେ ସମ୍ପୂର୍ଣ୍ଣ ଚେହେରାଟିକୁ କଳା କରିଦିଏ'' । କିଛି ଏପରି ଦୁର୍ବଳତା ରହିଛି, କିଛି ଜିନିଷକୁ ମନୁଷ୍ୟ ଭାବୁଥାଏ କି ଏଥିରେ କୌଣସି କଥା ନାହିଁ, ଏହା ତ ମାମୁଲି ଜିନିଷ । କହୁଛନ୍ତି କି ମାମୁଲି ଭାବନାହିଁ, ଏହା ବଡପାପ ହୋଇଯିବ ଓ ଯେଉଁଭଳି ଗୋଟିଏ ଦାଗ ସମ୍ପୂର୍ଣ୍ଣ ମୁହଁଟିକୁ କଳା କରିଦିଏ ସେହିପରି ସେହି ମାମୁଲି ପାପ ଗୁଡିକ ବଡ ପାପରେ ପରିଣତ ହୋଇ ତୁମକୁ କଳା କରିଦେବ । ଯଦି ଛୋଟ ଛୋଟ କୁକର୍ମ ଏବଂ ଦୋଷ ଦୁର୍ବଳତା ଗୁଡିକୁ ଦୂର କରିବା ପ୍ରତି ଧ୍ୟାନ ନଦେବ ତେବେ ଏହା ବଡ ପାପ ହୋଇଯିବ ଓ ଏଥିଯୋଗୁ ମନୁଷ୍ୟର ସମ୍ପୂର୍ଣ୍ଣ ଚେହେରା ମଧ୍ୟ କଳା ହୋଇଯିବ । ହୃଦୟ ମଧ୍ୟ କଳା ହୋଇଯିବ । ପୁଣି କହୁଛନ୍ତି କି ''ଅଲ୍ଲାଃତାଲା ହେଉଛନ୍ତି ରହିମ୍ ଏବଂ କରିମ୍ (ଅଶେଷ ଦୟାଳୁ ଓ କୃପାଳୁ) ସେହିପରି ସେ କ୍ରୋଧି ଓ ପ୍ରତିଶୋଧ ପରାୟଣ ମଧ୍ୟ'' । ଗୋଟିଏ ପଟେ ତ ଅଲ୍ଲାଃତାଲା ହେଉଛନ୍ତି ଅଶେଷ ଦୟାଳୁ, ସଦା କରୁଣାମୟ, ବହୁତ କୃପାକାରୀ, ବହୁତ ପ୍ରଦାନକାରୀ ଏବଂ ଅନ୍ୟପଟେ ଅଲ୍ଲାଃତାଲା ଅତ୍ୟନ୍ତ କ୍ରୋଧୀ ମଧ୍ୟ ଅଟନ୍ତି, ପ୍ରତିଶୋଧ ପରାୟଣ ମଧ୍ୟ ଅଟନ୍ତି । ଯେଉଁମାନେ ପାପ କରିଥାନ୍ତି ସେମାନଙ୍କୁ ଦଣ୍ଡ ମଧ୍ୟ ଦିଅନ୍ତି । କହୁଛନ୍ତି କି ''ଗୋଟିଏ ଜମାତ୍‌କୁ ସେ ଦେଖୁଛନ୍ତି ଯେ ତାର ଦାବୀ ଓ କଥା ତ ବହୁତ କିଛି ଅଛି କିନ୍ତୁ ତା'ର କାର୍ଯ୍ୟ କରିବାର ଅବସ୍ଥା ସେପରି ନାହିଁ, ତେଣୁ ତାର କ୍ରୋଧ ବଢ଼ିଯାଇଥାଏ'' । ଏ ଦାବୀ ତ କରୁଛନ୍ତି ଆମେ ବୟତ କରିସାରିଛୁ ଓ ଏହି ଯୁଗର ଇମାମ୍‌ଙ୍କୁ ମାନି ସାରିଛୁ । ଆମେ ଆଁ ହଜ୍‌ରତ୍ ସ:ଆ:ସଙ୍କ ସଚ୍ଚା ଗୁଲାମ୍‌କୁ ମାନି ନେଇଛୁ, ଆମେ ଏ ସଂସାରକୁ ଦୀନ୍ ଶିଖାଇବୁ । ଆମେ ଏ ସଂସାର ଉପରେ ଇସ୍‌ଲାମ୍‌ର ବିଜୟ ନିମନ୍ତେ ଯଥାସମ୍ଭବ ଚେଷ୍ଟା କରିବୁ କିନ୍ତୁ ଯଦି ଅମଳ (କାର୍ଯ୍ୟରେ ଏପରି) ନାହିଁ ତେବେ ଏହା କେବଳ ମୁହଁରୁ ବାହାରୁଥିବା କଥା । ପୁଣି କହୁଛନ୍ତି କି ଏହାଦ୍ୱାରା ତୁମେ ଅଲ୍ଲାଃତାଲାଙ୍କର କ୍ରୋଧକୁ ବଢ଼ାଇବାର କାରଣ ହେବ । କହୁଛନ୍ତି ''ପୁଣି ଏପରି ଜମାତ୍‌କୁ ଦଣ୍ଡ ଦେବାପାଇଁ ସେ କୁଫ୍‌ଫାର୍ (ଅମାନ୍ୟକାରୀ ଗୋଷ୍ଠୀ)ଙ୍କୁ ନିୟୋଜିତ କରିଥାଏ'' । କହୁଛନ୍ତି ''ଯେଉଁ ଲୋକମାନେ ଇତିହାସ ସହିତ ପରିଚିତ ସେମାନେ ଜାଣିଛନ୍ତି କି ଅନେକଥର ମୁସଲ୍‌ମାନ୍‌ମାନେ କାଫିର୍‌ଙ୍କ ଠାରୁ ହାରିଛନ୍ତି, ଯେପରି ଚଙ୍ଗେଜ୍ ଖାନ୍ ଏବଂ ହଲାକୁ ଖାନ୍ ମୁସଲ୍‌ମାନ୍ ମାନଙ୍କୁ ଧ୍ୱଂସ କରିଥିଲେ । ଯେବେ କି ଅଲ୍ଲାଃତାଲା ମୁସଲ୍‌ମାନ୍ ମାନଙ୍କୁ ସାହାଯ୍ୟ ସହଯୋଗ କରିବା ପାଇଁ ପ୍ରତିଶୃତି ଦେଇଛନ୍ତି'' । ଅଲ୍ଲାଃତାଲାଙ୍କ ମୁସଲ୍‌ମାନ୍‌ଙ୍କ ସହିତ ଏ ପ୍ରତିଶୃତି ଥିଲା କି ଯଦି ତୁମ ଉପରେ କିଏ ଆକ୍ରମଣ କରିବ, ତୁମକୁ କେହି କ୍ଷତି ପହଂଚାଇବା ପାଇଁ ଚେଷ୍ଟା କରିବ ତେବେ ମୁଁ ତୁମକୁ ସାହାଯ୍ୟ କରିବି । କିନ୍ତୁ କଣ ହେଲା ! ମୁସଲ୍‌ମାନ୍‌ମାନେ କାଫିର୍‌ମାନଙ୍କ ଦ୍ୱାରା ଦୁଃଖ ଉଠାଇଲେ । ଏଥିପାଇଁ କି ତାଙ୍କର ଅମଳ ଠିକ୍ ନଥିଲା । ଆପଣ ଆ:ସ କହୁଛନ୍ତି କି ''ଯେବେ କି ଅଲ୍ଲାଃତାଲା ମୁସଲ୍‌ମାନଙ୍କ ସହିତ ସାହାଯ୍ୟ ସହଯୋଗ କରିବାର ପ୍ରତିଶୃତି ଦେଇଛନ୍ତି କିନ୍ତୁ ପୁଣି ମଧ୍ୟ ମୁସଲ୍‌ମାନ୍‌ମାନେ ହାରିଲେ । ଆଜିକାଲି ମଧ୍ୟ ଏ ଯୁଗରେ ଆମେ ଏହା ଦେଖିବାକୁ ପାଉଛୁ । ପ୍ରତ୍ୟେକ ମୁସଲ୍‌ମାନ ଦେଶ କୌଣସି ନା କୌଣସି ଅଣ ମୁସ୍‌ଲିମ୍ ଦେଶଗୁଡିକ ସମ୍ମୁଖରେ ନତ ମସ୍ତକ ହେଉଛି । ତାଙ୍କଠାରୁ ସାହାଯ୍ୟ ଲୋଡୁଛି ଓ ସେମାନଙ୍କ ସାହାଯ୍ୟ ସହଯୋଗ ଦ୍ୱାରା ନିଜ ମୁସଲ୍‌ମାନ୍ ମାନଙ୍କୁ ହତ୍ୟା କରୁଛନ୍ତି, ନିରୀହ ମାନଙ୍କୁ ହତ୍ୟା କରୁଛନ୍ତି ଓ ଛୋଟଛୋଟ ପିଲାମାନଙ୍କୁ ହତ୍ୟା କରୁଛନ୍ତି ଏବଂ ମହିଳାମାନଙ୍କୁ ହତ୍ୟା କରୁଛନ୍ତି । ଏହା ସବୁ କ'ଣ ! କଣ ଇସ୍‌ଲାମ୍‌ର ଏପରି ଶିକ୍ଷା ଥିଲା କି ନିରୀହମାନଙ୍କୁ ହତ୍ୟା କର ? ଆଁ ହଜ୍‌ରତ୍ ସ:ଆ:ସ ତ ରହ୍‌ମତୁଲ୍ ଲିଲ୍ ଆଲମିନ୍ (ସାରା ଜଗତପାଇଁ କରୁଣାମୟ) ଥିଲେ । ବର୍ତମାନ ଏପରି ନମୁନା ଦେଖାଉଛନ୍ତି, ତେବେ ଏହାର ଫଳ କଣ ବାହାରୁଛି । ପୁଣି ଅଣ ଇସ୍‌ଲାମୀୟ ବଡ ବଡ ରାଷ୍ଟ୍ରଗୁଡିକ, ବଡ ବଡ ଶକ୍ତି ଏମାନଙ୍କ ଉପରେ ନିଜର ସର୍ତଗୁଡିକୁ ଥାପୁଛନ୍ତି ଏବଂ ସେମାନେ ଯାହା ଚାହୁଁଛନ୍ତି ଏମାନେ ତାହା କରିବା ପାଇଁ ବାଧ୍ୟ ହେଉଛନ୍ତି । ଏହି ମୁସଲ୍‌ମାନ ରାଷ୍ଟ୍ରମାନଙ୍କର ସାଧନ, ପ୍ରାକୃତିକ ସମ୍ପଦ ଓ ଧନ ଦୌଲତ ଉପରେ ସେହି ଶକ୍ତିଶାଳୀ ରାଷ୍ଟ୍ରଗୁଡିକର କବ୍‌ଜା ହୋଇସାରିଛି । କହୁଛନ୍ତି ''ଏହି ପ୍ରକାରର ଅବସ୍ଥା ବେଳେବେଳେ ହୋଇଥାଏ । ଏହାର କାରଣ ହେଉଛି ଏହା କି ଯେତେବେଳେ ଅଲ୍ଲାଃତାଲା ଏହା ଦେଖିଥାନ୍ତି ଯେ ଜିହ୍ୱା ଲା ଇଲାହା ଇଲଲ୍ଲାହା ତ ପାଠ କରୁଛି କିନ୍ତୁ ସେମାନଙ୍କର ହୃଦୟ ଆଉ ଅନ୍ୟ ଆଡକୁ ରହିଛି ଏବଂ ନିଜର କର୍ମଦ୍ୱାରା ସେମାନେ ସମ୍ପୂର୍ଣ୍ଣ ରୂପେ ସାଂସାରିକ ହୋଇସାରିଛନ୍ତି । ତେଣୁ ପୁଣି ଇଶ୍ୱରଙ୍କର କ୍ରୋଧ ନିଜ ରୂପ ଦେଖାଇଥାଏ ।

ପୁଣି କହୁଛନ୍ତି କି ''ଇଶ୍ୱର ଭୟ ଏଥିରେ ଅଛି କି ମଣିଷ ଏକଥା ଦେଖୁ ଯେ ତା'ର କଥା ଓ କାର୍ଯ୍ୟ କେତେ ମାତ୍ରାରେ ଗୋଟିଏ ଅନ୍ୟ ସହିତ ମେଳ ରଖୁଛି । ପୁଣି ଯେତେବେଳେ ସେ ଏହା ଦେଖିବ ଯେ ତା'ର କଥା ଓ କାର୍ଯ୍ୟରେ ସମାନତା ନାହିଁ, ତେବେ ସେ ବୁଝିଯାଉ ଯେ ଇଶ୍ୱରଙ୍କ କ୍ରୋଧ ତା ଉପରେ ହେବ । ଯେଉଁ ହୃଦୟ ଅପବିତ୍ର ତା'ର କଥା ଯେତେ ପବିତ୍ର ହେଲେ ମଧ୍ୟ ସେହି ହୃଦୟ ଇଶ୍ୱରଙ୍କ ଦୃଷ୍ଟିରେ ମୂଲ୍ୟହୀନ'' ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଏହା ବହୁତ ଚିନ୍ତା କରିବାର କଥା, ବହୁତ ଧ୍ୟାନ ଦେବାର କଥା କି ନିଜର ହୃଦୟକୁ ପରଖନ୍ତୁ । ପ୍ରତ୍ୟେକ ବ୍ୟକ୍ତି ନିଜ ନିଜର ମନକୁ ପରଖିପାରିବେ । ଯଦି ହୃଦୟ ଅପବିତ୍ର ତେବେ ପୁଣି ମନଇଛା ଯେତେ ଭଲ କଥା କହୁଥିଲେ ମଧ୍ୟ ଇଶ୍ୱରଙ୍କ ଦୃଷ୍ଟିକୋଣରେ ତା'ର କୌଣସି ମୂଲ୍ୟ ନାହିଁ । କହୁଛନ୍ତି ବରଂ ଇଶ୍ୱରଙ୍କ କ୍ରୋଧ ଭଡକିବ ବରଂ ଏତିକି ନୁହେଁ ଯେ କେବଳ ମୂଲ୍ୟ ନାହିଁ ତାହା ଅଲ୍ଲାଃତାଲାଙ୍କ କ୍ରୋଧକୁ ଆହୁରି ଭଡକାଇବା ବାଲା ହେବ । ଏହାଦ୍ୱାରା ଅଲ୍ଲାଃତାଲା ନାରାଜ ହେବେ । ସୁତରାଂ କହୁଛନ୍ତି ''ତେଣୁ ମୋ ଜମାତ୍ ଏହା ଜାଣିନେଉ ଯେ ସେମାନେ ମୋ ନିକଟକୁ ଆସିଛନ୍ତି । ଏଥିପାଇଁ କି ଚାରା ରୋପଣ କରାଯିବ ଯଦ୍ୱାରା ସେ ଫଳନ୍ତି ଗଛ ହୋଇଯିବ । ତେଣୁ ପ୍ରତ୍ୟେକ ବ୍ୟକ୍ତି ନିଜ ଭିତରକୁ ଅନୁଶୀଳନ କରିନେଉ ଯେ ତାର ଅନ୍ତର କିପରି ଅଛି ଓ ତାର ଅନ୍ତରର ଅବସ୍ଥା କ'ଣ'' । କହୁଛନ୍ତି ''ଯଦି ଆମ ଜମାତ୍ ମଧ୍ୟ ଇଶ୍ୱର ନକରନ୍ତୁ ସେହିପରି କି ତା ମୁହଁରେ କିଛି ଓ ମନରେ ଆଉକିଛି ଅଲଗା ତେବେ ପୁଣି ଖାତ୍‌ମା ବିଲ୍ ଖଏର୍ (ଶେଷ ପରିଣାମ ଠିକ୍) ହେବନାହିଁ । ଅଲ୍ଲାଃତାଲା ଯେବେ ଦେଖେ କି ଗୋଟିଏ ଜମାତ୍ ଯାହା ହୃଦୟରୁ ଖାଲି ଏବଂ ମୁହଁ ଦାବୀ କରିଚାଲିଛି ତେବେ ସେ (ଇଶ୍ୱର) ହେଉଛନ୍ତି ଗନି (ସ୍ୱୟଂ ସମ୍ପନ୍ନ) ଏବଂ ସେ କାହାର ପରବାୟ କରେନାହିଁ । କହୁଛନ୍ତି କି ''ଦେଖନ୍ତୁ ବଦର୍ ଯୁଦ୍ଧର ବିଜୟର ଭବିଷ୍ୟବାଣୀ ହୋଇସାରିଥିଲା । ପ୍ରତ୍ରେକ ପ୍ରକାରର ବିଜୟର ଆଶା ଥିଲା । ଅଲ୍ଲାଃତାଲାଙ୍କର ଆଁ ହଜ୍‌ରତ୍ ସ:ଆ:ସଙ୍କ ସହିତ ଏ ପ୍ରତିଶୃତି ଥିଲା ଯେ ମୁଁ ବିଜୟ କରାଇବି କିନ୍ତୁ ପୁଣି ମଧ୍ୟ ଆଁ ହଜ୍‌ରତ୍ ସ:ଆ:ସ କାନ୍ଦି କାନ୍ଦି ପ୍ରାର୍ଥନା କରୁଥିଲେ । ହଜ୍‌ରତ୍ ଅବୁ ବକର୍ ସିଦ୍ଦିକ୍ ର:ଅ କହିଲେ କି ଯେବେ ପ୍ରତ୍ୟେକ ପ୍ରକାରର ବିଜୟର ପ୍ରତିଶୃତି ଦିଆଯାଇଛି ତେବେ ଏତେ ଚିତ୍କାର କରିବାର ଆବଶ୍ୟକ କଣ ଅଛି ? ଏତେ କାନ୍ଦିବାର କଣ ଆବଶ୍ୟକତା ଅଛି ? ଏତେ ବ୍ୟସ୍ତ ହେବାର କଣ ଆବଶ୍ୟକତା ଅଛି । ଆଁ ହଜ୍‌ରତ୍ ସ:ଆ:ସ କହିଲେ- ସେହି ଅସ୍ତିତ୍ୱ (ଅର୍ଥାତ୍ ଇଶ୍ୱରଙ୍କର ସତା) ହେଉଛି ସ୍ୱୟଂ ସମ୍ପନ୍ନ । ତେଣୁ ସମ୍ଭବତଃ ଇଶ୍ୱରଙ୍କ ପ୍ରତିଶୃତିର କୌଣସି ଲୁକ୍କାୟିତ ସର୍ତ ଥିବ, ଯାହା ମୋ ଉପରେ ପ୍ରକାଶିତ ହୋଇନଥିବ ଏବଂ ବା ତୁମମାନଙ୍କ ପାଇଁ ଥିବ ଓ ପୂରଣ

*ଅବଶିଷ୍ଟାଂଶ ପୃଷ୍ଠା-୧୫ ରେ ଦେଖନ୍ତୁ...*

**Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of the Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan**